
ହୃଦୟ-43

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ପ୍ରଥମ ମହକ ❁ ଅଷ୍ଟମ ପୁଷ୍ପ ❁ ଷଷ୍ଠ ପାଖୁଡ଼ା ❁ ତ୍ରିଚତ୍ୱାରିଂଶତମ ସଂଖ୍ୟା ❁

ସଂପାଦକ : କେଶବ ଦାସ

ପ୍ରକାଶକ : କେଶବ ସାମଲ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୬୨୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିः କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❁ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❁

❋ କେଶବାବ୍ଦ : ଷଟ୍‌ପଞ୍ଚାଶଦ୍ ❋ ମର୍ତ୍ତ୍ୟାବତରଣ ମାସ ❋ କୁମାର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଅଷ୍ଟମ ପୁଷ୍ପ ❋
ଷଷ୍ଠ ପାଖୁଡ଼ା
ତ୍ରିଚତ୍ୱାରିଂଶତମ ସଂଖ୍ୟା

ପୁନର୍ମୁଦ୍ରଣ - ୨୦୧୩

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ

❖ ବୈଦିକ ପ୍ରାର୍ଥନା ❖

ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ପ୍ରଭୁପାଦ ପଦ୍ମ ବନ୍ଦନା | ୧ |
| **ସିଂହଦ୍ୱାର** | |
| ତତ୍ତ୍ୱମାଳିକା ଭଜନ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୭ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୦ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୧ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୪ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟି : | ୧୯ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୨ |
| ଜିଜ୍ଞାସା : ଜିଜ୍ଞାସୁ : | ୨୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୧ |
| କଲ୍ୟାଣ ଦେଲି ତୋତେ ' | ୩୩ |
| କେଶବ କୈବଲ୍ୟ କଣିକା | ୩୫ |
| **ନୀଳଚକ୍ର** | |
| ଚରମର ସଙ୍କେତ : କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ | ୩୭ |
| ଆଶ୍ରମ ସନ୍ଦେଶ | ୪୩ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର     ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ     ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ     ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା     ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ



ରଷିକେଶ ହୃଷିକେଶ କେଶବ ଚରମପିତ
ପୀତବାସ ଯଦୁନାଥ ତନୟ ସୁକାନ୍ତି ସୁତ ।
ସ୍ୱର୍ଣ୍ଣକ୍ଷେତ୍ରାଧୀଶ ଦେବ ଦେବେଶ କଲ୍ୟାଣପ୍ରଦ
ପାତୁ ନଃ ସର୍ବ ସଂକଟାଦ୍ ବ୍ରହ୍ମରୂପଂ ଭଜାମ୍ୟହମ୍ ॥

## ମଙ୍ଗଳାଚରଣ

## ପ୍ରଭୁପାଦ ପଦ୍ମ ବନ୍ଦନା

ପ୍ରଭୁପାଦ ପଦ୍ମ ବନ୍ଦନା କରେ ।
ପ୍ରଭୁପାଦ ମୂର୍ତ୍ତି ହୃଦରେ ଧରେ ॥
ପ୍ରଭୁପାଦ ପଦ୍ମ କରେ ବନ୍ଦନ ।
ପ୍ରଭୁପାଦ ପୀଠେ ହୃଦ ଚନ୍ଦନ ॥
ପ୍ରଭୁପାଦ ପଦ୍ମ ଭରସା ମୋର ।
ପ୍ରଭୁପାଦ ଯୁଗ୍ମ ରସ ସାଗର ॥
ପ୍ରଭୁପାଦ ପଦ୍ମ ମଧୁ ଚାଖେ ରସନା ।
ପ୍ରଭୁପାଦ ପଦ୍ମ ବେନି କରେ ବନ୍ଦନା ॥
ପ୍ରଭୁପାଦ ପଦ୍ମ ପୀଠ ଚରମ ଧାମ ।
ପ୍ରଭୁପାଦ ପୀଠେ ବସି ଗାଏ ମୁଁ ନାମ ॥
ପ୍ରଭୁପାଦ ପଦ୍ମ ବେନି ପ୍ରଣାମ ନିଏ ।
ପ୍ରଭୁପାଦ ପଦ୍ମ ମୋତେ କଲ୍ୟାଣ ଦିଏ ॥
ପ୍ରଭୁପାଦ ପଦ୍ମ ଧ୍ୟାନର ମୂଳ ।
ପ୍ରଭୁପାଦ ପଦ୍ମେ ବିଭୁତି ଠୁଳ ॥
ପ୍ରଭୁପାଦ ପଦ୍ମ ଜ୍ଞାନ ସାଗର ।
ପ୍ରଭୁପାଦ ହୃଦେ ଦୃଢ଼ରେ ଧର ॥
ପ୍ରଭୁପାଦ ପଦ୍ମ ତ୍ରିତାପ ନାଶେ ।
ପ୍ରଭୁପାଦ ଆଶୀର୍ବାଦ ବରଷେ ॥
ପ୍ରଭୁପାଦ ପଦ୍ମ ପୀଠେ ଶରଣ ନିଅ ।
ପ୍ରଭୁପାଦ ପଦ୍ମ ପୀଠେ ଅଞ୍ଜଳି ଦିଅ ॥
ପ୍ରଭୁପାଦ ପଦ୍ମ ବେନି ଧ୍ୟାନରେ ରଖ ।
ପ୍ରଭୁପାଦ ପଦ୍ମ ମଧୁ ଅଧରେ ଚାଖ ॥
ପ୍ରଭୁପାଦ ପଦ୍ମ ଧ୍ୟାୟି କର ଆରତି ।
ପ୍ରଭୁପାଦ ପଦ୍ମ ପୀଠେ ଢ଼ାଳ ପ୍ରଣତି ॥



ପ୍ରଭୁପାଦ ପଦ୍ମ ବେନି ବନ୍ଦାଅ ନିତି ।
ପ୍ରଭୁପାଦ ପଦ୍ମୁଁ ଶିଖ ଧରମ ନୀତି ॥
ପ୍ରଭୁପାଦ ପଦ୍ମ ଯୁଗ୍ମ ସେବାରେ ମାତି ।
ପ୍ରଭୁପାଦ ପଦ୍ମ ଚିନ୍ତି ବିତାଅ ରାତି ॥
ପ୍ରଭୁପାଦ ପଦ୍ମ ଦିଏ ଜ୍ୟୋତି ଦର୍ଶନ ।
ପ୍ରଭୁପାଦ ପଦ୍ମୁଁ ଶୁଣ ଆଶୀର୍ବଚନ ॥
ପ୍ରଭୁପାଦ ପଦ୍ମ କର ଚିନ୍ତନ ।
ପ୍ରଭୁପାଦ ନାମ କର ମନନ ॥
ପ୍ରଭୁପାଦ ନିତି ସ୍ମରଣ କର ।
ପ୍ରଭୁପାଦ ମୂର୍ତ୍ତି ହୃଦରେ ଧର ॥
ପ୍ରଭୁପାଦ ପୀଠେ ସତ୍ୟ ଉଚ୍ଚାର ।
ପ୍ରଭୁପାଦ ଥିଲେ ସକଳ ଛାର ॥
ପ୍ରଭୁପାଦ ପଦ୍ମ ଧ୍ୟାୟି ଯାଉ ଜୀବନ ।
ପ୍ରଭୁପାଦ ଏକମାତ୍ର ଜୀବ ଜୀବନ ॥
ପ୍ରଭୁପାଦ ପଦ୍ମଯୁଗ୍ମ ଭକତଧନ ।
ପ୍ରଭୁପାଦ ପଦ୍ମ ପୀଠେ ନିବେଶ ମନ ॥
ପ୍ରଭୁପାଦ ପଦ୍ମ ବେନି ପଥ ଦେଖାଏ ।
ପ୍ରଭୁପାଦ ପଦ୍ମ ଯୁଗ୍ମ ଚଲା ଶିଖାଏ ॥
ପ୍ରଭୁପାଦ ପଦ୍ମ ମୋ ପାଇଁ ସାର ।
ପ୍ରଭୁପାଦ ପଦ୍ମ ଜ୍ଞାନ ସାଗର ॥
ପ୍ରଭୁପାଦ ପଦ୍ମ ତତ୍ତ୍ୱର ଖଣି ।
ପ୍ରଭୁପାଦ ପଦ୍ମ ଚିନ୍ତାର ମଣି ॥
ପ୍ରଭୁପାଦ ପଦ୍ମ ହୃଦୟେ ଧରି ।
ପ୍ରଭୁପାଦ ପଦ୍ମ ବନ୍ଦନା କରି ॥



# ସିଂହଦ୍ୱାର

## ତତ୍ତ୍ୱ ମାଳିକା ଭଜନ

ସଂଯୋଗକୁ ସତ୍ୟ ଆସକ୍ତିରେ ରତ
          ହୋଇଲେ ସଂସାର କହି ।
ବିଯୋଗ ହୋଇଲେ ଅସତ୍ୟରେ ଥିଲେ
          ସକଳ ଯାତନା ସହି ।।୦।।
କଳ୍ପନା ସଂକଳ୍ପ ନୁହଇ ଅଳପ
          ସୃଷ୍ଟି ତହୁଁ ଥାଏ ହୋଇ ।
ସେହି କଳପନା ମଧ୍ୟରେ ସ୍ଥାପନା
          ହୋଇଛନ୍ତି କାଳ ଯାଇ ।।୧।।
ପୁରୁଷ ପ୍ରକୃତି ପିଅର ଜନନୀ
          ସ୍ୱଧର୍ମ ପାଳନ ପାଇଁ ।
ଦିବ୍ୟ ଇଚ୍ଛା ଘେନି ଖେଳୁଛନ୍ତି ବେନି
          ଏଥିରେ ସନ୍ଦେହ ନାହିଁ ।।୨।।
ସଂସାର ପଥରେ ଚାଲିଛୁ ଅଥୟେ
          ଥୟ କାହିଁ ମିଳେ ନାହିଁ ।
ଥକା ହୋଇ ତୁ'ରେ ପଡ଼ିଉଠିଧାଉଁ
          ଥୟ ପାଇବାର ପାଇଁ ।।୩।।
ଏ ନିଗମ ପଥ ବାହି ନିଜ ରଥ
          ଚାଲୁଁ ଉଠି ପୁଣି ବୁଡ଼େ ।
ବିଷୟାରେ ବୁଡ଼ି ପହଁରେ କୁହୁଡ଼ି
          ନିତିଦେଖେ ନିତି ହୁଡ଼େ ।।୪।।
ସଂସାର ପିଚ୍ଛଳ ପଥରେ କାଂଗାଳ
          ରଙ୍କରତନକୁ ଧର ।
ଧାରାଧରି ଯୋଗ ସାଧିଥିଲେ ଭୋଗ
          କରିବୁ ସୁଖେ ସଂସାର ।।୫।।

# ଭଜନ

ମନରେ ........ ନଯାଅ ଶିରୀକ୍ଷେତର
ଏକାନ୍ତରେ ବସି ନାମ ରସେ ରସି
ତର ଏ ଭବସାଗର ............. (୦)

କାଶୀବୃନ୍ଦାବନ ନ କର ଗମନ
ଗଙ୍ଗାଜଳେ ପଶି ନ କର ସ୍ନାହାନ
ସଦଗୁରୁ ସେବା କର ନିଶି ଦିବା
ସେହି ଏକା କର୍ଣ୍ଣଧାର ...........(୧)

ପାଖରେ ତୋ ଅଛି ନପାରୁଛୁ ଦେଖି
ଏ ପିଣ୍ଡର ପରା ସେହି ଏକା ସାକ୍ଷି
ଧରିତୁ ପାରିଲେ ଧରାଦେବ ତୋତେ
ନଥିବ ସମନ ଡ଼ର ...........(୨)

ହେଲେ ଗୁରୁଦୟା କଟିଯିବ ମାୟା
ନପାରିବେ ରକ୍ଷି ଭାଇ ବନ୍ଧୁ ଜାୟା
ଗୁରୁବ୍ରହ୍ମା ଗୁରୁ ବିଷ୍ଣୁ ଓ ଶଙ୍କର
ଗୁରୁ ମୁକତିର ଦ୍ୱାର ...........(୩)

# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

**'ସତ୍ୟ ଜ୍ଞାନେ ଗୁରୁବାକ୍ୟେ ଯାହାର ବିଶ୍ୱାସ ।**
**ଅବଶ୍ୟ ତାହାର ହୟ ବ୍ରଜଭୂମେ ବାସ ।।'**

ଗୁରୁବାକ୍ୟରେ ଯାହାର ଅଟଳ ଅଚ଼ଳ ବିଶ୍ୱାସ ଓ ନିଷ୍ଠା ରହିଥାଏ. ସେ ପ୍ରଭୁଙ୍କର ଅପାର କରୁଣା ଓ କଲ୍ୟାଣରୁ ଚ଼ରମପ୍ରାପ୍ତ ହୋଇଥାଏ । ଗୁରୁବାକ୍ୟରେ ବିଶ୍ୱାସ ଆସିଲେ, ଆଉ କିଛି ଦରକାର ନାହିଁ । ପ୍ରଥମେ ସେତକ କଲେ, ପରେ ଆଉ ଯାହା ଭଜନ ସାଧନ, ଧ୍ୟାନ ପ୍ରାର୍ଥନାଦି କରିବା ଉଚ଼ିତ । ନିଷ୍କପଟ ହୋଇ, ଦୃଢ଼ ବିଶ୍ୱାସ ରଖି ପ୍ରଭୁଙ୍କ କାର୍ଯ୍ୟରେ ଲାଗିଗଲେ, କିଛି ଅପ୍ରାପ୍ୟ ରହିବ ନାହିଁ । ଗୁରୁବାକ୍ୟରେ ତ ନିଷ୍ଠା ନାହିଁ କି ବିଶ୍ୱାସ ନାହିଁ, ଆଉ କ'ଣ ସାଧନ ଭଜନ, ଧ୍ୟାନପ୍ରାର୍ଥନାଦି କରିବ ??

ଧର୍ମ ସମସ୍ତଙ୍କର ଅଛି । ଅଗ୍ନିର ଧର୍ମ ଉଷ୍ଣତା, ଜଳର ଧର୍ମ ଶୀତଳତା, ଇତ୍ୟାଦି । ସେହିପରି ମନୁଷ୍ୟର ଧର୍ମ କ'ଣ ? ମଣିଷର ଧର୍ମ ହେଉଛି ପ୍ରେମ, ପ୍ରୀତି ବା ଭଲ ପାଇବା । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍ ଆଦିକୁ ଧର୍ମ ବୋଲି ବୁଝିବା ଠିକ୍ ନୁହେଁ । ମାନବିକ ଧର୍ମତ ମାତ୍ର ଗୋଟିଏ । ତାହା ପ୍ରେମ ଆଉ ପ୍ରୀତି । ମାନବିକ ସମ୍ବେଦନଶୀଳତାରୁ ପ୍ରେମପ୍ରୀତି ଗଜୁରେ । ଏହି ଧର୍ମ ଯେ ପାଳୁ ନାହିଁ, ସେ ଧର୍ମ ହିଁ ପାଳୁନାହିଁ । ମନୁଷ୍ୟକୁ ଯିଏ ଭଲପାଇପାରୁନାହିଁ, ସେ ଭଗବାନଙ୍କୁ କିପରି ଭଲ ପାଇ ପାରିବ ? ପରସ୍ପରକୁ ହିଂସା, ଈର୍ଷା, ଘୃଣା, ସନ୍ଦେହ, ଅବିଶ୍ୱାସ କରିବା, ପରନିନ୍ଦା କରିବା, ଅନ୍ୟର କ୍ଷତିପାଇଁ ଯୋଜନା ବା ଷଡ଼ଯନ୍ତ୍ର କରିବା ମନୁଷ୍ୟର ଧର୍ମନୁହେଁ । ଏହା ଅସୁର ବା ପଶୁର ଧର୍ମ । ଦୁର୍ଲଭ ମନୁଷ୍ୟ ଦେହ ଧରି ପଶୁ ବା ଅସୁରର ଧର୍ମ ପାଳନ କରିବା ଦ୍ୱାରା ନିଜର ହିଁ କ୍ଷତି ହୋଇଥାଏ । ମନୁଷ୍ୟର ସ୍ୱଧର୍ମ ପ୍ରେମପ୍ରୀତି, ପଶୁର/ଅସୁରର ସ୍ୱଧର୍ମ ହିଂସା, ଈର୍ଷା । ମନୁଷ୍ୟ ପାଇଁ ପଶୁ/ଅସୁରର ଧର୍ମ ହିଁ ପରଧର୍ମ, ସ୍ୱଧର୍ମ ନୁହେଁ । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ସ୍ୱଧର୍ମେ ନିଧନଂ ଶ୍ରେୟ, ପରଧର୍ମ ଭୟାବହ ।' ଆମ ବିଚାରରେ 'ଅନ୍ୟକୁ ପ୍ରାଣଦେଇ ଭଲ ପାଇବି । ଏଥିପାଇଁ ଯେତେ ଘାତ ପ୍ରତିଘାତ ଆସୁ ହସି ହସି ପ୍ରଶାନ୍ତ ଚିତ୍ତରେ ସହିନେବି । ଅନ୍ୟର ଉପକାର କରିବି । ସେଥିପାଇଁ ଯେତେ ଦୁଃଖ ଯାତନା ଆସୁ ପ୍ରସନ୍ନତାର ସହିତ ସହ୍ୟ କରିବି ।' —ଏହାହିଁ ଆମର ଶପଥ ହେବା ଶ୍ରେୟସ୍କର ।

ତେଣୁ ମଣିଷ ପରି ମଣିଷ ହେବାକୁ ହେଲେ, ପ୍ରଥମେ ପଶୁ/ଅସୁରର ସ୍ୱଧର୍ମ—ହିଂସା, ଈର୍ଷା, ପରଶ୍ରୀକାତରତା, ଘୃଣା, ସନ୍ଦେହ, ଅବିଶ୍ୱାସ, ପରନିନ୍ଦା ଓ କୁଚକ୍ରାରଚନା, ଅନ୍ୟର ଅନିଷ୍ଟ ଚିନ୍ତାଦିକୁ ସଂପୂର୍ଣ୍ଣ ରୂପେ ଭୁଲିଯିବାକୁ ହେବ । ଏଗୁଡ଼ାକ ହୃଦୟରେ ବା ଅନ୍ତଃକରଣରେ ଥିବା ପର୍ଯ୍ୟନ୍ତ, କେବେହେଲେ ଆମେ ମଣିଷ ହୋଇପାରିବା ନାହିଁ । ମଣିଷ ରୂପ ଧରି ପଶୁ/ଅସୁରରେ ପରିଣତ ହୋଇଯିବା । ବିଚାରକରି ଦେଖ : ଧର୍ମକର୍ମ ଯାହା କିଛି କୁହନା କାହିଁକି, ସେସବୁ ଏ ମଣିଷ ପାଇଁ ଉଦ୍ଦିଷ୍ଟ । ପଶୁ ପାଇଁ ନୁହେଁ । କାରଣ ମଣିଷର ଜ୍ଞାନ ଅଛି, ଧ୍ୟାନ ଅଛି, ବିବେକ ଅଛି, ବିଚାର ଅଛି, ଆଚାର ଅଛି, ଆଚରଣ ଅଛି । ପଶୁଠାରେ ଏସବୁ ନଥାଏ, ନାହିଁ । ଏଣୁ, ପ୍ରଥମେ ମଣିଷ ପରି ମଣିଷ ହୁଅ, ପଶୁତ୍ୱ / ଅସୁରତ୍ୱ ସଂପୂର୍ଣ୍ଣ ତ୍ୟାଗ କର । ତେବେ ଯାଇ ଆଗକୁ ଯାହା

କିଛି କରିବା କଥା କରିବ । ଠାକୁରଙ୍କ ଧର୍ମଧାରା ଓ କର୍ମଯୋଗରେ ରହି ଆଚରଣସିଦ୍ଧ ହୋଇଯିବ । ଦିବ୍ୟାତ୍ମାରେ ରୂପାନ୍ତରିତ ହୋଇଯିବ । ଭ୍ରାତୃତ୍ୱ ପ୍ରେମରେ ଅବଗାହନ (ସ୍ନାନ) କରିବ । 'ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍'ର ସ୍ୱପ୍ନ ବାସ୍ତବରେ ସାକାର ହୋଇଯିବ । ଠାକୁରଙ୍କର ଅପାର କରୁଣା ଓ କଲ୍ୟାଣ ଲାଭକରି ଧନ୍ୟ ହୋଇଯିବ ॥

ପୂର୍ବକାଳରେ ନିୟମ ଥିଲା - କିଏ କେଉଁ ଧର୍ମଯାଜନ ପାଇଁ ଅଧିକାରୀ । ଅଧିକାରୀ ନହୋଇ ଧର୍ମ ଯାଜନ ବା ପ୍ରବଚନର ଫଳ ଧର୍ମଯାଜକ ବା ପ୍ରବଚକଙ୍କୁ କସ୍ମିନ୍‌କାଳେ ମିଳିନାହିଁ, ମିଳିପାରେ ନାହିଁ ।

'ଅଧିକାରୀ ନହେ ଚାହେ ଧର୍ମ ଆଚରିତେ ॥

ଅଚିରେ ବିନାଶ ପାୟ ହାସିତେ ଖେଳିତେ ॥' ଏହି ବାଣୀର ସତ୍ୟତା ଆମେ ସ୍ଥୂଳ ଜଗତରେ ବହୁବାର ପ୍ରତ୍ୟକ୍ଷ କରିଛୁ । ତେଣୁ କହୁଛି, ଅନ୍ୟ ସବୁ କାମ ପଛେ କରିବ, ପ୍ରଥମେ ମଣିଷ ପରି ମଣିଷଟିଏ ହେବା ପାଇଁ ସାଧ୍ୟମତେ ସାଧନା କର । ବେଶି କିଛି କରିବାକୁ ପଡ଼ିବ ନାହିଁ, କେବଳ ଅନ୍ୟକୁ ମନପ୍ରାଣ ଦେଇ ନିଷ୍କପଟ ଭାବରେ ଭଲପାଇ ଶିଖ, ଅନ୍ୟର ଉପକାର ସାଧ୍ୟମତେ କର । ଏହା ଦ୍ୱାରା ମନ ପ୍ରଶାନ୍ତ ହୁଏ, ହୃଦୟ କୋମଳ ଓ ପବିତ୍ର ହୁଏ । ଉଦାର ହୁଏ । ଏହାଦ୍ୱାରା ଭଗବତ ପ୍ରାପ୍ତିର ପଥ ସହଜ ଓ ସୁଗମ ହୋଇଯାଏ ।

ତୁମେ ହୁଏତ ଭାବୁଥିବ, 'ଆମ ପରି ଲୋକମାନଙ୍କ ଦ୍ୱାରା ଏହା କ'ଣ ସମ୍ଭବ ? ଆମେ ସମସ୍ତଙ୍କୁ ଭଲ ପାଇ ପାରିବୁ କିପରି ?' ନା- ଏପରି ଭାବି ନିଶ୍ଚେଷ୍ଟ ହୋଇ ବସିଯାଅ ନାହିଁ । କରିବାକୁ ମନଥିଲେ, କଷ୍ଟ କ'ଣ ? କରିବାକୁ ନ ଚାହିଁଲେ ସବୁକିଛି ହିଁ କଷ୍ଟ । କହିଲ ଦେଖି, ଆମକୁ କଷ୍ଟ ଲାଗେ କାହିଁକି ? ଯେଉଁ ବିଷୟରେ ଆମର ଶ୍ରଦ୍ଧା, ଆଗ୍ରହ ବା ଲାଳସା ନଥାଏ, ସେ କାମ କରିବାକୁ ଆମକୁ କଷ୍ଟ ଲାଗେ । ଶ୍ରଦ୍ଧା ଥିଲେ ପରା ଠାକୁରେ ନିଜେ ତୁମ ହାତ ଧରି ସେ କାମ କରାଇନେବେ ! ଠାକୁରଙ୍କର ଶ୍ରୀକରକମଳର କୋମଳ ସ୍ପର୍ଶ ତୁମେ ନିଜେ ଅନୁଭବ କରି ପାରିବ । ଏହି ଅନୁଭୂତି ପାଇଁ ନିଜ ନିଜର ହୃଦୟକୁ ପବିତ୍ର, କୋମଳ ଓ ଉଦାର କର, ମନକୁ ପ୍ରଶାନ୍ତ, ନିର୍ମଳ ଓ ସ୍ୱଚ୍ଛ କର । ତା'ପରେ ଅନ୍ୟମାନଙ୍କୁ ସେହି ମନ ଓ ହୃଦୟ ଦେଇ କପଟତାଶୂନ୍ୟ/ଛଳନାଶୂନ୍ୟ ହୋଇ ଭଲ ପାଇବାକୁ ସାଧନା କର, ଅଭ୍ୟାସ କର । ଦେଖ ଅଲୌକିକ ଦିବ୍ୟାନୁଭୂତିରେ ତୁମେ ପ୍ରତ୍ୟେକ ପ୍ରତିମୁହୂର୍ତ୍ତରେ ପୁଲକିତ ହୋଇ ଉଠିବ ।

ଆମର ପରସ୍ପର ପ୍ରତି ପ୍ରୀତି ରହୁ ନାହିଁ କାହିଁକି ? ଆମେ ସମସ୍ତେ ପରା ତାଙ୍କରି ଶ୍ରୀଚରଣ ତଳେ ଆଶ୍ରିତ ! ତାଙ୍କରି ସନ୍ତାନ ! ଆମର ତା'ହେଲେ ପରସ୍ପର ସମ୍ବନ୍ଧ କ'ଣ ? ଭାଇଭଉଣୀ ତ ! ଆମେ କେବଳ ଚାହୁଁଛୁ କିପରି ଠାକୁରଙ୍କୁ ପାଇଯିବା । ଚରମ ପ୍ରାପ୍ତି ଲାଭ କରିବା । ମୁକ୍ତି, ମୋକ୍ଷ, ନିର୍ବାଣ, ଆତ୍ମଦର୍ଶନ, ବ୍ରହ୍ମଜ୍ଞାନ ଇତ୍ୟାଦି ସବୁ ହାତ ମୁଠାରେ ସହଜରେ ପାଇଯିବା । ହେଲେ, ସେ କ'ଣ ଏତେ ସହଜ ଧନ ଯେ, ଏତେ ସହଜରେ ଆମେ ତାଙ୍କୁ ପାଇଯିବା ? ତାଙ୍କ ସ୍ଥୂଳ ଭାବରେ ସେ ଆମକୁ ଖେଳାଇ ଖେଳାଇ, ନଚାଇ ନଚାଇ ନୟାନ୍ତକଲେଣି । ତଥାପି ଆମର ମୋହ ଭଙ୍ଗ ହେଉନାହିଁ କି ସ୍ୱପ୍ନଭଙ୍ଗ ମଧ ହେଉନାହିଁ । ଠାକୁରଙ୍କୁ ପାଇବାକୁ ହେଲେ, ପ୍ରଥମେ ତାଙ୍କ ଭକ୍ତଙ୍କୁ ଭଲପାଅ । କଥାରେ ନାହିଁ ? 'If you love me, love my dog' ଶ୍ରୀମଦ୍ ଭାଗବତରେ ମଧ ଲେଖାଅଛି :

'ମୋର ସେବକ ମୋର ମିତ୍ର । ସେ ଜରେ ଜଗତ ପବିତ୍ର ॥'

ଏ ଜଗତ କାହାର ସୃଷ୍ଟି ? ଠାକୁରଙ୍କର ତ ! ତେଣୁ ଏ ଜଗତରେ ଯାହାସବୁ ଅଛି, ସବୁ ତାଙ୍କରି । ସମସ୍ତେ ତାଙ୍କରି ଭକ୍ତ, ସେବକ । ଏହି ଦିବ୍ୟଭାବକୁ ହୃଦୟରେ ଅବିରତ ଧରିରଖି ଅନ୍ୟ ସମସ୍ତଙ୍କୁ ଭଲ ପାଇବାର ସାଧନା କରିଚାଲ । କାୟମନୋବାକ୍ୟରେ ଅନ୍ୟର ଅନିଷ୍ଟ କରନାହିଁ । ଜଗନ୍ନାଥ ଦାସ ଗାଇଛନ୍ତି :

''ସକଳ ଘଟେ ନାରାୟଣ । ବସନ୍ତି ଅନାଦି କାରଣ ।।
ସେ ନାରାୟଣ ଦେହ ଗତେ । ବସନ୍ତି ଭାବ ଅନୁମତେ ।।
ଏ ଭାବେ ଦୃଢ଼ ଯା'ର ମନ । ସେ ପ୍ରାଣୀ ଭକତ ଉତ୍ତମ ।।''

ଠାକୁରଙ୍କୁ ଭଲ ପାଇବାକୁ ହେଲେ, ପ୍ରଥମେ ତାଙ୍କ ସୃଷ୍ଟିକୁ ଭଲ ପାଇବାକୁ ହୁଏ । ଆମର ଅନ୍ୟମାନଙ୍କ ପାଇଁ ଅନାବିଳ ପବିତ୍ର ଦିବ୍ୟ ପ୍ରେମପ୍ରୀତି ନଥିବାର ଏକମାତ୍ର କାରଣ ହେଉଛି, ଆମର ଦୃଢ଼ ଭଗବଦ୍ ବିଶ୍ୱାସ ନାହିଁ । ଆମେ ଯାହା କିଛି କରୁଛୁ ବା କହୁଛୁ, ସେ ସବୁ କେବଳ ଛଳନା, କପଟାଚାର, ମିଥ୍ୟାଚାର, ଅଭିନୟ ଓ ଶଠତା ମାତ୍ର ।

ଠାକୁରେ ପରା ପ୍ରେମାଧୀନ । ସ୍ୱୟଂଠାକୁରେ ଯେଉଁଥିରେ ଭକ୍ତର ଅଧୀନ ହେଉଛନ୍ତି, ସେଥିରେ ଆଉ କିଏ ବା ଅଧୀନ ନହୋଇ ରହିପାରିବ ? ବଣଜଙ୍ଗଲ ପର୍ବତରେ ସାଧୁମାନେ ଧ୍ୟାନ ତପସ୍ୟା କରୁଛନ୍ତି କିପରି ? ହିଂସ୍ର ବନ୍ୟ ଜୀବଜନ୍ତୁମାନଙ୍କ ଉପଦ୍ରବରୁ ସେମାନଙ୍କୁ ରକ୍ଷା କିଏ କରୁଛି ? ସେମାନଙ୍କର ଅଟଳ ଅଚଳ ଦୃଢ଼ ଭଗବଦ୍ ବିଶ୍ୱାସ ଓ ପ୍ରେମଭାବ ହିଁ ସେମାନଙ୍କର ରକ୍ଷା କବଚ । ହୃଦୟରେ ନିର୍ମଳ ପ୍ରେମପ୍ରୀତି ଥିଲେ, କିଏ ଆପଣାର ନହେବ ??

ଠାକୁରେ ଆମକୁ ମଣିଷଟିଏ କରି ଗଢ଼ି ତୋଳିବା ପାଇଁ ଅହୋରାତ୍ର ଉତ୍କଣ୍ଠିତ । ପ୍ରକୃତ ମଣିଷ ପରି ମଣିଷଟିଏ ହୋଇଗଲେ ଆମେ ଛାଆଁକୁ ଦିବ୍ୟାତ୍ମାରେ ପରିଣତ ହୋଇଯିବା । ତେଣିକି ସାଧନ ଭଜନ, ଜପ ତପ, ଧ୍ୟାନ ପ୍ରାର୍ଥନା ସବୁକରିପାରିବା । ମଣିଷ ପରି ମଣିଷଟିଏ ହୋଇଗଲେ, ସବୁକିଛି କରିପାରିବା । ଜୀବନ ଆମର ସୁଖମୟ ହେବ । ଶାନ୍ତିପ୍ରଦ ହେବ । ଆନନ୍ଦାପ୍ଲୁତ ହେବ । ଅଳମତି ବିସ୍ତରେଣ !

**ଓମିତି ନମସ୍କାରାନ୍ତେ -**

**ଶ୍ରୀକେଶବ ସମର୍ପଣମସ୍ତୁ !!**

ବିନୀତ,
କେଶବଦାସ
ସଂପାଦକ, 'ଚରମ'

ଗୁରୁ ଆଜ୍ଞା ପାଇଁ ରହିଛୁ ଚାହିଁ
ଆଜ୍ଞା ଦେଲେ ଲୁଚି ରହୁଛୁ ଛକି ।
ଶ୍ରୀମୁଖୁ ପ୍ରତ୍ୟକ୍ଷ ଆଦେଶ ପାଇ
ଜିଦି ଧରୁ ପୁଣି କାହାକୁ ଚାହିଁ ।।

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ବିଶ୍ୱପ୍ରେମ ଓ ଆତ୍ମ ସମର୍ପଣ

(ପୂର୍ବ ସଂଖ୍ୟାର ଅବଶିଷ୍ଟାଂଶ)

ଏହିପରି ପ୍ରଗାଢ଼ ସର୍ବବ୍ୟାପକ ପ୍ରେମର ଫଳ ହେଉଛି ପୂର୍ଣ୍ଣ ଆତ୍ମନିବେଦନ ଓ ଅପ୍ରତିକୂଲ୍ୟ । ଏହି ପର୍ଯ୍ୟାୟର ଅବସ୍ଥାରେ ଦୃଢ଼ବିଶ୍ୱାସ ହୁଏ ଯେ, ସଂସାରରେ ଯାହାକିଛି ଘଟୁଛି/ଘଟେ, ସେଥିରୁ କିଛିହେଲେ ଆମର ଅନିଷ୍ଟକର ନୁହେଁ, ତେଣୁ ତଦ୍ୱାରା ଆମର କୌଣସି ଅନିଷ୍ଟ ସାଧନ ହେବନାହିଁ, ହୁଏନାହିଁ । ଏହି ଅବସ୍ଥାପର୍ଯ୍ୟାୟରେ ପ୍ରେମିକଭକ୍ତ ଦୁଃଖ ଆସିଲେ ମଧ୍ୟ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇ ଗାଇ ଉଠେ- 'ସ୍ୱାଗତ ଦୁଃଖ' । କଷ୍ଟ ଆସିଲେ କହିଉଠେ- 'ଆସ କଷ୍ଟ, ଆସ ।' ତୁମେ ମଧ୍ୟ ମୋର ପ୍ରିୟତମ ପରମ ପ୍ରେମମୟ ଜୀବନଦେବତାଙ୍କ ନିକଟରୁ ଆସିଛ, ନୁହେଁ କି ?' ରୋଗ ଭୋଗ ସମୟରେ ମଧ୍ୟ ସ୍ୱାଗତୋକ୍ତି କରେ - 'ଠାକୁରେ ଯେବେ ତୁମକୁ ମୋ ଭିତରକୁ ପଠାଇଛନ୍ତି, ତେବେ ମୁଁ କାତର ହେବି କାହିଁକି ? ତୁମକୁ ହେ ରୋଗ ! ମୁଁ ସାଦର ଅଭ୍ୟର୍ଥନା କରୁଛି, ଯେତେଦିନ ଖୁସି ତୁମେ ମୋ ଶରୀରରେ ଶାନ୍ତିସୁଖରେ ଅବସ୍ଥାନ କର, ମୋର ଆତିଥ୍ୟ ଗ୍ରହଣ କର, ମୋତେ ଧନ୍ୟ କର । ପ୍ରଭୁମୋର ସନ୍ତୁଷ୍ଟ ହୁଅନ୍ତୁ ।' ସର୍ପ ଆସିଲେ ମଧ୍ୟ ସର୍ପକୁ ସେ ସ୍ୱାଗତ ସମ୍ଭାଷଣ କରିପାରେ । ମୃତ୍ୟୁ ଆସିଲେ, ଏପରି ପ୍ରେମିକଭକ୍ତ ମୃତ୍ୟୁକୁ ସହାସ୍ୟ ଅଭିନନ୍ଦନ କରିପାରେ । 'ଧନ୍ୟ ମୁଁ, ମୋ ନିକଟକୁ ଏମାନେ ସମସ୍ତେ ଆସୁଛନ୍ତି, ସମସ୍ତଙ୍କୁ ମୁଁ ହୃଦୟତାର ସହିତ ସ୍ୱାଗତ କରୁଛି ।' ଠାକୁରେ ଏବଂ ତାଙ୍କର ସମସ୍ତ-ସେ ସମସ୍ତଙ୍କ ପ୍ରତି ପ୍ରଗାଢ଼ ପ୍ରେମରୁ ପ୍ରସୂତ ଏହି ପୂର୍ଣ୍ଣ ନିର୍ଭରତା ଅବସ୍ଥାରେ ଭକ୍ତପ୍ରେମିକ ନିକଟରେ ସୁଖ ଦୁଃଖ, ମାନ ଅପମାନ, ନିନ୍ଦା ପ୍ରଶଂସାଦିର ବିଶେଷ ପ୍ରଭେଦ ରହେନାହିଁ । ସେ ସେତେବେଳେ ଦୁଃଖକଷ୍ଟ, ରୋଗଯନ୍ତ୍ରଣା ପାଇଁ ଆଉ କୌଣସି ଅଭିଯୋଗ ଆପତ୍ତି କରେ ନାହିଁ । ପ୍ରେମସ୍ୱରୂପ, ପ୍ରେମଘନମୂର୍ତ୍ତି, ପରମପ୍ରେମମୟ ଜୀବନ ଦେବତା ଚରମ ପୁରୁଷଙ୍କର ଇଚ୍ଛା ଉପରେ ସଂପୂର୍ଣ୍ଣ ନିର୍ଭରତା ଅବଶ୍ୟ ମହାବୀରତ୍ୱପୂର୍ଣ୍ଣ କାର୍ଯ୍ୟକଳାପଜନିତ ଯଶୋରାଶି ଅପେକ୍ଷା ଅଧିକଭାବରେ ବାଞ୍ଛନୀୟ ॥

ଆମ୍ଭମାନଙ୍କ ମଧ୍ୟରେ ଅଧିକାଂଶଙ୍କ ପାଇଁ ଦେହ ହିଁ ସର୍ବସ୍ୱ । ନିଜ ଦେହ ସତେଯେପରି ସେମାନଙ୍କର ସମଗ୍ର ବିଶ୍ୱ, ଦେହସୁଖ ହେଉଛି ସେମାନଙ୍କର ଚରମ ଲକ୍ଷ୍ୟ । ଏହି ଅନିତ୍ୟ ନଶ୍ୱର ଦେହ ଓ ଦୈହିକ ଭୋଗବସ୍ତୁ ସକଳକୁ ଉପାସନା କରିବା ପରି ଆସୁରିକ ଭାବ ଆମ୍ଭମାନଙ୍କ ମଧ୍ୟରେ ପ୍ରାୟ ସମସ୍ତଙ୍କ ଭିତରେ ଅତିଗଭୀରକୁ ପ୍ରବେଶ କରି ଯାଇଛି । ଆମେ ସମସ୍ତେ ଖୁବ୍ ଲମ୍ୱାଚଉଡ଼ା ବଡ଼ବଡ଼ କଥା କହିପାରୁଁ, ଯୁକ୍ତି ସ୍ତରରେ ବହୁତ ଉଚ୍ଚରେ ଡ଼େଣାପିଟି ଉଡ଼ିପାରୁଁ, ତଥାପି ଆମେ ସମସ୍ତେ ଜଣେ ଜଣେ ଗୋଟିଏ ଗୋଟିଏ ଶାଗୁଣାପରି, ଆମେ ନିଜେ ନିଜକୁ ଆପଣା ଆପେ ଯେତେ ଉଚ୍ଚକୁ ଉଠିଯାଇଛୁ ବୋଲି ମନେ କରୁନା କାହିଁକି, ଆମ ସମସ୍ତଙ୍କର ମନ ପଚାସଢ଼ା ଶବର ମାଂସ ଖଣ୍ଡଟିଏ ପାଇଁ ଆକୃଷ୍ଟ । ଆମେ ଜାଣିବାକୁ ଚାହୁଁ, ଆମ ଶରୀରକୁ ବାଘ ବା ସାପ କବଳରୁ କାହିଁକି ରକ୍ଷା କରିବାକୁ ହେବ ? ବାଘର କ୍ଷୁଧା ନିବାରଣ ପାଇଁ ଆମେ ଏହି ଶରୀର କାହିଁକି ତା'କୁ ଦେଇ ନପାରିବା ? ଏହାଦ୍ୱାରା ତ ବ୍ୟାଘ୍ର ତୃପ୍ତିହେବ, ଏହି କାର୍ଯ୍ୟ ସହିତ ଆତ୍ମୋତ୍ସର୍ଗ ଓ ଉପାସନା ଭିତରେ କ'ଣ ଖୁବ୍ ବେଶି ପ୍ରଭେଦ ଅଛି ? ଅହଂକୁ ସଂପୂର୍ଣ୍ଣରୂପେ ବିନାଶ କରି ପାରିନାହଁ କି ? ପ୍ରେମଧର୍ମର ଏହା ଅତିଉଚ୍ଚ ଶୃଙ୍ଗ ଏବଂ ଅତି ଅଳ୍ପଲୋକ ଏହି ଅବସ୍ଥା ଲାଭ କରିଅଛନ୍ତି । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ତୁମେ ସର୍ବଦା ଏପରି ଆତ୍ମତ୍ୟାଗ ପାଇଁ ସର୍ବାନ୍ତଃକରଣରେ ପ୍ରସ୍ତୁତ ନହୋଇଛ, ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣଭକ୍ତ ହୋଇ ପାରିବ

ନାହିଁ । ଆମେ ସମସ୍ତେ ଅଳ୍ପେବହୁତେ କିଛି ସମୟ ପାଇଁ ଶରୀରକୁ ବଞ୍ଚାଇ ରଖିପାରୁଁ ଏବଂ ଅଳ୍ପବହୁତ ସ୍ୱାସ୍ଥ୍ୟସମ୍ଭୋଗ ମଧ୍ୟ କରିପାରୁଁ, କିନ୍ତୁ ତା'ଦ୍ୱାରା କ'ଣ ହେବ ? ଆମେ ଶରୀରର ଯେତେ ଅଧିକ ଯତ୍ନ ନେଉନା କାହିଁକି, ଏ ମର ଶରୀର ଦିନେ। ଦିନେ ନିଶ୍ଚୟ ନଷ୍ଟ ହେବ ହିଁ ହେବ । ଏ ଶରୀରର କୌଣସି ସ୍ଥାୟୀତ୍ୱ ନାହିଁ । ସେମାନେ ଧନ୍ୟ, ଯେଉଁମାନଙ୍କର ଶରୀର ଅନ୍ୟର ସେବା କରୁ କରୁ ମୃତ୍ୟୁମୁଖରେ ପତିତ ହୁଏ । ପ୍ରକୃତ ସାଧୁବ୍ୟକ୍ତି କେବଳ ଅନ୍ୟର ସେବାପାଇଁ ଧନ, ଏପରିକି ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିବାକୁ ସବୁବେଳେ ପ୍ରସ୍ତୁତ ହୋଇଥାଏ । ଏହି ଜଗତରେ ମୃତ୍ୟୁ ହିଁ ଏକମାତ୍ର ସତ୍ୟ - ଇହଜଗତରେ ଯଦି ଆମ ଦେହ କୌଣସି ମନ୍ଦକାର୍ଯ୍ୟ କରିବାକୁ ନଯାଇ, ଭଲକାର୍ଯ୍ୟ କରିବାକୁ ଯାଉଥାଏ - ତେବେ ତାହା ଅତି ଉତ୍ତମ ବୋଲିବାକୁ ହେବ । ହିତୋପଦେଶର ଗୋଟିଏ ଶ୍ଳୋକ ଏ ପ୍ରସଙ୍ଗରେ ଏଠାରେ ସ୍ମରଣକୁ ଆସେ -

**'ଧନାନି ଜୀବିତଞ୍ଚୈବ ପରାର୍ଥେ ପ୍ରାଜ୍ଞ ଉତ୍ସୃଜେତ୍ ।**

**ସନ୍ନିମିତ୍ତେ ବରଂ ତ୍ୟାଗୋ ବିନାଶେ ନିୟତେ ସତି ।।'**

ଖୁବ୍ ବେଶିରେ ଆମ୍ଭେମାନେ ପଚାଶ, ଷାଠିଏ, ସତୁରୀ ବର୍ଷ କିମ୍ବା ଆଉ କେହି କେହି ଅଶି, ନବେ କି ଖୁବ୍ ଜୋର୍ ଶହେ ବର୍ଷ ବଞ୍ଚିବା, କିନ୍ତୁତା'ପରେ ? - ମୃତ୍ୟୁ । ଯେଉଁ ସବୁ ଉପାଦାନର ମିଶ୍ରଣରେ ଏ ଶରୀରର ସୃଷ୍ଟି, ସେସବୁ ବିଶ୍ଳିଷ୍ଟ ହୋଇ ଶରୀର ବିନଷ୍ଟ ହୋଇଯିବ, ଏପରି ସମୟ ନିଶ୍ଚୟ ଆସିବ, ଯେତେବେଳେ ଶରୀରର ସକଳ ଉପାଦାନ ବିଶ୍ଳିଷ୍ଟ ହେବ ହିଁ ହେବ । ଯୀଶୁ, ମହମ୍ମଦ, ବୁଦ୍ଧ, ଜଗତର ସମସ୍ତ ବଡ଼ ବଡ଼ ମହାପୁରୁଷଙ୍କ ଠାରୁ ଆରମ୍ଭ କରି ରାଜାପ୍ରଜା, ଧନୀନିର୍ଦ୍ଧନ, ଜ୍ଞାନୀ ଅଜ୍ଞାନ, ଗୁରୁ ଶିଷ୍ୟ ଓ ଅତି ସାଧାରଣ ନଗଣ୍ୟ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ଏହି ପଥରେ ହିଁ ସଂସାରରୁ ବିଦାୟ ନେଇଛନ୍ତି, ଆମ ସମସ୍ତଙ୍କୁ ମଧ୍ୟ ତାଙ୍କରି ଅନୁସରଣ ଅବଶ୍ୟ କରିବାକୁ ହେବ ।

ପ୍ରଭୁଭକ୍ତ କହେ : ଏହି କ୍ଷଣସ୍ଥାୟୀ ଜଗତରେ, ଯେଉଁଠାରେ ସବୁକିଛି କ୍ରମଶଃ କ୍ଷୟପାଉଛି, ଏଠାରେ ଆମ୍ଭେମାନେ ଯେଉଁ ଟିକକ ସମୟ ପାଉଛୁଁ, ସେହି ଟିକକ ସମୟକୁ ସଦ୍‌ବ୍ୟବହାର କରିବାକୁ ହେବ । ବାସ୍ତବରେ ଜୀବନର ସର୍ବଶ୍ରେଷ୍ଠ ବ୍ୟବହାର ହେଉଛି ଜୀବନକୁ ସର୍ବଭୂତର ସେବାରେ ନିଯୁକ୍ତ କରିବା । ମାଧବ ଜ୍ଞାନରେ ମାନବ ସେବା ହିଁ ଜୀବନ ବ୍ରତ ହେଉ । ମାତ୍ରାତିରିକ୍ତ ଦେହବୁଦ୍ଧି ହିଁ ଜଗତରେ ସକଳ ପ୍ରକାର ସ୍ୱାର୍ଥପରତାର ମୂଳ । ଏହା ଅମୃତ ସନ୍ତାନକୁ ବିଷବୃକ୍ଷରେ ପରିଣତ କରେ । ଆମ୍ଭମାନଙ୍କର ମହାଭ୍ରମ ଏହି ଯେ, ଆମେ ମନେକରୁଁ - ଏ ଶରୀର ହେଉଛି 'ମୁଁ' । ଯେକୌଣସି ପ୍ରକାରେ ହେଉ ଏ ଶରୀରକୁ ମୋତେ ରକ୍ଷା କରିବାକୁ ହେବ । ଏ ଶରୀରର ସୁଖ ସ୍ୱାଚ୍ଛନ୍ଦ୍ୟ ବିଧାନ କରିବାକୁ ହେବ । ଏପରି ଦେହ ସର୍ବସ୍ୱଭାବ ଆମ୍ଭମାନଙ୍କୁ ପରାର୍ଥ ନିମନ୍ତେ ଜୀବନଉତ୍ସର୍ଗ କରିବାକୁ ଦିଏ ନାହିଁ । ଯଦି ନିଶ୍ଚିତ ଭାବରେ ଜାଣ ଯେ, ତୁମେ ଶରୀରଠାରୁ ସଂପୂର୍ଣ୍ଣ ପୃଥକ୍, ତେବେ ଏ ଜଗତରେ ଏପରି କିଛି ନାହିଁ, ଯାହା ସହିତ ତୁମର ବିରୋଧ ଉପସ୍ଥିତ ହେବ । ସେତେବେଳେ ତୁମେ ସକଳ ପ୍ରକାର ସ୍ୱାର୍ଥପରତାର ଅତୀତ ହୋଇଯିବ ।

ଭକ୍ତ ତେଣୁ କହେ : **ଆମ୍ଭମାନଙ୍କୁ ଜଗତର ସବୁ ପଦାର୍ଥ ସଂପର୍କରେ ମୃତବତ୍ ରହିବାକୁ ହେବ । ଏହାହିଁ ବାସ୍ତବ ପକ୍ଷେ ଆତ୍ମସମର୍ପଣ - ଶରଣାଗତି ।** 'ବସନ୍ତ ହେଉ ଅବା ବରଷା ହେଉ, ବରଷା ହେଉ ଅବା ପଉଷହେଉ, ପଉଷ ହେଉ ଅବା ବୈଶାଖ ହେଉ - ତୁମ ଇଚ୍ଛା ପୂର୍ଣ୍ଣ ହେଉ, ମହାବାହୁ ! ତୁମ ଇଚ୍ଛା ପୂର୍ଣ୍ଣ ହେଉ ।' ଏହି ବାକ୍ୟର ଅର୍ଥ ହିଁ ଆତ୍ମସମର୍ପଣ, ଶରଣାଗତି । ସ୍ୱାର୍ଥସିଦ୍ଧି ପାଇଁ ସଂଗ୍ରାମ କରିବା ଏବଂ ତା' ସହିତ ମନେ କରିବା - ଠାକୁରଙ୍କ ଇଚ୍ଛାରେ ହିଁ ଆମର ଦୁର୍ବଳତା ଓ ସାଂସାରିକ ଆକାଂକ୍ଷା ଜନ୍ମ ନେଇଥାଏ - ଏହା ନିର୍ଭରତା ନୁହେଁ, ଆତ୍ମ ସମର୍ପଣ ମଧ୍ୟ ନୁହେଁ, କିମ୍ବା ଶରଣାଗତି ନୁହେଁ । ଏହା ମଧ୍ୟ ହୋଇପାରେ ଯେ, ଆମର

ସ୍ୱାର୍ଥପୂର୍ଣ୍ଣ କାର୍ଯ୍ୟାଦି ସିଦ୍ଧି ଦ୍ୱାରା ମଧ୍ୟ ଆମର ଭବିଷ୍ୟତରେ ମଙ୍ଗଳବିଧାନ ହୁଏ, କିନ୍ତୁ ତାହା ତ ସ୍ୱୟଂ ଠାକୁରେ ଦେଖିବେ, ସେ ପରା କରୁଣାମୟ, କଲ୍ୟାଣମୟ, ସର୍ବମଙ୍ଗଳମୟ ! ସେଥିରେ ତୁମର ବା ଆମର କିଛି କରିବାର ନାହିଁ । ପ୍ରକୃତ ଭକ୍ତ ନିଜ ପାଇଁ କେବେ ଇଚ୍ଛାକରେ ନାହିଁ କିମ୍ବା କିଛି କାର୍ଯ୍ୟ ମଧ୍ୟ କରେ ନାହିଁ ।

'ପ୍ରଭୁ, କେତେ ଲୋକ କେତେ କେଉଁଠି ତୁମ ନାମରେ କେତେ କ'ଣ ବଡ଼ବଡ଼ ତ୍ୟାଗ କରି ଦେଉଛନ୍ତି, କେତେ ଦାନ କରୁଛନ୍ତି, ମନ୍ଦିର ନିର୍ମାଣ କରୁଛନ୍ତି, ମୁଁ ଦରିଦ୍ର, ମୋର କ'ଣ ଅଛି ଯେ ତୁମକୁ ଦେଇ ସନ୍ତୁଷ୍ଟ କରିପାରିବି ? ମୋର ଏହି ଦେହ ତୁମ ଶ୍ରୀପାଦପଦ୍ମପୀଠରେ ତୁମରି ପାଇଁ ସମର୍ପଣ କରୁଛି । ତୁମର ଯେପରି ଇଚ୍ଛା, ଯେପରି ଖୁସି, ସେହିପରି ଏହାକୁ ବ୍ୟବହାର କର ବା ନରକକୁ ଫୋପାଡ଼ି ଦିଅ । ହେଲେ ପ୍ରଭୁ, ମୋତେ ତ୍ୟାଗ କର ନାହିଁ ।' -ଏହାହିଁ ଭକ୍ତ ହୃଦୟର ଗଭୀର ପ୍ରଦେଶରୁ ଉତ୍‌ଥିତ କାତର ପ୍ରାର୍ଥନା । ଯିଏ ଥରେ ଏହି ଅବସ୍ଥାର ଆସ୍ୱାଦ ପାଇଛି, ତା'ପାଇଁ ପରମପ୍ରିୟତମ, ପରମପ୍ରେମମୟ ଜୀବନଦେବତା ଚରମପୁରୁଷଙ୍କ ଚରଣପଙ୍କଜରେ ଏହି ଆତ୍ମସମର୍ପଣ - ଜଗତର ସମୁଦାୟ ଧନଦୌଲତ, ପ୍ରଭୁତ୍ୱ, ଇନ୍ଦ୍ରପଦ, ଏପରିକି ଜଣେ ମନୁଷ୍ୟ ତା'ର ସମଗ୍ରଜୀବନକାଳ ମଧ୍ୟରେ ଯେତେ ଅଧିକ ମାନସମ୍ମାନ, ଯଶଖ୍ୟାତି, ପ୍ରତିପତ୍ତି, ଭୋଗସମ୍ଭୋଗ ସୁଖ ଆଶା କରିପାରେ, ସେସବୁ ଅପେକ୍ଷା ମଧ୍ୟ ଶ୍ରେଷ୍ଠ ପ୍ରତୀତ ହୁଏ ।

ଭଗବାନ ଠାକୁରଙ୍କ ଠାରେ ନିର୍ଭରଜନିତ ଏହି ଶାନ୍ତି ଆମ୍ଭମାନଙ୍କର ବୁଦ୍ଧିର ଅତୀତ ଓ ଅମୂଲ୍ୟ । ଆତ୍ମ ସମର୍ପଣରୁ ଏହି 'ଅପ୍ରାତିକୂଲ୍ୟ' ଅବସ୍ଥା ଲାଭ ହେଲେ, ଭକ୍ତ ସାଧକର ଆଉ କୌଣସି ପ୍ରକାର ସ୍ୱାର୍ଥ ରହେ ନାହିଁ । ସ୍ୱାର୍ଥ ଯେତେବେଳେ ନାହିଁ, ସେତେବେଳେ ତା'ର ଆଉ ସ୍ୱାର୍ଥହାନିକର ବସ୍ତୁ, କାର୍ଯ୍ୟ, ବ୍ୟକ୍ତି, ଘଟଣା ଏ ଜଗତରେ କ'ଣ ଥାଇପାରେ ? ଏହି ପରମନିର୍ଭର ଅବସ୍ଥାରେ ସବୁ ପ୍ରକାର ଆସକ୍ତି, ମୋହ ସଂପୂର୍ଣ୍ଣରୂପେ ଅନ୍ତର୍ହିତ ହୁଏ । କେବଳ ସେହି ସର୍ବଭୂତର ଅନ୍ତରାତ୍ମା ଓ ଆଧାର ସ୍ୱରୂପ ଠାକୁରଙ୍କ ପ୍ରତି ସର୍ବାବଗାହୀ ଭଲପାଇବା (ପ୍ରେମ) ହିଁ ଏକମାତ୍ର ଅବଶିଷ୍ଟ ହୋଇ ରହିଥାଏ, ରହିଯାଏ । ଠାକୁରଙ୍କ ପ୍ରତି ଏହି ମୋହ ଓ ଆସକ୍ତି ଜୀବାତ୍ମାର ବନ୍ଧନର କାରଣ ନୁହେଁ, ବରଂ ତାହା ନିଃଶେଷରେ ତା'ର ସର୍ବବନ୍ଧନ ମୋଚନ କରେ ।।

❊❊❊

ସେବା କରିବାକୁ ବଳାଇଲୁ ମନ

ଅଭିମାନ କରି ସରିଗଲା ଧନ

ସ୍ୱାର୍ଥପଣ ଛାଡ଼ି କରୁଥିଲେ ସେବା

ତୋତେ ଜିଣିବାକୁ କାହିଁ ଅଛି କେବା ।

# ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

## ଅଚ୍ୟୁତଙ୍କ ଲେଖନୀରୁ

### ପରମ ଜ୍ଞାନ ଗୀତାରୁ ଉଦ୍ଧୃତ :

ପଞ୍ଚଭୂତ ଘେନିକରି ଦେହଟି ପ୍ରକାଶ ।
ଭୂତ ପୃଥ୍ୱୀ ଆପ ତେଜ ବାୟୁ ଯେ ଆକାଶ ॥
ନିଶ୍ଚଳ ଆସନେ ବସି ଚଞ୍ଚଳ କାଟିବ ।
ଜାନୁ ଯୁଗଳରେ ବେନି ପାଣିକି ଥାପିବ ॥
ସଳଖେ ରଖି ଷୋଳ ଢ଼ମ୍ଭରୁ ମେରୁଦଣ୍ଡ । ଶିଶୁମୁନା ସନ୍ଧିରେ ଯେ ନିପଟଳ ପିଣ୍ଡ ॥
ଆଉଛଢ଼ ଥାନେ ବାଇ ବାରେଣୀ ରଂଜିବ । ଆପଣାର ନାସିକା ଅଗ୍ରକୁ ଦୃଷ୍ଟିଦେବ ॥
ଧ୍ୟାନରେ ଭେଦିବ ନାଦ ତେବେ ସିନାଯାଇ । ନାମରୂପ ଜ୍ୟୋତିରୂପ ତୋତେ ଦୃଶ୍ୟ ହୋଇ ॥
ଓଂକାରକୁ ଧରିଣ ଯେ ଅଣଚାଶ ହରି । ଅମନ ଶିଖରେ ମନଗଜ ବନ୍ଦୀ କରି ॥
ଚକ୍ଷୁ ଥାଂଭ ଥାଂଭ ଜନେ ହେଉଛନ୍ତି ଅନ୍ଧ । ଚେତା ଥାଂଭ ଥାଂଭ ଜନେ ନ ବାନ୍ଧନ୍ତି ବନ୍ଧ ॥
ଶୂନ୍ୟରେ ଖେଳୁଛି ହଂସ ଶୂନ୍ୟେ ବିହରୁଛି
ଗଗନ ଶିଖରେ ନେଇ ଚଳାଇବୁ ମତି ॥
ତେବେ ସେ ପରମଆତ୍ମା ଚାରିଯୁଗେ ଥିବ । କମଳ କେଶରେ ପଶି ମାଧୁରୀ କହିବ ॥
ଓଲଟ ଉଜାଣି ବହୁଛି ଜଗ ତୁ ଧାର । ପଦ୍ମ ଚିହ୍ନିଲେ କେଶର ମଧ୍ୟେ ବାସ ତୋର ॥
ବାରଣ ବେଳେ ତୁହି କାରଣକୁ ପାଇବୁ । ଓଲଟ ବୃକ୍ଷକୁ କ୍ଷେପି ବେଗେ ଚଳିଯିବୁ ॥
ଗୋଲହାଟରେ ପ୍ରଭୁଙ୍କର ଭେଟ ପାଇବୁ । ନାମ ରସ ସୁଧା ପାନରେ ଭୋଳ ହୋଇବୁ ॥
ରାଧାକୃଷ୍ଣଙ୍କୁ ତୁ ମିଳାଅ ସୁମନେ ନେଇ । କାଳିଆ ଭରସା ଯେ ଅଚ୍ୟୁତାନନ୍ଦ କହି ॥
ଯମ ଯନ୍ତ୍ରଣାରେ ପଡ଼ିଣ ହୋଇବୁ ମୋହ ।
ସବୁ ଅକାରଣ ହୋଇବ ଛାର ଏ ଦେହ ॥
ଜଗି ଜାଗିଲେ ରେ ମନ ତୁ ଅବୁଝା ନୋହ ।
ତୋହରି ଅଇରି ଏସବୁ କରୁଛି କ୍ଷୟ ॥

***




## ଗଳ୍ପାଂଶ

# ଶାଣ୍ଡିଲ୍ୟ ବ୍ରାହ୍ମଣ ଉପାଖ୍ୟାନ

### ଶ୍ରୀକ୍ଷେତ୍ର ମହାତ୍ମ୍ୟରୁ ଗୃହୀତ-

''ପ୍ରଭୁଙ୍କ ପାଦପଦ୍ମରେ କରେ ନିବେଦନ ।
ଅଧମ ଜନକୁ ସଦା ଦିଅନ୍ତୁ ଦିବ୍ୟଜ୍ଞାନ ॥
ଭକତ ବାନ୍ଧବ ହରି ଭକତ ପ୍ରେମରେ ।
ଭୋଳ ହୋଇ ରହିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡରେ ॥
ଏପରିକି ଭକତକୁ ଗଳାରେ ଲମ୍ବାଇ ।
ଭକତର ପାଦଚିହ୍ନ ଅଙ୍ଗେ ଛନ୍ତି ବହି ॥
ସେପରି ଭକତ ଜଣେ ଥିଲେ ସୁବିଖ୍ୟାତ ।
କହୁଅଛି ଧୀରେ ଘେନ ଶାଣ୍ଡିଲ୍ୟ ଚରିତ ॥''

ନୀଳାଚଳ ଶ୍ରୀକ୍ଷେତ୍ର ସନ୍ନିକଟରେ ଗୋଟିଏ ବ୍ରାହ୍ମଣ ଶାସନରେ ଏକଦା ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ସକଳ ବେଦବିଦ୍ୟାରେ ସୁନିପୁଣ ଥିଲେ । ଶ୍ରୀଜଗନ୍ନାଥଙ୍କ ଠାରେ ତାଙ୍କର ଅଚଳାଭକ୍ତି ଓ ଅଟଳ ବିଶ୍ୱାସ ଥିଲା । ସେ ଥିଲେ ଶ୍ରୀଜଗନ୍ନାଥଙ୍କର  ଜଣେ ଭକ୍ତ । ତାଙ୍କପରି ଜ୍ଞାନୀ ଓ ବିଦ୍ୱାନ ସେ ସମୟରେ ପାଖଆଖରେ ଅନ୍ୟ କେହି ଜଣେ ହେଲେ ନଥିଲେ । ପ୍ରତ୍ୟହ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ନିତ୍ୟକୃତ୍ୟ ସମାପନାନ୍ତେ ବେଦପାଠ ପରେ ଶ୍ରୀହରି ଜଗନ୍ନାଥଙ୍କର ପୁଣ୍ୟନାମ ସେ ଭଜନ, ସ୍ମରଣ ଓ ମନନ କରୁଥିଲେ । ତା'ପରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପ୍ରଣାମ ପାଇଁ ପ୍ରତିଦିନ ଶ୍ରୀମନ୍ଦିରକୁ ଆସୁଥିଲେ ।

ଦିନେ ସେ ଶ୍ରୀମନ୍ଦିରରେ ପ୍ରବେଶ କରି ଶ୍ରୀଜଗନ୍ନାଥଙ୍କ ସନ୍ନିଧାନରେ ଜ୍ଞାନ ନେତ୍ରରେ ମହାପ୍ରଭୁଙ୍କୁ ଦିବ୍ୟ ଅଳଂକାରରେ ବିଭୂଷିତ ହୋଇ ରତ୍ନ ସିଂହାସନରେ ବିଜେ ହୋଇଥିବାର ଦୃଶ୍ୟ ଦର୍ଶନ କଲେ । ପୁଣି ସ୍ୱୟଂ ମହାଲକ୍ଷ୍ମୀଙ୍କ ଶ୍ରୀକରପଦ୍ମ ପ୍ରଦତ୍ତ ପରମାନ୍ନ ପରମ ତୃପ୍ତିର ସହିତ ମହାପ୍ରଭୁ ଭୁଞ୍ଜୁଥିବାର ଦୃଶ୍ୟ ମଧ୍ୟ ସେ ଦର୍ଶନ କଲେ । ଶାଣ୍ଡିଲ୍ୟ ବ୍ରାହ୍ମଣ ଏହାମଧ୍ୟ ଜ୍ଞାନଚକ୍ଷୁରେ ଦେଖିଲେ ଯେ, ଯେତେ ଉଚ୍ଛିଷ୍ଟ ନିର୍ମାଲ୍ୟ ପ୍ରଭୁ ସେଠାରେ ସେହି ପାତ୍ର ମଧ୍ୟରେ ନିକ୍ଷେପ କରୁଅଛନ୍ତି । ପ୍ରଭୁଙ୍କର ଶ୍ରୀମୁଖ ଶରତପୂର୍ଣ୍ଣିମାର ଚନ୍ଦ୍ର ଠାରୁ ଆହୁରି ଶତଗୁଣରେ ସୁନ୍ଦର

ଦେଖାଯାଉଛି । ଜଗନ୍ମାତା ମହାଲକ୍ଷ୍ମୀ ପ୍ରଭୁଙ୍କ ସନ୍ନିଧାନରେ ରହି ଆପଣାର ଶ୍ରୀକର କମଳରେ ପ୍ରଭୁଙ୍କୁ ନାନା ପ୍ରକାର ସୁପକ୍ୱ ସୁମିଷ୍ଟ ସୁସ୍ୱାଦ୍ୟ ମଣୋହି କରାଇ ଦେଉଅଛନ୍ତି । ବ୍ରହ୍ମରାଶି ପ୍ରଭୁ ଯେତେ ନାହିଁ ନାହିଁ କହି ମଥା ଓ ହାତ ହଲାଇ ମନାକଲେ ମଧ ମାଆ ଅତ୍ୟନ୍ତ ଆନନ୍ଦିତ ମନରେ ସେତେ ଅଧିକ ବଳାଇ ବଳାଇ ଭୁଞ୍ଜାଇ ଦେଉଥାଆନ୍ତି । ଶାଗ,ମହୁର, ବେସର, ଦଧିରୁଚି, ଆମ୍ବିଳ, ଖାକର, ଭଜା, ଡାଲି ଇତ୍ୟାଦି ବହୁତ ପ୍ରକାର ବ୍ୟଞ୍ଜନ ମାଆ ଲକ୍ଷ୍ମୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱହସ୍ତରେ ଭୁଞ୍ଜାଇ ଦେଉଥାଆନ୍ତି । ଏତଦ୍ ବ୍ୟତୀତ ଦଧି, ଦୁଗ୍ଧ, ସର, ଘୃତ, ଛେନା ପ୍ରସ୍ତୁତ ଭଳି କି ଭଳି ସୁମିଷ୍ଟ ଦ୍ରବ୍ୟ ଅପରୂପ ଠାଣିରେ ମାତା ଜଗତ୍‌ପିତାଙ୍କୁ ବଳାଇ ବଳାଇ ଖୁଆଇ ଦେଉଥାଆନ୍ତି । ଏହି ଅପରୂପ ଦିବ୍ୟ ଦୃଶ୍ୟ ଦର୍ଶନ କରି ଶାଣ୍ଡିଲ୍ୟ ବ୍ରାହ୍ମଣ ମନେ ମନେ ବିଚାରିଲା-ଆଜି ମୋର ଜନ୍ମ, ଜୀବନ ଓ ନୟନ ଧନ୍ୟ ହେଲା । ଆଜିର ଏହି ପୁଣ୍ୟ ଲଗ୍ନରେ ମୋର ସ୍ଥୁଳ ଚର୍ମଚକ୍ଷୁରେ ଯେଉଁ ସ୍ୱର୍ଗୀୟଦୃଶ୍ୟ ଦର୍ଶନ କରି ଧନ୍ୟ ହେଲି, ଯୋଗୀ ଋଷି ମୁନୀମାନେ ମଧ ଏହାର ଲେଶମାତ୍ର ପାଇ ପାରୁଥିବେ କି ନାହିଁ, ସନ୍ଦେହ । ମନ ମଧରେ ଏପରି ବିଚାର କରି ଶାଣ୍ଡିଲ୍ୟ ବ୍ରାହ୍ମଣ ସେ ସ୍ଥାନରୁ ଆସି ଆନନ୍ଦ ବଜାରରେ ପ୍ରବେଶ କଲା । ଆନନ୍ଦ ବଜାରରେ ସେବାକାରୀମାନେ ମହାଆନନ୍ଦରେ ପ୍ରଭୁଙ୍କ ଉଚ୍ଛିଷ୍ଟ ମହାପ୍ରସାଦ ବିକ୍ରୟ କରୁଥାଆନ୍ତି । ତାହା ଦେଖି ଶାଣ୍ଡିଲ୍ୟ ବ୍ରାହ୍ମଣ ମନେମନେ ଆକୁଳ ବିକଳ ହେଲା, କାରଣ ତା'ପାଖରେ କାଣୀ କଉଡ଼ିଟିଏ ମଧ ସମ୍ବଳ ନଥିଲା ମହାପ୍ରସାଦ କ୍ରୟକରି ଭୋଜନ କରିବା ନିମନ୍ତେ । କିପରି କଣିକାଏ ପ୍ରଭୁଙ୍କ ଉଚ୍ଛିଷ୍ଟ ମହାପ୍ରସାଦ ପାଇବ ସେଥିପାଇଁ ଶାଣ୍ଡିଲ୍ୟର ମନ ବ୍ୟାକୁଳ ହେଲା । ଏପରି ବ୍ୟାକୁଳିତ ମନରେ ଭକ୍ତ ପ୍ରବର ଶାଣ୍ଡିଲ୍ୟ ବ୍ରାହ୍ମଣ ଆନନ୍ଦବଜାର ଚଟାଣରୁ କଣିକାଏ ମାତ୍ର ପ୍ରସାଦ ଗୋଟାଇ ପରମ ଭକ୍ତି ଓ ସନ୍ତୋଷରେ ତାହା ତୁଣ୍ଡରେ ଦେଲା । ତା'ର ସର୍ବାଙ୍ଗ ରୋମାଞ୍ଚିତ ଓ ପୁଲକିତ ହୋଇଗଲା । ତା' ମନ ପ୍ରାଣ ହୃଦୟ ପରମ ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ସେ ପରମଶାନ୍ତି ଓ ସନ୍ତୋଷ ଲାଭ କଲା । ତାହାର ଆପାଦ ମସ୍ତକ ଶରୀର ପାପ ତାପ ମୁକ୍ତ ହୋଇ ଲଘୁ ହୋଇଯିବା ପରି ସେ ସେହି ମୁହୂର୍ତ୍ତରେ ଅନୁଭବ କଲା । ଅତ୍ୟନ୍ତ ଆନନ୍ଦିତ ମନରେ ଘରକୁ ବାହୁଡ଼ି ଆସିବା ସମୟରେ ଜଣେ ସେବକ ବରବେଶ ହୋଇ ଥାଳୀରେ ପ୍ରସାଦ ଧରି ଶାଣ୍ଡିଲ୍ୟଙ୍କ ପାଖରେ ପହଞ୍ଚି ତାଙ୍କୁ କହିଲା- ଭୋକ ଲାଗୁଛି ପରା, ଆସ ଆସ, ବେଗେ ଆସ । ହେ ବ୍ରାହ୍ମଣ, ଶ୍ରୀଜଗନ୍ନାଥଙ୍କ ନିର୍ମାଲ୍ୟ ଭକ୍ଷଣ କରି ଯଥାଶିଘ୍ର କ୍ଷୁଧା ନିବାରଣ କର । ତହୁଁ ଶାଣ୍ଡିଲ୍ୟ ତାଙ୍କୁ ପଚାରିଲେ-ପ୍ରଥମେ ତୁମେ ତୁମର ପ୍ରକୃତ ପରିଚୟ ମୋତେ ଦିଅ । ମୋ ନାମ ଶାଣ୍ଡିଲ୍ୟ ବୋଲି ତୁମେ କିପରି ଜାଣିଲ ? ମୁଁ ତ କେବେ ହେଲେ ତୁମକୁ ଦେଖିନାହିଁ କିମ୍ବା ପୂର୍ବରୁ ମଧ ତୁମକୁ ଜାଣିନାହିଁ । ପୁଣି ମୋତେ କ୍ଷୁଧା ଲାଗୁଛି ବୋଲି ମୁଁ କାହାକୁ ହେଲେ କହିନାହିଁ । ତୁମେ କିପରି ମୋ କ୍ଷୁଧା କଥା ଜାଣିବାକୁ ପାଇଲ ? ଏହା ତୁମକୁ କିଏ କହିଲା ? ମୋ ପାଖରେ ଏସବୁ ପ୍ରକାଶ କର ।

ଶାଣ୍ଡିଲ୍ୟଙ୍କ କଥାଶୁଣି ସେହି ସେବକ ବିପ୍ର ହସ ହସ ମୁଖରେ କହିଲା- ହେ ଭକ୍ତ ଶ୍ରେଷ୍ଠ ବ୍ରାହ୍ମଣ ଶାଣ୍ଡିଲ୍ୟ ! ଏହି ବଡ଼ମନ୍ଦିରର ସାଆନ୍ତେଙ୍କ ଆଜ୍ଞାରେ ତୁମ ପାଇଁ ସୁତିଭରେ ମୁଁ ପ୍ରସାଦ ଧରି ଆସିଛି । ତୁମକୁ କ୍ଷୁଧା ହେଉଛି ବୋଲି ଜାଣି ସାଆନ୍ତେ ଯଥାଶିଘ୍ର ତୁମକୁ ଅନପାଣି ଦେବା ପାଇଁ ଆଜ୍ଞାକଲେ । ନିଜେ ବଡ଼ ସାଆନ୍ତାଣି ଯତ୍ନର ସହିତ ଥାଳୀରେ ଅନ୍ନବ୍ୟଞ୍ଜନାଦି ପ୍ରସାଦ ସଜାଡ଼ି ଦେଲେ । ଦୂରରୁ ସେ ମୋତେ ତୁମ୍ଭଙ୍କୁ ଦେଖାଇ ଚିହ୍ନାଇ ଦେଇ ତୁମ୍ଭର ନାମ ମୋତେ କହିଦେଲେ । ବଡ଼ ସାଆନ୍ତଙ୍କ ଘରକୁ ଆସି କୁଣିଆ ହୋଇ ତୁମ୍ଭେ ଭୋକ ଉପାସରେ ରହିବ, ଏକଥା ସେ ଦେଖି ସହିବେ କିପରି ? ତେଣୁ ହେ ବ୍ରାହ୍ମଣ ଶାଣ୍ଡିଲ୍ୟ, ଶିଘ୍ର ଆସ । ଆସି ଏ ପ୍ରସାଦ ଭୋଜନ କର । ମୋର ଉଚ୍ଛୁର ହେଉଛି । ତେଣେ ମୋର ବହୁତ କାମ ପଡ଼ିରହିଛି । ତୁମପରି ଆହୁରି ଅନେକ ଭକ୍ତ ଭୋକଉପାସରେ ତାଙ୍କ ଘରେ ରହି ମୋତେ ଚାହିଁଥିବେ । ଏପରି କହି ଶାଣ୍ଡିଲ୍ୟଙ୍କ ସମ୍ମୁଖରେ ଅନ୍ନ ଥାଳୀ ଥୋଇଦେଇ ଶାଣ୍ଡିଲ୍ୟ ମୁହଁ ବୁଲାଇବା କ୍ଷଣି ଉଭେଇ ଗଲେ । ମୁହଁ ଫେରାଇ ଚାହିଁ ଦେଖିଲେଯେ

ତାଙ୍କ ସାମନାରେ ଅନ୍ନ ପ୍ରସାଦ ଥାଳୀ ଥୁଆ ହୋଇଛି । ମାତ୍ର ସେ ବଡ଼ ସାଆନ୍ତଙ୍କ ସେବକ ନାହାନ୍ତି । ଆଖି ପିଛୁଡ଼ାକେ ସେ କୁଆଡ଼େ ଉଭାନ ହୋଇଗଲେ ଭାବି ଶାଣ୍ଡିଲ୍ୟ ବିସ୍ମିତ ଚକିତ ହୋଇଗଲେ । ପୁଣି ଥାଳୀ ମଧ୍ୟରୁ ପତ୍ର ଉଠାଇ ଥାଳୀରେ ଯେଉଁସବୁ ମହାପ୍ରସାଦ ଜଗତମାତା ମହାଲକ୍ଷ୍ମୀ ଜଗତଜୀବନ ଜଗନ୍ନାଥଙ୍କୁ ପରଷୁଥିଲେ ସେ ସମସ୍ତ ପଦାର୍ଥ ଦେଖି ସେ ତତୋଧିକ ଆଚମ୍ଭିତ ହୋଇଗଲେ । ପ୍ରସାଦର ଅପୂର୍ବବାସରେ ମନ ପରିତୃପ୍ତ ହୋଇଯାଉଛି । ପୁଣି ସେହି ଥାଳୀରୁ ମହମହ ପଦ୍ମଗନ୍ଧ ଅହରହ ବିଚ୍ଛୁରିତ ହେଉଛି । ଭକ୍ତପ୍ରବର ଶାଣ୍ଡିଲ୍ୟଙ୍କର ଜାଣିବାକୁ ଆଉକିଛି ବାକି ରହିଲା ନାହିଁ । ସେ ଭାବିଲେ ଯେ, ସେ ମହା ଅପରାଧ କରିପକାଇଛନ୍ତି । ସ୍ୱୟଂ ଜଗତରନାଥ ଜଗନ୍ନାଥ ତାଙ୍କପରି ନଗଣ୍ୟ ପାଇଁ ନିଜେ ପ୍ରସାଦ ଥାଳୀ ଧରି ଧାଇଁ ଧାଇଁ ଆସିଥିଲେ ।

ଆଉ କ୍ଷଣେ ମାତ୍ର ବିଳମ୍ବ ନ କରି ଭକ୍ତ ଶାଣ୍ଡିଲ୍ୟ ପରମ ସନ୍ତୋଷରେ ସେହି ପ୍ରସାଦ ଭୋଜନ କଲେ । ଜଗତମାତା ମହାଲକ୍ଷ୍ମୀଙ୍କର ସ୍ୱକରକମଳର ରାନ୍ଧଣା ଭୁଞ୍ଜି ସେ ପରମ ସନ୍ତୋଷ ଲାଭ କଲେ । ପ୍ରାଣାନ୍ତେ ସେହି ଶାଣ୍ଡିଲ୍ୟ ବ୍ରାହ୍ମଣ ଅଭୟଦଙ୍କ ଅଭୟ ପାଦପଦ୍ମରେ ନିବାସ ଲାଭ କଲା ।

''ଏମନ୍ତ ଅଟଇ ଦୟା ଦୟାମୟଙ୍କର ।
ଭକତବାନ୍ଧବ ନାମ ତେଣୁ ତାହାଙ୍କର ।।
ଭକତ ତାହାଙ୍କ ଧନ ଭକତ ଜୀବନ ।
ଭକତଙ୍କ ହିତେ ହୋନ୍ତି ଅବତାର ମାନ ।।
ଶାଣ୍ଡିଲ୍ୟ ବ୍ରାହ୍ମଣ ଗାଥା ଅପୂର୍ବ ଚରିତ ।
କର୍ଣ୍ଣରେ ଶୁଣିଲେ ପାପ ନରହଇ ଗାତ୍ର ।।''

ସେବା କରୁବୋଲି ଗରବ କରନା
ସବୁଫଳ ସଡ଼ିଯିବ
ସବୁ ଦିବ୍ୟଭାବ ଲେଉଟି ଜୀବରେ
ଅହଂକାର ବଢ଼ିଯିବ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ

ଏ ସୃଷ୍ଟିର ଆଦି ନାହିଁ କି ଅନ୍ତ ନାହିଁ । ମଙ୍ଗଳ ଚରମ ପରମମୟ ଭଗବାନଙ୍କ ଦୃଷ୍ଟିରେ ଏହି ମୋହ ହେଉଛି -

''ମୋହଂ ଜହି ମହାମୃତ୍ୟୁଂ ଦେହଦାର ସୁତାଦିଷୁ
ଯଂ ଜିତ୍ୱା ମୁନୟୋ ଯାନ୍ତି ତଦ୍ ବିଷ୍ଣୋଃ ପରମଂ ପଦଂ''

ଅର୍ଥାତ୍ ନିଜର ପଞ୍ଚଭୌତିକ ଶରୀର ସ୍ତ୍ରୀ ଏବଂ ପୁତ୍ରକନ୍ୟାଦି ଠାରେ ମୋହ ରୂପି ମହାମୃତ୍ୟୁକୁ ପରିତ୍ୟାଗ କର । କାହିଁକି ନା' ଏହି ମୋହରୂପୀ ମୃତ୍ୟୁକୁ ଜିଣି ମୁନିମାନେ ପରମେଶ୍ୱରଙ୍କ ଶ୍ରେଷ୍ଠ ପଦକୁ ପାଇଥା'ନ୍ତି ।

''ମମ ପିତା ମମ ମାତା ମମେୟଂ ଗୃହିଣୀ ଗୃହଂ
ଏବଂ ବିଧଂ ମମତ୍ୱଂ ଯଦ୍ ସ ମୋହ ଇତି କୀର୍ତ୍ତିତଃ''

ମୋର ପିତା, ମୋର ମାତା, ମୋର ଏ ଗୃହିଣୀ, ମୋର ଗୃହ ଏହି ରୂପେ ଯେ ମୋର ମୋର ଜ୍ଞାନ ତାହାକୁ ମୋହ କୁହାଯାଏ ।

କାମଂ କ୍ରୋଧଂ ଲୋଭଂ ମୋହଂ ତ୍ୟକ୍ତ୍ୱାତ୍ମାନଂ ପଶ୍ୟତି କୋଽହଂ
ଆତ୍ମଜ୍ଞାନବିହୀନା ମୂଢ଼ାସ୍ତେ ପଚ୍ୟନ୍ତେ ନରକନିଗୂଢ଼ାଃ

କାମ, କ୍ରୋଧ, ଲୋଭ, ମୋହ ପରିହାର ପୂର୍ବକ ଆମ୍ଭେ କିଏ, ଏହିଭାବେ ଆତ୍ମାକୁ (ଅନୁସନ୍ଧାନ କରି) ଦର୍ଶନ କର । ଯେ ସକଳ ମୂର୍ଖ ଆତ୍ମଜ୍ଞାନହୀନ, ସେମାନେ ନରକରେ ନିମଗ୍ନ ହୋଇ ପ୍ରଚ୍ୟମାନ ହୁଅନ୍ତି ।

ମୋହ ଏବ ମହାମୃତ୍ୟୁ ମୁର୍ମୈକ୍ଷାର୍ବପୁରାଦିଷୁ
ମୋହୋ ବିନର୍ଜ୍ଜିତୋ ଯେନ ସମୁକ୍ତିପଦ ମର୍ହତି

ଦେହ ଆଦିରେ ମୋହ ରଖିବା ହିଁ ମୁକ୍ତିକାମୀ ପକ୍ଷରେ ବଡ଼ ମୃତ୍ୟୁ ଅଟେ । ଯିଏ ଏହି ମୋହକୁ ଜିଣିପାରିଲା ସେହି ଯଥାର୍ଥ ମୁକ୍ତିର ଅଧିକାରୀ ଅଟେ ।

ସଂସାରର ସଂସାରୀମାନଙ୍କ ମଧ୍ୟରେ ଆଧାତ୍ମିକ ଭାବଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜଡ଼ଜୀବ ମଧରେ ଥିବା ମୋହକୁ ଦୂରୀଭୂତ କରିବା ଲକ୍ଷ୍ୟ ନେଇ ଶ୍ରୀଶ୍ରୀଗୁରୁସ୍ୱାମୀ ମୋହତତ୍ତ୍ୱର ଅବତାରଣା କରିଛନ୍ତି । ଯାହା ଦ୍ୱିଚତ୍ୱାରିଂଶତମ ସଂଖ୍ୟା ପର୍ଯ୍ୟନ୍ତ ଆସିଅଛି । ପ୍ରଭୁପାଦଙ୍କର ସ୍ୱହସ୍ତ କମଳରୁ ଲିଖିତ ଯତ୍ କିଞ୍ଚିତ୍ ମୋହର ବ୍ୟାଖ୍ୟା ଏଠାରେ ପ୍ରଦାନ କରାଗଲା । ପାଠକ ପାଠିକାମାନଙ୍କୁ ଅନୁରୋଧ ଏହାକୁ ପ୍ରଭୁଙ୍କ ଅଶେଷ କୃପାକଣିକା ମନେକରି ପାଠ କରିବା ହେବେ ।

ଉପଭୋଗର କ୍ରିୟାନାମ ।
ଧରଇ ଧରାତଳେ କାମ ॥
ଆତ୍ମ ଦର୍ଶନ ହୁଏ ଯା'ର ।
କାମ ସଂପୂର୍ଣ୍ଣ ନଷ୍ଟ ତା'ର ॥
କାମରେ ହେଲେ ବାଧାପ୍ରାପ୍ତ ।
ମନରେ ହୁଏ କ୍ରୋଧଜାତ ॥
କ୍ରୋଧଟି ପରମ ଅରି ।
ପ୍ରାଣୀକୁ କରେ ଅହଂକାରୀ ॥
କାମ ଉପଭୋଗକୁ ଲୋଭ ।
ତେଜାଇ ବନ୍ଧ କରେ ଜୀବ ॥
ଲୋଭ ଅଟଇ ଭୟଙ୍କର ।
ଜୀବକୁ କରଇ କିଙ୍କର ॥
ମୋହର ତତ୍ତ୍ୱଟି ଗହନ ।
କାମ, କ୍ରୋଧ ଯେ ଲୋଭ ଜାଣ ॥
ପୁଣି ମଦ ଯେ ଏ ମାତ୍ସର୍ଯ୍ୟ ।
ସବୁଠୁ ମୋହଟି କଦର୍ଯ୍ୟ ॥
ଏ ସ୍ୱକେ ବହୁ ବିଘ୍ନ ମାନ ।
ଏ ପୁଣି କରଇ ଉତ୍‌ଥାନ ॥

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀହିଁ ପ୍ରକୃତି

ପିଣ୍ଡ ମଧ୍ୟେ ମାୟା ବିସ୍ତାରିଛି କାୟା ଛାୟାକୁ ଦେଖିଲେ ଡ଼ରୁ ।
*ମୋ.ହି.ନୀ.ରେ ରହି ମୋର ମୋର କହି ଜିଇଁ ଥାଉ ନିତି ମରୁ ॥
ରାତି ପାହିଲାଣି ସକାଳ ହେଲାଣି ତଥାପି ରହିଛୁ ଶୋଇ ।
ଜାଗିଉଠ ଧନ ସ୍ଥିରକର ମନ ତୋତେ *ସେ ରହିଛି ଚାହିଁ

-----------------------------------

* ମୋ=ମୋର; ହି=ହିତ; ନୀ=ନୀତି; ସେ=ପରମପିତା

*ଦେବଲୋକରୁ ତପଲୋକ, ତପଲୋକରୁ ମର୍ତ୍ତ୍ୟଲୋକ ସର୍ବତ୍ର ସେହି ପରମପୁରୁଷଙ୍କ ଖେଳଘର ଅଟେ । ନିଜର ବିସ୍ତାରିତ ତ୍ରିମାୟା ରଜ୍ଜୁରେ ପ୍ରତ୍ୟେକଙ୍କୁ ଶକ୍ତଭାବରେ ବନ୍ଧନକରି ସେ ତାଙ୍କ ଇଚ୍ଛାମତେ ଖେଳିଖେଳାଇ ଚାଲିଛନ୍ତି । କିନ୍ତୁ ସେହି ବନ୍ଧନସୂତ୍ରର ବିସ୍ତୃତ ବିବରଣୀ ତାଙ୍କ ବିନା ଆଉ କିଏ ବର୍ଣ୍ଣନା କରିବାକୁ ସକ୍ଷମ ହେବ ? ମର୍ତ୍ତ୍ୟଭୂମି ନିର୍ମାଣ ଆରମ୍ଭରୁ ଅଦ୍ୟାବଧି ସେ ରହସ୍ୟ ଅବୋଧ, ଅଗୋଚର ହୋଇ ରହିଆସିଥିଲା । ଆଜି ସ୍ୱୟଂ ନରତନୁ ମାଧ୍ୟମରେ ଧରାବତରଣ କରି ନିଜମାୟାର ସ୍ୱରୂପ ଅତି ସରଳ ଭାବରେ ପ୍ରକାଶ କରିଚାଲିଛନ୍ତି । ତାଙ୍କର ସେହି ଅଧରାମୃତକୁ 'ଚରମ' ପ୍ରକାଶନ ସଂସ୍ଥା ଧାରାବାହିକ ଭାବରେ ଏହି ସ୍ତମ୍ଭଦ୍ୱାରା ବିତରଣ କରିଆସୁଅଛି ।*

**'ଚରମ' ୮ମ ପୁଷ୍ପ - ୫ମ ପାଖୁଡ଼ା . ୪୨ (ଦ୍ୱିଚତ୍ୱାରିଂଶତ୍ତମ) ସଂଖ୍ୟା ଅନୁସୃତିରୁ......**

### ବୈଷ୍ଣବୀମାୟା

### ମୁଁ ଘୃତାରୀ ମାୟା...

ମୁଁ ' ଘୃତାରୀମାୟା' ମୋର ପିତା ପରଂବ୍ରହ୍ମଙ୍କ ଇଚ୍ଛାରେ ସୃଷ୍ଟି ହୋଇ ପରମବୈଷ୍ଣବୀଙ୍କର ସପ୍ତମ ଭାବାଂଶ ଗ୍ରହଣ କରି ବ୍ରହ୍ମାଜ୍ଞା ପାଳନର ବ୍ରତ ଧାରଣ କରିଛି । ମୋର କାୟା ଅସୀମ, ଅପର୍ଯ୍ୟାପ୍ତ ଅଟେ । ମୁଁ ଦେବଲୋକରୁ ତପଲୋକ, ତପଲୋକରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ପ୍ରତ୍ୟେକ ସୃଷ୍ଟି ସତ୍ତାକୁ ମୋ ମାୟାବଳୟ ଦ୍ୱାରା ଆବୃତକରି ରଖିଛି । ମୁଁ ଅଦୃଶ୍ୟ, ଅଗୋଚର କିନ୍ତୁ ମୋତେ ସମସ୍ତ ଦୃଶ୍ୟ ଓ ଗୋଚର ହେଉଛି । ମୋର ଜ୍ୟୋତିବର୍ଣ୍ଣ ଲାଲ ଅଟେ । ମାତ୍ର ଭିନ୍ନ ଭିନ୍ନ ସ୍ଥାନର ସ୍ଥିତି ଏବଂ କର୍ମ ଅନୁସାରେ ମୁଁ ବହୁରୂପା ହୋଇ ବିଚରଣ କରେ । ବ୍ରହ୍ମଙ୍କ ଆଦେଶ ପାଇଁ ନିଜକୁ ସଦା ଜାଗ୍ରତ ରଖିଥାଏ । ବ୍ରହ୍ମଙ୍କ ଇଚ୍ଛାକୃତ ସୃଷ୍ଟିପରେ ବୈଷ୍ଣବୀଙ୍କ ସହ

ଯେତେବେଳେ ଯୁକ୍ତ ହେଲି, ସେତେବେଳେ ମୋତେ ହିରଣ୍ୟମଣ୍ଡଳରେ 'କୌମଦକୀ' ମାୟାଂଶ ସହିତ ଏକତ୍ର ରହିବାପାଇଁ ନିର୍ଦ୍ଦେଶ ହେଲା । ସେହି ନିର୍ଦ୍ଦେଶ ଅନୁସାରେ ମୁଁ ରହିଛି ।

ଦେବଲୋକରେ ମୋର କର୍ମ :-

୧. ମୋର ବ୍ୟାପକ ଏବଂ ମୁଖ୍ୟ କାର୍ଯ୍ୟ ହେଉଛି ଭୟ ସୃଷ୍ଟି କରାଇ ସତର୍କ କରାଇବା । ଦେବତା ମାନଙ୍କ ମଧ୍ୟରେ କୌମଦକୀ ପ୍ରବେଶକରି ସେମାନଙ୍କ ବୁଦ୍ଧି, ଓ ବିବେକକୁ ନିୟନ୍ତ୍ରଣ କରୁଥିବା ସମୟରେ ମୁଁ ସ୍ଫଟିକ ସଦୃଶ ହୋଇ ସେଠାରେ ଉପସ୍ଥିତ ହୁଏ । ମୋହିତ ଅବସ୍ଥାରେ ଥିବା ବେଳେ ସେମାନଙ୍କ ମନରେ ଅନୀତିକାର୍ଯ୍ୟ ପ୍ରତି ଭୟ ସୃଷ୍ଟି କରାଏ । ଶୁଦ୍ଧ ବିବେକାନୁମୋଦିତ କାର୍ଯ୍ୟକରିବା ପାଇଁ ପ୍ରେରଣା ଯୋଗାଏ ।

୨. ଦେବତାମାନେ କୌମଦକୀ ମାୟା ପ୍ରଭାବରୁ ସ୍ୱର୍ଗର ଅପ୍ସରା ମାନଙ୍କ ପ୍ରତି ଆକର୍ଷିତ ହୋଇ ମଦମତ୍ତ ହୋଇଯିବା ସମୟରେ ବ୍ରହ୍ମଙ୍କ ଆଜ୍ଞାରେ ମୁଁ ଶୁଭ୍ର ଜ୍ୟୋତିବିନ୍ଦୁର ଆକାର ଗ୍ରହଣ କରି ସେମାନଙ୍କୁ ପରିସ୍ଥିତି ପ୍ରତି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଏ । ଯଦି ସେମାନେ ମୋ ସଙ୍କେତ ଗ୍ରହଣ କରି ନିଜକୁ ଆୟତ୍ତକରି ନେବାରେ ସଫଳ ହୁଅନ୍ତି, ତେବେ ଶୈରୀକ ବର୍ଣ୍ଣର ସଙ୍କେତ ଦ୍ୱାରା ମୁଁ ପରମପିତାଙ୍କୁ ଅବଗତ କରାଇଦିଏ । ସେ (ପରମ) ସେହି ଅନୁଯାୟୀ ଦେବତାମାନଙ୍କୁ ସୁରକ୍ଷା ଦେବାପାଇଁ ବନ୍ଦୋବସ୍ତ କରିଦିଅନ୍ତି । ଯଦି ମୋ ଇଙ୍ଗିତକୁ ଦେବତାମାନେ ହେୟଜ୍ଞାନକରି ନିର୍ଭୟ ହୋଇ ନିଜର ଅବସ୍ଥା ପ୍ରତି ସଚେତନ ନ ହୁଅନ୍ତି, ତେବେ ମୁଁ ନୀରବ ରହିଯାଏ । ଫଳରେ ସେମାନେ ମୋହଗ୍ରସ୍ତ ଭାବର କୁପରିଣାମ ଭୋଗ କରନ୍ତି । ଯଥା : ଦେବସଭାମଧ୍ୟରେ ଅପସରାମାନେ ଆମୋଦ ପ୍ରମୋଦ ବିତରଣ କରୁଥିବା ସମୟରେ ଦେବତାମାନେ ମଦିରା (ସୋମରସ) ର ପ୍ରଭାବରେ ଅଜ୍ଞାନ ପ୍ରାୟ ହୁଅନ୍ତି । ସେହି ଅବସ୍ଥାରେ ମୁଁ ସେମାନଙ୍କୁ ଭୟ ସୃଷ୍ଟିଦ୍ୱାରା ସତର୍କ କରାଇଦିଏ । ସେହି ଅବସ୍ଥାରେ ଯଦି କେହି ଦେବ ବା ଦାନବ, ଋଷି, ମୁନି ଆଦି ଅତିଥି ଉପସ୍ଥିତ ହୁଅନ୍ତି, ତେବେ ମୋର ସଙ୍କେତ ପ୍ରଭାବରୁ ସେମାନେ ସତର୍କ ହୋଇଯାଇ ଅତିଥିମାନଙ୍କୁ ଉପଯୁକ୍ତ ଆଚରଣ ଦେଖାନ୍ତି । କିନ୍ତୁ ଯଦି ମୋ ଇଙ୍ଗିତକୁ ହେୟଜ୍ଞାନକଲେ ତେବେ ମୁଁ ନୀରବ ହୋଇଯିବାଫଳରେ ସେମାନେ ଅସଂଯମ ହୋଇ ଅତିଥିମାନଙ୍କ ପ୍ରତି ଉଦାସୀନ ହୋଇଯାଆନ୍ତି । ଫଳସ୍ୱରୂପ ଅତିଥିମାନଙ୍କ ଦ୍ୱାରା ଅଭିଶପ୍ତ ହୋଇଯାଆନ୍ତି କିମ୍ବା ଦେବଦାନବ ଯୁଦ୍ଧ ଆଦି ବିଭୀଷିକା ଘଟିଯାଏ ।

୩. ସେହି ଦେବତାମାନେ ମର୍ତ୍ତ୍ୟଲୋକ ଭ୍ରମଣ କରୁଥିବା ସମୟରେ ମୁଁ ସେମାନଙ୍କ ଶରୀରରେ ଉପସ୍ଥିତ ହୋଇ ସେମାନଙ୍କୁ ମର୍ତ୍ତ୍ୟବାସୀଙ୍କ ପ୍ରତି ସଂଯମ, ଶ୍ରଦ୍ଧା, ଦୟା, କ୍ଷମା ଆଦି ଗୁଣ ପାଇଁ ପ୍ରେରଣା ଦିଏ ଏବଂ ସେଥିରୁ ଅନ୍ୟଥା ହେଲେ ଦେବତ୍ୱରେ କଳଙ୍କ ଏବଂ ପ୍ରମାଦ ଆସିବାର ଭୟ ସୃଷ୍ଟିକରେ । ଯେଉଁଦେବ ଏହି ଭୟକୁ ବେଖାତିର କରି ନିଜର ସଂଯମ ହରାଇ ଦିଅନ୍ତି ସେ ଘୋର ବିପଦର ସମ୍ମୁଖୀନ୍ ହୋଇ ଦେବତ୍ୱରେ କଳଙ୍କ ଲଗାଇଦିଅନ୍ତି ଏବଂ ପରମପିତାଙ୍କ ଦ୍ୱାରା ବିଭିନ୍ନ ସୂତ୍ରରେ ଦଣ୍ଡିତ ହୁଅନ୍ତି ।

୪. ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା, ସମ୍ମାନ ବିନିମୟ ପାଇଁ ମୁଁ ନିର୍ଦ୍ଦେଶଦିଏ ଏବଂ ମୋହରି ମାୟାରେ ସେମାନେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭୟ କରନ୍ତି ଏବଂ ସମ୍ମାନ ପ୍ରଦର୍ଶନ କରନ୍ତି । ପରମପିତାଙ୍କ ପ୍ରତି ସର୍ବଦା ଭୟଭୀତ ହୋଇ ରହିବାପାଇଁ ଓ ତାଙ୍କୁ ଶ୍ରେଷ୍ଠତମ ଭକ୍ତି ଅର୍ଘ୍ୟ ନିବେଦନ କରିବାପାଇଁ ମୁଁ ସବୁସମୟରେ ଦେବମାନଙ୍କୁ ସୂକ୍ଷ୍ମପ୍ରେରଣା ଦେଇଚାଲିଥାଏ । ଯୋଗୀ, ମୁନି, ଋଷି ଆଦି ସମ୍ମାନନୀୟ ଜ୍ଞାନୀ, ଗୁଣୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାପାଇଁ ନିର୍ଦ୍ଦେଶ ଦିଏ । ନଚେତ୍ ବିପଥଗାମୀ ହୋଇଯିବାର ଭୟ ସୃଷ୍ଟିକରି ନୀତିଶୀଳ ହେବାକୁ ବାଧ୍ୟ କରାଇଥାଏ ।

୫. ମର୍ତ୍ତ୍ୟରେ ଆରାଧନା କରୁଥିବା ମର୍ତ୍ତ୍ୟବାସୀମାନଙ୍କୁ ସେମାନଙ୍କ ଇପ୍‌ସିତ ଫଳ ଦାନ ସମୟରେ ମୁଁ ସୂକ୍ଷ୍ମରେ ଉପସ୍ଥିତ ହୋଇ ଦେବତାମାନଙ୍କର ମର୍ତ୍ତ୍ୟବାସୀଙ୍କୁ କରୁଥିବା ବର ଦାନରେ ସେମାନଙ୍କ ସୀମା ଓ ସାମର୍ଥ୍ୟ ସଂପର୍କରେ ସଚେତନ କରିଦିଏ ।

## ତପମଣ୍ଡଳରେ ମୋର ଭୂମିକା :-

୧. ତପମଣ୍ଡଳରେ ମୋର ଭୂମିକା ଅତ୍ୟନ୍ତ କୌତୁହଳପୂର୍ଣ୍ଣ ଅଟେ । ଏଠାରେ ମୋର ପିତା ଲୀଳାମୟଙ୍କର ବିଚିତ୍ର ଖେଳ ରଚନା ହୁଏ । ପ୍ରତି ମୁହୂର୍ତ୍ତରେ ଜ୍ୟୋତିବିନ୍ଦୁ ଆକାରରେ ମୋ ନିକଟକୁ ଆଜ୍ଞା, ଆଦେଶ ଆସୁଥାଏ । ଉକ୍ତ ଆଜ୍ଞା ମଧ୍ୟ ତପସ୍ୱୀ ଭାବର ଅବସ୍ଥାନେଇ ପରିବର୍ତ୍ତନ ହେଉଥାଏ । ତେଣୁ ଏଠାରେ ସର୍ବାଧିକ ସତର୍କତାର ସହ ମୋତେ ବିଚରଣ କରିବାକୁ ପଡ଼େ ।

୨. ତପସ୍ୱୀ ତପର ପ୍ରାରମ୍ଭିକ ଅବସ୍ଥାରେ ଅନେକ ପ୍ରହେଳିକାପୂର୍ଣ୍ଣ ପରିସ୍ଥିତିର ସମ୍ମୁଖୀନ ହୁଏ । ସେହି ସମୟରେ ସେମାନଙ୍କର ତପ ପ୍ରତିଥିବା ନିଷ୍ଠାର ପରୀକ୍ଷାନେବା ପାଇଁ ମୁଁ ଗୋଲାପ ରଙ୍ଗର ଜ୍ୟୋତିନେଇ ସେମାନଙ୍କ ଭିତରେ ଭୟସୃଷ୍ଟିକରେ । ଭୟରେ ବିଚଳିତ ନ ହୋଇ ଯଦି ସେମାନେ ସ୍ଥିର ରହନ୍ତି, ତେବେ ସେମାନଙ୍କୁ ଶୁଦ୍ଧ, ସାତ୍ତ୍ୱିକ ବିବେକ, ପ୍ରତିଜ୍ଞାବଦ୍ଧତା, ଏକନିଷ୍ଠଭାବ, ଦୃଢ଼ନିଷ୍ଠତି ଆଦି ଦିବ୍ୟଗୁଣ ଅନ୍ତର୍ଗତ ସିଦ୍ଧି ପ୍ରାପ୍ତିରେ ମୁଁ ସହାୟକ ହୁଏ ।

୩. ତପର ନିଷ୍ଠା ଚରମ ଅବସ୍ଥାରେ ପହଞ୍ଚିଲେ ମୋର ଭୂମିକାର ପରିବର୍ତ୍ତନ ହୁଏ । ଏହି ପର୍ଯ୍ୟାୟରେ କୌମଦକୀ ମାୟା ପରୀଜଗତର ଭାରବହନ କରି ତପସ୍ୱୀମାନଙ୍କର ନିଷ୍ଠାର ପରୀକ୍ଷା ନିଏ । ପରମପିତା ସର୍ବଦା ମଂଗଳମୟ ଓ ଦୟାମୟ । ତପସ୍ୱୀ କୌମଦକୀ ମାୟାବଳୟରେ ପ୍ରବେଶକରିବା ମାତ୍ରେ, ବ୍ରହ୍ମଙ୍କ ବିପରୀତ ଆଦେଶ ମୋ ନିକଟରେ ପହଞ୍ଚେ । ସେତେବେଳେ ମୁଁ ତପସ୍ୱୀର ମନମଧ୍ୟରେ ସୂକ୍ଷ୍ମରେ ପ୍ରବେଶ କରେ । ଫଳରେ ସେମାନଙ୍କ ମନରେ ପ୍ରଲୋଭନ ଓ ପ୍ରହେଳିକାରେ ମୋହିତ ହୋଇ ପଥଭ୍ରଷ୍ଟ ହେବାର ଭୟ ଓ ଆଶଙ୍କା ଆପେ ଆପେ ସୃଷ୍ଟି ହୋଇଯାଏ । ତେଣୁ ଅତୀତ ସାଧନର ଫଳ ନଷ୍ଟ ହୋଇଯିବା ଭୟରେ ସେମାନେ ବିବେକର ଦୃଢତାକୁ ଆଶ୍ରୟ କରନ୍ତି । ମୋ ମାୟା ପ୍ରଭାବରେ ସେମାନେ ପ୍ରହେଳିକାରୁ ଉତ୍ତୀର୍ଣ୍ଣ ହୋଇଯା'ନ୍ତି ଏବଂ କାରଣ ସାତ୍ତ୍ୱିକ ମୋହ ସହିତ ଯୁକ୍ତ ହୋଇଯାଆନ୍ତି । ଏହି ମିଶ୍ରଣ ପ୍ରକ୍ରିୟା ମୋ' ମାୟାଦ୍ୱାରା ସଂଗଠିତ ହୋଇଥାଏ । ଏହାପରେ କୌମଦକୀ ସେମାନଙ୍କର ଉତ୍ତୀର୍ଣ୍ଣ ଅବସ୍ଥାକୁ ବର୍ଣ୍ଣ ସଙ୍କେତ ଦ୍ୱାରା ପରମଙ୍କ ନିକଟକୁ ପ୍ରେରଣ କରିଦିଏ ।

୪. ସାଧକ ମାନଙ୍କର ସାଧନ ସମୟରେ ମୁଁ ହିଁ ବିଭିନ୍ନ ଭୟଙ୍କର ରୂପ, ଶବ୍ଦ ଓ ଆଲୋକ ମାଧ୍ୟମରେ ଭୟ ସୃଷ୍ଟି କରାଇଥାଏ । ସେମାନେ ସାଧନସୂତ୍ରରେ ଅଟଳ ରହିଲେ ମୁଁ ସେମାନଙ୍କ ମଧ୍ୟରେ ଜ୍ୟୋତି ଆକାରରେ ପ୍ରବେଶକରି ବିବେକ କେନ୍ଦ୍ରକୁ ଆୟତ କରେ ଓ ମନ ମଧ୍ୟରୁ ଭାବ ଚହଲାପଥ ତ୍ୟାଗକରି ଦୃଢତା ପ୍ରତିଷ୍ଠା କରାଇବାକୁ ସାହାଯ୍ୟକରେ ।

କ୍ରମଶଃ...

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

ଚପଳମତି ମୁହିଁ ଛଳନା ଜାଣିନାହିଁ ।
ତୁମେ ତ ଏକା ସାହା ମା' ଦିଅନ୍ତି କହି ॥
ଅନ୍ତରେ ବିରାଜିତ ସଦା ହୋଇ ଜାଗ୍ରତ ।
ମୋ ପିଣ୍ଡ ମନ୍ଦିରର ତୁମେ ତ ଅଟ ତାତ ॥

ତେବେ କି ପାଇଁ ପ୍ରଭୁ ଦେଖି ମୁଁ ନ ପାରଇ ।
ଦୋଷ ବା ଅପରାଧ ଶ୍ରଦ୍ଧାରେ ଦିଅ କହି ॥
ତୁମ ଦର୍ଶନ ବିନା ଅଥୟ ହୁଏ ମନ ।
କରୁଣା କର ସାଇଁ ଧନ୍ୟ ହେଉ ଜୀବନ ॥

*ମନରେ ଭାବ, ଭକ୍ତି ବା ବିଶ୍ୱାସ ଆଦୌ ନଥାଇମଧ ପ୍ରତ୍ୟେକବ୍ୟକ୍ତି ଅଦୃଶ୍ୟ ପରମସ୍ଥିତି ଓ ଶକ୍ତିକୁ ସ୍ୱୀକାର କରନ୍ତି । କୌଣସି ସଙ୍କଟ, ସମସ୍ୟା, ବିପଦ ସୃଷ୍ଟି ହେବା ମାତ୍ରେ ସ୍ୱତଃ ତା ପାଟିରୁ ପ୍ରକାଶ୍ୟରେ ହେଉ ଅଥବା ଅନ୍ତରରେ ହେଉ ବାହାରିପଡ଼େ ''ହେ ଭଗବାନ! ରକ୍ଷାକର!!'' । ସତେଯେପରି ସେହି ଅବସ୍ଥାରେ ଭଗବାନ ତା ନିକଟରେ ଉପସ୍ଥିତ ଅଛନ୍ତି । ଏପରି ଏକ ସ୍ୱୟଂଚାଳିତ ଭାବାବେଶରେ ବ୍ୟକ୍ତି କାହିଁକି ଆର୍ତ୍ତ ହୋଇଯାଏ ? ଏହି ଗୋଟିଏ ରହସ୍ୟ ଯଦି ସେ ନିଜେ ଉଦ୍‌ଭାବନ କରିପାରିବ, ତେବେ ସେ ତାଙ୍କର ନିତ୍ୟସ୍ଥଳୀର ସନ୍ଧାନ ପାଇ ପାରିବ । କାରଣ ବାସ୍ତବରେ ସେ ବ୍ୟକ୍ତିର ଏତେ ନିକଟରେ ବିଜେ କରିଛନ୍ତି ଯେ, ଯାହାକୁ ବ୍ୟକ୍ତି ହଠାତ୍ ଗ୍ରହଣ କରିପାରିବ ନାହିଁ । ସେ ପ୍ରତ୍ୟେକଙ୍କ ପିଣ୍ଡରେ ହିଁ ସୂକ୍ଷ୍ମାତିସୂକ୍ଷ୍ମ ସତ୍ତା ନେଇ ସଦା ଉପସ୍ଥିତ ଅଛନ୍ତି । କିନ୍ତୁ ଯେଉଁଠାରେ ସେ ଅଛନ୍ତି, ସେହି ସ୍ଥାନଟି ଗୋଟିଏ ବନ୍ଦୀଶାଳାପରି ବଳୟଦ୍ୱାରା ଆବଦ୍ଧ ହୋଇଯାଇଛି । ଯେ ପର୍ଯ୍ୟନ୍ତ ସେହି ବଳୟ ଅତିକ୍ରମ କରାନଯିବ, ସେ ପର୍ଯ୍ୟନ୍ତ ତାଙ୍କୁ ପାଇବା ଅସମ୍ଭବ ହୋଇଯିବ । ବୟସର ବୃଦ୍ଧି ସଂଗେସଂଗେ ଏହି ବଳୟର ଉପାଦାନ ମଧ ଶକ୍ତ ହୋଇଯାଇଥାଏ । ବୟସ ପରିଣତ ଅବସ୍ଥାରେ ଉପନୀତ ହୋଇ ଶରୀର, ମନ, କ୍ରିୟାଶକ୍ତି ଶିଥିଳ ହୋଇଯିବ, ମାତ୍ର ଆଲୋଚିତ ବଳୟ ଅତିଶୟ କଠିନ, ଦୃଢ଼ ଅବସ୍ଥା ପ୍ରାପ୍ତ ହୋଇଯିବ । ସେ ଶରୀର ତ୍ୟାଗକରି ସ୍ୱମଣ୍ଡଳକୁ ବାହୁଡ଼ିଯିବେ । ଜନ୍ମ ପରେ ଜନ୍ମ ଅତିବାହିତ ହୋଇ ଯାଇଥିଲେ ମଧ ନିଜ ପିଣ୍ଡାଧିକାରୀ, ପ୍ରାଣପତିଙ୍କ ଛାୟାମଧ ଦେଖିହେବନାହିଁ । ସେଥିପାଇଁ ବାଲ୍ୟକାଳରୁ ଯଦି ଚେଷ୍ଟା ଅଭ୍ୟାସସୂତ୍ରରେ ଆରମ୍ଭ କରାଯାଏ, ତେବେ ସେହି ବାଳକ ହିଁ ଅବଶେଷରେ ତାଙ୍କୁ ଅନୁଭବ କରିପାରେ, ଦେଖିପାରେ । କାରଣ କଅଁଳ ଶରୀରରେ ଉପରୋକ୍ତ ସୁରକ୍ଷାବଳୟ ମଧ୍ୟ କଅଁଳ ଥାଏ, ତେଣୁ ଅଭ୍ୟାସ ଦ୍ୱାରା ସେହି କୋମଳତତ୍ତ୍ୱକୁ ଅପରିବର୍ତ୍ତନୀୟ ରଖିବା ସମ୍ଭବ ହୁଏ । ସେହି ଉଦ୍ଦେଶ୍ୟରେ ପରମପିତାଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ 'ଚରମ' ର ଏହି ସ୍ତମ୍ଭ ବାଲ୍ୟକାଳରୁ ଧର୍ମ ଧନ ସଂଚୟର ସୂତ୍ର/କୌଶଳକୁ ଧାରଣକରି ଶିଶୁ, ବାଲ୍ୟ, କିଶୋର ମାନଙ୍କ ପାଇଁ ଉତ୍ସର୍ଗ ହୋଇଛି ।*

'ଚରମ' ଅଷ୍ଟମପୁଷ୍ପ : ପଞ୍ଚମ ପାଖୁଡା : ୪୨ (ଦୁଇ ଚତ୍ୱାରିଂଶ) ତମ ସଂଖ୍ୟା ଅନୁସୃତିରୁ

## ବିସ୍ମୟ ଶ୍ରଦ୍ଧାନନ୍ଦ

ମା'ଙ୍କ ନିକଟରୁ ମାଧବଙ୍କ ସଂପର୍କରେ କାହାଣୀ ଶୁଣିବାପରେ 'ଶର'ର ସମସ୍ତ ଦୁଷ୍ଟାମି ଧିରେ ଧିରେ କମିଆସିଲା । କିନ୍ତୁ ମା'ଙ୍କ କଥାକୁ ଅବିଶ୍ୱାସ ନ କଲେ ମଧ ଗ୍ରହଣ କରିପାରୁନଥିଲା । ଅନେକ ସମୟରେ ଏକୁଟିଆ ଚୁପ୍ ହୋଇ ବସୁଥିଲା ଏବଂ ଭାବୁଥିଲା, ''କିଏ ଏହି ମାଧବ ? କେଉଁଠାରେ ରହୁଛନ୍ତି ? ଗାଁ ମୁଣ୍ଡରେ ଥିବା ଖଣ୍ଡେ ପଥର । ସେ ପୁଣି ମାଧବ ହୋଇ ସମସ୍ତଙ୍କୁ ଦେଖୁଛି, ସମସ୍ତଙ୍କ କଥା ଶୁଣୁଛି, ସମସ୍ତଙ୍କ ମନ କଥା

ଜାଣିପାରୁଛି । ଏହା କିପରି ସମ୍ଭବ ହେଉଛି ? ଯଦି ତାହା ସତ୍ୟ, ତେବେ ମୁଁ କାହିଁକି ଦେଖି ପାରୁନି, କଥା ହୋଇ ପାରୁନି ? ଏହାର କାରଣ କ'ଣ ?'' ଏହିପରି ଅନେକ ପ୍ରଶ୍ନ ତା'ର ମନକୁ ଅଥୟ କରି ପକାଇଲା ଏବଂ ମାଧବଙ୍କୁ ଦେଖିବାପାଇଁ ବ୍ୟାକୁଳ ହୋଇଉଠିଲା । ବାରମ୍ଭାର ପୁଅର ଅନ୍ୟମନସ୍କ ଭାବ, ନୀରବତା ଲକ୍ଷ୍ୟକରି ସ୍ନେହମୟୀ ଜନନୀ ଅସ୍ଥିର ହୋଇଗଲେ । ଯେତେ ଯାହା ପଚାରିଲେ ମଧ୍ୟ 'ଶର' କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନପାରି କେବଳ ପ୍ରଶ୍ନବାଚୀ ନୟନରେ ମା'ଙ୍କୁ ଚାହିଁ ରହୁଥିଲା । ପୁଅର ମନକଥା ଜାଣିବା ପାଇଁ ମା' ଦିନେ ଏକ ଅଭିନବ କୌଶଳ ଚିନ୍ତାକଲେ । ପ୍ରତିଦିନର ଅଭ୍ୟାସ କ୍ରମରେ କୋଳରେ ବସାଇ ପୁଅକୁ ଖୁଆଇଦେଲେ । କିନ୍ତୁ ନିଜେ ଖାଇଲେ ନାହିଁ । ଅନେକ ସମୟ ଅପେକ୍ଷା କରିବାପରେ 'ଶର' ମା'ଙ୍କୁ ପଚାରିଲା,''ମା'! ତୁମେ କାହିଁକି ଖାଉନାହଁ ?'' ମା' କାନ୍ଦିକାନ୍ଦି କହିଲେ, ''ତୋର କ'ଣ ହୋଇଛି ? ସବୁବେଳେ ନୀରବ ରହି ତୁ କ'ଣ ଭାବୁଛୁ ? ମୋତେ ନ କହିବାଯାଏ ମୁଁ ଖାଇବି ନାହିଁ ।'' ରକ୍ତର ସଂପର୍କ ଏତେ ନିବିଡ଼ ଯେ, ମା'ର କାନ୍ଦରେ ପୁଅର ହୃଦୟ ମଧ୍ୟ କୋହରେ ପୂର୍ଣ୍ଣ ହୋଇଗଲା । ମା'ର ଗଳାରେ ଝୁଲିପଡ଼ି ସେ ମଧ୍ୟ କାନ୍ଦି ପକାଇଲା । କହିଲା, ''ମା' ! ତୁମେ ଖାଇଦିଅ । ମୁଁ ଆଜି ସବୁକଥା କହିଦେବି ।'' ମା' ଖାଇଲେ । ଏଥରକ 'ଶର' କହିଲା, ''ମା' ! ସେଦିନ ମାଧବଙ୍କ ସଂପର୍କରେ ତୁମେ ମୋତେ ଯାହାସବୁ କହିଲ, ମୁଁ ସବୁବେଳେ ସେହିକଥା ଭାବୁଛି । ସେ ଯଦି ସବୁଠାରେ ଅଛନ୍ତି, ଆମ ସମସ୍ତଙ୍କୁ ଦେଖିପାରୁଛନ୍ତି, ଆମକଥା ଶୁଣି ପାରୁଛନ୍ତି, ତେବେ ମୁଁ କାହିଁକି ତାଙ୍କୁ ଦେଖିପାରୁନାହିଁ ? ଏହି ଚିନ୍ତା ମୋତେ ଅଥୟ କରି ଦେଉଛି ।'' ପୁଅମନର ଭାବଦେଖି ମା' ଅବାକ୍ ହୋଇଗଲେ । କି ଉତ୍ତର ଦେବେ, ସ୍ଥିର କରିପାରିଲେ ନାହିଁ । ଶେଷରେ ସେହି ମାଧବଙ୍କୁ ସ୍ମରଣକରି କହିଲେ,''ହେ ମାଧବ! ଯେଉଁ ରହସ୍ୟ ମୁଁ ନିଜେ ମଧ୍ୟ ଜାଣିନାହିଁ, ତାହାକୁ କେଉଁପରି ଏ ଅବୁଝାପୁଅକୁ ବୁଝାଇବି ? କରୁଣାକରି ତୁ ନିଜେ ଏହାର ସମାଧାନ କରିଦେ ।'' ସରଳପ୍ରାଣ ଭକ୍ତର ପାଖେ ପାଖେ, ଛାଇପରି ରହୁଥିବାରୁ ତାଙ୍କର ଅସଂଖ୍ୟନାମ ମଧ୍ୟରୁ ଗୋଟିଏନାମ ହେଉଛି 'ଭାବଗ୍ରାହୀ' । ସତେଯେପରି ଶିକ୍ଷା ଦୀକ୍ଷାହୀନା, ଅଜ୍ଞାନୀ ଜନନୀ ମାଧବୀଙ୍କର ଆକୁଳ ନିବେଦନ ତାଙ୍କ କାନରେ ପଡିଗଲା । କୃପାରେଣୁ ସୂକ୍ଷ୍ମରେ ମାଧବୀଙ୍କ ଶରୀରରେ ପ୍ରବେଶ କରିଗଲା । ଏକ ମହାଜ୍ଞାନୀ ତପସ୍ୱିନୀଙ୍କପରି ମାଧବୀ ହସିହସି କହିଲେ, ''ଧନମୋର! ଏହି ସାମାନ୍ୟକଥାପାଇଁ ତୁ ଏତେଦିନଧରି ଏତେ ଭାବୁଛୁ ?

ତୁ ଯଦି ମୋକଥା ମାନିବୁ, ତେବେ ମୁଁ ତାକୁ (ମାଧବ) ଦେଖିବାର ସମସ୍ତ କୌଶଳ ଶିଖାଇ ଦେବି । ତେବେ ତୁ କହ, କାହିଁକି ଦେଖିବାପାଇଁ ବ୍ୟାକୁଳ ହେଉଛୁ ? ଦେଖିଲେ କ'ଣ କରିବୁ ? ଆନନ୍ଦରେ ଅଧିର ହୋଇ 'ଶର' କହିଲା, 'ମା'! ତାକୁ ଦେଖିଲେ, ମୁଁ ତାଙ୍କସହ ଖେଳିବି । ସାଙ୍ଗହୋଇ ଖାଇବି । ସବୁବେଳେ ତାଙ୍କର ସାଙ୍ଗରେ ରହିବି । କୁହ ମା' । ମୋତେ ଶିଖାଇଦିଅ । ତୁମେ ଯାହାକହିବ ମୁଁ ତୁମକଥା ଠିକ୍ ଠିକ୍ ପାଳନ କରିବି ।'' ଅସ୍ଥିର ହୋଇ ଉଠିଲା ମନ । ମା' କହିଲେ; ''ତାକୁ ଦେଖିବା ଆଗରୁ ତୋତେ ଅନେକ ଗୁଡିଏ ଅଭ୍ୟାସ କରିବାକୁ ହେବ । ଗୋଟି ଗୋଟି କରି ମୁଁ କହୁଛି । ମନଦେଇ ଶୁଣ ।''

ମାଧବଙ୍କ ସୂକ୍ଷ୍ମ କୃପା ଲାଭକରି ମା' ମାଧବୀ କହିଲେ :

୧. ପ୍ରତିଦିନ ରାତି ପାହିବା ପୂର୍ବରୁ ନିଦରୁ ଉଠିଯିବୁ । ଶଯ୍ୟା ତ୍ୟାଗ କରିବା ପୂର୍ବରୁ ଶଯ୍ୟାରେ ବସି 'ମାଧବ'ଙ୍କୁ ଚିନ୍ତାକରି ପ୍ରଣାମ କରିବୁ ।

୨. ଶଯ୍ୟା ତ୍ୟାଗ କରି ଗୋଡ଼, ହାତ,ମୁଖ ଇତ୍ୟାଦି ଶୌଚ କରିବୁ । ନିତ୍ୟକର୍ମ କରିବା ସମୟରେ ସ୍ନାନ କରିବା ବହୁତ ଭଲ । କାରଣ ସୂର୍ଯ୍ୟ ଉଦୟ ହେବାପରେ ଯେଉଁ ସ୍ନାନ କରାଯାଏ, ତାହା ରକ୍ତସ୍ନାନ କରିବା ସଙ୍ଗେ ସମାନ ହୋଇଥାଏ । ଫଳରେ ଶରୀରରେ ପିତ ଓ ବାତ ପରିମାଣ ବୃଦ୍ଧିପାଇ ଶରୀର ଅସୁସ୍ଥ କରିଦିଏ ।

୩. ସ୍ନାନ କରିବାପରେ ପିତା ଓ ମାତାଙ୍କୁ ପ୍ରଣାମ କରିବୁ । ତା'ର କାରଣ ବୁଝାଇ ଦେଉଛି, ମନ ଦେଇ ଶୁଣ । ତୁ ଆଜି ଯେଉଁ ଶରୀର ଗ୍ରହଣ କରିଛୁ ତାହା କେବଳ ତୋର ପିତା ଓ ମାତାଙ୍କ ଯୋଗୁ ହିଁ ସମ୍ଭବ ହୋଇଛି । କିପରି ସମ୍ଭବ ହୋଇଛି ବଡ ହୋଇଗଲେ ଆପେ ଜାଣିଯିବୁ । ତେବେ ଏତିକି ମନେରଖ ଯେ, ତୁ ଏ ଦେହଧରି ବାହାରକୁ ଆସିବା ପୂର୍ବରୁ ଦଶମାସ ଧରି ତୋ ମାଆର ଗର୍ଭ ମଧ୍ୟରେ ଥିଲୁ । ସେହି ସମୟରେ ତୋ ମାଆର ରକ୍ତରୁ ଖାଦ୍ୟ ସୃଷ୍ଟି ହେଉଥିଲା । ସେହି ରକ୍ତ ଓ ଖାଦ୍ୟରେ ତୋର ଏ ପିଣ୍ଡ ଗଢ଼ା ହୋଇଛି । ତୁ ଗର୍ଭରେ ଥିଲାବେଳେ ମା' ତୋ'ର ଅନେକ କଷ୍ଟ ସହିଛି ଯାହାକୁ ସେହି ମାଆ ବ୍ୟତୀତ ଆଉ କେହି ଅନୁଭବ କରି ପାରିବେ ନାହିଁ । ତୁ ଜନ୍ମ ନେଇ ସାରିବା ପରେ ବର୍ତ୍ତମାନର ଖାଦ୍ୟ ଖାଇ ଶିଖିବା ପର୍ଯ୍ୟନ୍ତ ମା' ତା'ର ରକ୍ତକୁ କ୍ଷୀରରେ ରୂପାନ୍ତରିତ କରି ତୋତେ ଖାଇବାକୁ ଦେଇଛି । ତେଣୁ ତୁ ମାଆର ରକ୍ତଖାଇ ବଞ୍ଚିରହିଛୁ । ତୁ ସେତେବେଳେ ଚାଲି ଶିଖିନଥିଲୁ । ବସିବା, କଥାକହିବା, ଖାଇବା, ନିଜକାମ ନିଜେ କରିବା ଜାଣିନଥିଲୁ କିମ୍ବା କରିପାରିନଥିଲୁ । ଯେଉଁ ମାଧବଙ୍କପାଇଁ ବ୍ୟାକୁଳ ହେଉଛୁ, ସେହି ମାଧବ ତୋ ଭିତରେ ଅଦୃଶ୍ୟ ଭାବରେ ରହି ତୋତେ ଏ ସମସ୍ତ ଶିକ୍ଷା କରିବାର ଅଭ୍ୟାସ ପାଇଁ ପ୍ରେରଣା, ଓ ଶକ୍ତି ପ୍ରଦାନ କରୁଥିଲେ । କିନ୍ତୁ ସେତେବେଳେ ପ୍ରତିମୁହୂର୍ତ୍ତରେ ତୋର ମାଆ ହିଁ ତୋ ନିକଟରେ ଉପସ୍ଥିତ ରହି ତୋତେ ଅଭ୍ୟାସ କର୍ମରେ ଆଗେଇ ନେଉଥିଲା । ସେ ସମୟରେ ମଧ ମାଆ ଅନେକ କଷ୍ଟ, ଯନ୍ତ୍ରଣା ଭୋଗକରିଛି । ସେହି କାରଣରୁ ତୋର ମନଦୁଃଖ ହେଲେ ବା ଶରୀର ଅସୁସ୍ଥ ହେଲେ ମୁଁ ଅଥୟ ହୋଇଯାଏ । ତେଣୁ ତୁ କେବଳ ନୁହେଁ, କୌଣସି ସନ୍ତାନ ଯେତେ ଯାହା କର୍ମ କଲେ ମଧ ତା'ର ଜନ୍ମଦାତ୍ରୀ ମାତା, ପିତାଙ୍କର ଋଣ ଶୁଝିପାରେନାହିଁ । ଏକମାତ୍ର ପଥ ହେଉଛି, ସନ୍ତାନ ଯଦି ଯୋଗ୍ୟ ହୁଏ, ତେବେ ମାତା, ପିତା ବହୁତ ଖୁସି ହୁଅନ୍ତି । ସେମାନେ ଖୁସି ହେଲେ ମାଧବ ସନ୍ତୁଷ୍ଟ ହୁଅନ୍ତି । ଶାସ୍ତ୍ରରେ ସେହି ମର୍ମରେ ଲେଖାଅଛି :-

ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପ ।
ପିତା ଖୁସି ହେଲେ ସର୍ବ ଦେବ ରହନ୍ତି ସମୀପ ॥
ଜନନୀ ଜନମଭୂମି ସ୍ୱର୍ଗଠାରୁ ଗରୀୟାନ ।
ଜନନୀ କୃପାରେ ମିଳେ ବ୍ରହ୍ମ ମହାଧନ ॥

ତେଣୁ ରେ ଧନ! ତୋର ପିତା ମାତାଙ୍କୁ କେବେ ବି ଭୁଲିବୁ ନାହିଁ । ପ୍ରତିଦିନ ପ୍ରଣାମ କରିବୁ ।

କ୍ରମଶଃ.....

# ଉତ୍ତିଷ୍ଠତଃ । ଜାଗ୍ରତଃ ।।

## ଜଗତର କଲ୍ୟାଣ ସାଧନ

ଆମକୁ ଅନେକ ସ୍ଥାନରେ ଅନେକେ ଅନେକ ସମୟରେ ପ୍ରଶ୍ନକରନ୍ତି-‘ତୁମର ଧର୍ମ ସମାଜର କେଉଁ କାମରେ ଲାଗେ ? ସମାଜର କି ଉପକାର କରେ ??’ ଆଲୋଚନା ଛଳରେ ଯୁକ୍ତି କରି ସେମାନେ ଆମକୁ ଏପରି ବହୁ ପ୍ରଶ୍ନ ବାଣରେ ଜର୍ଜରିତ କରନ୍ତି । ମାତ୍ର ଆମେ ଲକ୍ଷ୍ୟକରୁଁ, ପ୍ରଶ୍ନର ଉତ୍ତର ଧିରସ୍ଥିର ଭାବରେ ଶୁଣିବାର ଧୈର୍ଯ୍ୟ ଓ ମାନସିକତା ଲେଶମାତ୍ର ତାଙ୍କର ନଥାଏ । ତେଣୁ ମୋର ଉତ୍ତର ଦେବା ସଂପୂର୍ଣ୍ଣ ହୋଇପାରେ ନାହିଁ, ସତ୍ୟ; ମାତ୍ର ସେମାନଙ୍କ ତୁଣୀରରୁ ପ୍ରଶ୍ନବାଣ ଶେଷ ହୋଇ ନଥାଏ ।।

ସେମାନଙ୍କ ବିଚାରରେ ସମାଜକୁ ସତ୍ୟ ପରୀକ୍ଷାର କଷଟି ପଥର କରାହୋଇଛି, କିନ୍ତୁ ଆମ ବିଚାରରେ ଏହା ଅତ୍ୟନ୍ତ ଅଯୌକ୍ତିକ । ସମାଜ ଆତ୍ମମାନଙ୍କର କ୍ରମୋନ୍ନତିର ଗୋଟିଏ ସୋପାନ ମାତ୍ର । ଆମେ ସମାଜରେ ଜନ୍ମ ଗ୍ରହଣ କରୁଁ, ସମାଜରେ ଲାଳିତ-ପାଳିତ ହେଉଁ,ସମାଜରେ ଜୀବନ ଧାରଣ କରୁଁ, ସମାଜରେ ଶିକ୍ଷାଲାଭ କରୁଁ, ଅଭିଜ୍ଞତା ମଧ୍ୟ ଅର୍ଜନ କରୁଁ, ସମାଜରେ ଆମର ଜୀବନ ବର୍ଦ୍ଧନ ସଂଘଟିତ ହୁଏ, ଶେଷରେ ଏହି ସମାଜରେ ଆମେ ମୃତ୍ୟୁ ବରଣ କରୁଁ । ସମାଜ ପାଖରେ ଆମେ ବହୁଳ ଭାବରେ ଋଣୀ । ଆମ ଜୀବନ କାଳ ମଧ୍ୟରେ ସମାଜର ସେବାକରି ସାଧ୍ୟମତେ ଆତ୍ମମାନଙ୍କୁ ସାମାଜିକ ଋଣ ପରିଶୋଧ କରିବାକୁ ହୁଏ । ସ୍ୱାର୍ଥପର ଓ ଆତ୍ମକେନ୍ଦ୍ରିକ ବ୍ୟକ୍ତି ସାମାଜିକ ଋଣ ପରିଶୋଧ କରିପାରେ ନାହିଁ । ଆତ୍ମ ସ୍ୱାର୍ଥସିଦ୍ଧି ନିମନ୍ତେ ସେପରି ବ୍ୟକ୍ତି ଏତେ ଅଧିକ ବ୍ୟସ୍ତତା ମଧ୍ୟରେ ଅହୋରାତ୍ର ଲିପ୍ତଥାଏ ଯେ, ସମାଜର ଉପକାର ସେ ସଂପୂର୍ଣ୍ଣ ବିସ୍ମୃତ ହୋଇଯାଇ କୃତଘ୍ନରେ ପରିଣତ ହୋଇଯାଏ, ତେଣୁ ସାମାଜିକ ଋଣ ପରିଶୋଧଭଳି ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସଂପାଦନର ବିଚାର ତା'ମନକୁ ସ୍ପର୍ଶ ସୁଦ୍ଧା କରିପାରେ ନାହିଁ । ଏ ଜାତୀୟବ୍ୟକ୍ତି ଅତ୍ୟନ୍ତ କୁହାଳିଆ, ବାକ୍ୟବୀର । ଆଡ଼ମ୍ବର ପୂର୍ଣ୍ଣ ବାକ୍ୟ ଓ ଶବ୍ଦ ପ୍ରୟୋଗ କରି ସେମାନେ ଆତ୍ମପକ୍ଷ ସମର୍ଥନ କରନ୍ତି । ପ୍ରକୃତ ସତ୍ୟଠାରୁ ବହୁଦୂରକୁ କ୍ରମଶଃ ଦୂରେଇ ଯାଆନ୍ତି । ସତ୍ୟର ଅପଳାପ କରନ୍ତି । କୁଟିଳ ଓ ଜଟିଳ ଯୁକ୍ତିତର୍କ ଉତ୍ଥାପନ କରି ଆତ୍ମପ୍ରସାଦ ଲାଭ କରନ୍ତି । ନିଜର ତଥାକଥିତ ପାଣ୍ଡିତ୍ୟ ପ୍ରଦର୍ଶନ କରନ୍ତି । ଅଥଚ ଯେଉଁମାନେ ସମାଜର ମଙ୍ଗଳ, କଲ୍ୟାଣ ଓ ଋଣ ପରିଶୋଧକୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ରୂପେ ବରଣ କରି ନେଇ ନିଃସ୍ୱାର୍ଥ ସେବାରେ ଲିପ୍ତ ଅଛନ୍ତି, ସେମାନଙ୍କୁ ବାକ୍ ବିତଣ୍ଡା, ଯୁକ୍ତିତର୍କ ଓ ବିରୋଧ କରି ନିଜର ଅହଂକାର ଜନିତ ଅହଂବୁଦ୍ଧିରେ ଅଟଳ ଅଚଳ ରହନ୍ତି ।।

ଆମେ କହୁଥିଲୁଁ, ସମାଜ ଆତ୍ମମାନଙ୍କର କ୍ରମୋନ୍ନତିର ଗୋଟିଏ ସୋପାନ ମାତ୍ର । ସମାଜମଙ୍ଗଳ, ଜନକଲ୍ୟାଣ ଓ ସାମାଜିକ ଋଣ ପରିଶୋଧ କରୁଁକରୁଁ ଆମକୁ ଏହି ସାମାଜିକ ସୋପାନ ଅତିକ୍ରମ କରି କ୍ରମୋନ୍ନତି (ଆତ୍ମୋନ୍ନୟନ) ପଥରେ ଆଗେଇ ଯିବାକୁ ହେବ । ଏହା ନକଲେ, ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ସକଳର ଗୁଣାଗୁଣ ଏବଂ ପ୍ରୟୋଜନୀୟତାକୁ ଶିଶୁର ପ୍ରୟୋଜନର ମାପକାଠିରେ ବିଚାର କରିବାକୁ ହେବ । ଏହା ଅତ୍ୟନ୍ତ ଆସୁରିକ । ସାମାଜିକ ଅବସ୍ଥା ଚିରସ୍ଥାୟୀ ହେଲେ, ତାହା ଶିଶୁର ଚିରଦିନ ଶିଶୁ ହୋଇ ରହିବାର ଅନୁରୂପ ହେବ । ଶିଶୁ କଦାପି କେବେହେଲେ ପୂର୍ଣ୍ଣମାନବ ହୋଇପାରିବ ନାହିଁ । ବ୍ୟବହାର ଓ ଅର୍ଥ ଦୃଷ୍ଟିରୁ ଶବ୍ଦଗୁଡ଼ିକ ପରସ୍ପର ବିରୋଧି; ସୁତରାଂ ନିର୍ଦ୍ଦୋଷ ସମାଜ ମଧ୍ୟ ଅସମ୍ଭବ । ମନୁଷ୍ୟକୁ ଶୈଶବ ଅବସ୍ଥାରୁ ବିଭିନ୍ନ ଅବସ୍ଥା

ମଧ୍ୟଦେଇ ବଢ଼ ହେବାକୁ ହୁଏ । କୌଣସି ଏକ ବିଶେଷ ଅବସ୍ଥାରେ ସମାଜ ଭଲ ହୋଇପାରେ, କିନ୍ତୁ ତାହା ମଧ୍ୟ ଆମର ଚରମ ଲକ୍ଷ୍ୟ ହୋଇପାରେ ନାହିଁ । କାରଣ ସମାଜ ଅବିରତ ପରିବର୍ତ୍ତନଶୀଳ ଗୋଟିଏ ପ୍ରବାହ ମାତ୍ର । ଦମ୍ଭ ଏବଂ ଅହମିକା ପୂର୍ଣ୍ଣ ବର୍ତ୍ତମାନର ଲାଭଖୋର ବଣିକ-ସଭ୍ୟତାର ଧ୍ୱଂସ ଅନିବାର୍ଯ୍ୟ । ଏହା କେବଳ ଏକ ତୁଚ୍ଛ ପ୍ରଦର୍ଶନୀ ମାତ୍ର ॥

ଜଗତ ବ୍ୟକ୍ତି ମାଧ୍ୟମରେ ଚିନ୍ତାଶକ୍ତିର ବିକାଶ ପ୍ରତ୍ୟକ୍ଷ କରିବାକୁ ଚାହେଁ । ଠାକୁରେ ଅନେକ ସମୟରେ ଆମକୁ ଗୋଟିଏ କଥା ବାରମ୍ବାର କହିଥିବାର ସ୍ମରଣ ହୁଏ-'ତୁମେ ତୁମର ହୃଦୟପଦ୍ମ ପ୍ରସ୍ଫୁଟିତ କରି ରଖ, ଭ୍ରମରମାନେ ପଦ୍ମମଧୁ ପାନ କରିବା ଲୋଭରେ ଆପେ ଆପେ ଆସିଯିବେ; ସେଥିପାଇଁ ପ୍ରଚାର ପ୍ରସାର କରିବା ଆଦୌ ଦରକାର ପଡ଼ିବ ନାହିଁ ।' ଜଗତରେ ବର୍ତ୍ତମାନ ସମୟରେ ଭଗବଦ୍‌ଭାବରେ ତନ୍ମୟ ଲୋକର ପ୍ରୟୋଜନ ହୋଇ ପଡିଛି । ପ୍ରଥମେ ନିଜେ ନିଜ ଉପରେ ବିଶ୍ୱାସ ସ୍ଥାପନ କରି ଆତ୍ମବିଶ୍ୱାସୀ ହୁଅ, ଏହାହେଲେ ଠାକୁରଙ୍କ ଉପରେ ସ୍ୱତଃ ବିଶ୍ୱାସ ଆସିଯିବ । ଏହି ସ୍ଥୁଳ ଜଗତର ଇତିହାସ ଆଉ କ'ଣକି ? ପବିତ୍ର,ଗମ୍ଭୀର,ଚରିତ୍ରବାନ, ଆଚରଣସିଦ୍ଧ, ନିଃସ୍ୱାର୍ଥପର, ପରୋପକାରୀ ମାନବପ୍ରେମୀ ଏବଂ ଶ୍ରଦ୍ଧା ସମ୍ପନ୍ନ କେତେଜଣ ଶୁଦ୍ଧ ମାନବଙ୍କର ଜୀବନ ଇତିହାସ ହିଁ ଏ ଜଗତର ଇତିହାସ ॥

ମୋ ପ୍ରଭୁଙ୍କର ମତାନୁସାରେ ଆମ ପ୍ରତ୍ୟେକଙ୍କ ପାଇଁ ତିନୋଟି ମୁଖ୍ୟବସ୍ତୁ ଓ ଭାବର ପ୍ରୟୋଜନ ରହିଛି । (୧) ଅନୁଭବ କରିବାର ହୃଦୟ, (୨) ଧାରଣା କରିବାର ମସ୍ତିଷ୍କ, ଓ (୩) କାର୍ଯ୍ୟ କରିବା ପାଇଁ ହସ୍ତ । ସର୍ବପ୍ରଥମେ ନିର୍ଜନରେ ରହି ସାଧନ ପ୍ରକ୍ରିୟା (ଧାରା) ମାଧ୍ୟମରେ ନିଜକୁ ପ୍ରସ୍ତୁତ କରିବାକୁ ହୁଏ । ନିଜକୁ ଗୋଟିଏ ଉପଯୁକ୍ତ କାର୍ଯ୍ୟଦକ୍ଷ ଯନ୍ତ୍ରରେ ପରିଣତ କରିବାକୁ ହେବ । ନିଜକୁ ଗୋଟିଏ ତଡ଼ିତ୍-ଉତ୍ପାଦକ ଯନ୍ତ୍ର କରି ତୋଳିବାକୁ ହେବ । ଏହାହିଁ ପ୍ରାଥମିକ କାର୍ଯ୍ୟ (ସାଧନା) । ପ୍ରାଥମିକ କାର୍ଯ୍ୟ ସଂପୂର୍ଣ୍ଣ ସଫଳ ହେବାପରେ ପ୍ରଥମେ ଜଗତର ଲୋକମାନଙ୍କ ପାଇଁ ହୃଦୟରେ ଅନୁଭବ କର । ଏହାଦ୍ୱାରା ସମବେଦନା ଓ ସମ୍ବେଦନଶୀଳତା ସୃଷ୍ଟି ହେବ । ଯେତେବେଳେ ଜଗତରେ ସମସ୍ତେ ନିଜ ନିଜର କାମରେ ବ୍ୟସ୍ତ, ଆପଣାର ସ୍ୱାର୍ଥସାଧନ ଓ ସ୍ୱାର୍ଥ ରକ୍ଷା ପାଇଁ ଅହୋରାତ୍ର ଉନ୍ମୁଖ; ସେତେବେଳେ ହୃଦୟବାନ ବ୍ୟକ୍ତିଟିଏ କାହିଁ କେଉଁଠି ଅଛି ? ତୁମେ ନିଜେ ନିଜର ବିନୟ ଓ ପ୍ରେମକୁ ପରୀକ୍ଷାକରି ଦେଖ । ଯାହାର ଅନ୍ତଃକରଣରେ ସାମାନ୍ୟତମ ଈର୍ଷା ଅଛି, ସେ କସ୍ମିନ୍‌କାଳେ ବିନୟୀ ବା ପ୍ରେମିକ ହୋଇ ପାରେନା । ଈର୍ଷା ଏକ ବିଭତ୍ସ ଓ ଭୟଙ୍କର ପାପ । ଏହା ମନୁଷ୍ୟ ଅନ୍ତରରେ ରହସ୍ୟଜନକ ଭାବରେ ପ୍ରବେଶ କରେ । ନିରୋଳା ମୁହୂର୍ତ୍ତରେ ନିର୍ଜନରେ ନିଜକୁ ନିଜେ ପ୍ରଶ୍ନକରି ଅନ୍ତଃକରଣରୁ ଉତ୍ତରଖୋଜ-ଈର୍ଷା ଏବଂ ହିଂସାରେ ତୁମର କୌଣସି ସାମାନ୍ୟତମ ପ୍ରତିକ୍ରିୟା ହୁଏକି ? ହିଂସା ଏବଂ ଈର୍ଷା ପାଇଁ ଜଗତରେ ବାରମ୍ବାର ବହୁ ଆରମ୍ଭ ସତ୍‌କାର୍ଯ୍ୟ ବିନଷ୍ଟ ହୋଇ ଯାଇଛି । ଯଦି ତୁମେ ବଳବାନ୍ ହୁଅ, ଯଦି ତୁମେ ପବିତ୍ର ହୁଅ, ଯଦି ତୁମେ ହୃଦୟବାନ୍ ହୁଅ; ତେବେ ତୁମେ ଏକାକୀ ସମଗ୍ର ଜଗତର ସମକକ୍ଷ ହୋଇପାରିବ ॥

ସତ୍‌ସଙ୍ଗ ହିଁ ତୁମକୁ ସତ୍‌କର୍ମ ସାଧନ ନିମନ୍ତେ ପ୍ରେରଣା ଓ ପାଥେୟ ଯୋଗାଇ ଦେବ । ସତ୍‌କର୍ମ ସାଧନ ନିମନ୍ତେ ଦ୍ୱିତୀୟ ଆବଶ୍ୟକତା ହେଉଛି ଧାରଣା ପାଇଁ ଉର୍ବର ମସ୍ତିଷ୍କ । ଏହା ବୁଦ୍ଧିର ବିକାଶକେନ୍ଦ୍ର । କିନ୍ତୁ ତାହା ଶୁଷ୍କ ସାହାରା ମରୁତୁଲ୍ୟ । ବୁଦ୍ଧି ନିକଟରେ ପ୍ରେମ, ପ୍ରୀତି, ସ୍ନେହ, ମମତା, ଶ୍ରଦ୍ଧାଦି କୋମଳ ଗୁଣରାଜି ରହିବାକୁ ପସନ୍ଦ କରନ୍ତି ନାହିଁ । ପୁଣି ବୁଦ୍ଧି ସ୍ୱୟଂ ଏକାକୀ କିଛି ବି କରିବାକୁ ସମର୍ଥ ହୁଏନାହିଁ । ଏହା ହୃଦୟର ସହଯୋଗ ସବୁବେଳେ ହିଁ ଲୋଡ଼ିଥାଏ । କାରଣ ହୃଦୟବତ୍ତା ପ୍ରେରଣା ଓ ଉତ୍ସାହ ଯୋଗାଇ ଦିଏ । କୌଣସି କର୍ମ ସଂପାଦନ ନିମନ୍ତେ ପ୍ରେରଣା ବା ଉତ୍ସାହ ନରହିଲେ, ସେହି କର୍ମ କରିବାର ଇଚ୍ଛାହିଁ ଜାଗ୍ରତ ବା ଉଦ୍ରେକ ହୁଏ ନାହିଁ । ତେଣୁ ତୁମକୁ ପ୍ରେମପଥ ଅବଲମ୍ବନ କିବାକୁ ହେବ । ପ୍ରେମ କୌଣସି କାଳରେ ବ୍ୟର୍ଥ ବା ନିଷ୍ଫଳ ହୁଏ ନାହିଁ । ହୃଦୟରେ

ପ୍ରେମପ୍ରୀତିର କୋମଳଭାବ ରହିଲେ, କଠିନ ମସ୍ତିଷ୍କ ଧାରଣା କରିବାକୁ କ୍ଷମ ଓ ସମର୍ଥ ହୁଏ । ଋଷିମାନେ ଧ୍ୟାନ ଧାରଣା ଦ୍ୱାରା ଈଶ୍ୱର ଦର୍ଶନ କରିଛନ୍ତି । ଯେଉଁମାନଙ୍କର ମନ ସ୍ୱଚ୍ଛ ଓ ନିର୍ମଳ, ହୃଦୟ ପୂତ ଓ ପବିତ୍ର, ସେମାନେ ନିଶ୍ଚିତ ଈଶ୍ୱର ଦର୍ଶନ କରନ୍ତି, କରିଛନ୍ତି ଏବଂ କରିବେ ମଧ୍ୟ । ସମସ୍ତ ମହାତ୍ମା ଓ ମହାପୁରୁଷ ଈଶ୍ୱର ଦର୍ଶନ କରିଛନ୍ତି ବୋଲି ଦାବିକରନ୍ତି । ହଜାର ହଜାର ବର୍ଷ ପୂର୍ବରୁ ଈଶ୍ୱରଙ୍କର ପ୍ରତ୍ୟକ୍ଷ ଦର୍ଶନ ହୋଇଆସୁଛି, ଏବଂ ଅତୀନ୍ଦ୍ରିୟ ଏକତ୍ୱ ସ୍ୱୀକୃତ ହୋଇଆସୁଅଛି; ଏବଂ ଆମ୍ଭେମାନେ ଏବେ ମଧ୍ୟ ସେହି ଗୌରବୋଜ୍ଜ୍ୱଳ ଚିତ୍ରର ପରିକଳ୍ପନାଟିକୁ ପୂର୍ଣ୍ଣ କରି ପାରିବା ।

ହରି ବିନା କୀର୍ତ୍ତନ ହୁଏ ନାହିଁ । ସେହିପରି ଅନୁଭବ ବା ସମ୍ବେଦନ ପାଇଁ ହୃଦୟ ନଥିଲେ ମସ୍ତିଷ୍କ ଧାରଣା କରିପାରେ ନାହିଁ । ମସ୍ତିଷ୍କ ଧାରଣା କରି ନପାରିଲେ ହସ୍ତ ସତ୍‌କର୍ମ କରିପାରେନାହିଁ । ପ୍ରେମପୂର୍ଣ୍ଣ ସମବେଦନା ଓ ସହାନୁଭୂତି ଥିଲେ, ମସ୍ତିଷ୍କ ତାହା ଧାରଣ କରିପାରେ । ଧାରଣରୁ ଧାରଣାର ସୃଷ୍ଟି ହୁଏ । ଯଥାର୍ଥ ଧାରଣା ହେଲେ ହସ୍ତ ସତ୍‌କର୍ମ କରିବା ପାଇଁ କ୍ଷମ ଓ ସମର୍ଥ ହୁଏ । ଏହି ସାଧନ ନିମନ୍ତେ ତିନୋଟି ଯୋଗକୁ ଏକତ୍ର ସୁସମାହିତ କରିବା ଏକାନ୍ତ ପ୍ରୟୋଜନ ବୋଧହୁଏ । (କ) ଜାଣିବା (ଜ୍ଞାନ), (ଖ) ମାନିବା (ଭକ୍ତି) ଓ (ଗ) କରିବା କର୍ମ । ଯାହା ଜାଣୁଛ ତାହାହିଁ ତୁମର ଜ୍ଞାନ । ଏହି ଜାଣିବା ବା ଜ୍ଞାନ ସାଧାରଣତଃ ତୁମେ ବାହାରୁ (ବହିର୍ଜଗତରୁ) ସଂଗ୍ରହ କରିଥାଅ । କିନ୍ତୁ ସେ ଜ୍ଞାନ ପ୍ରକୃତ ଅର୍ଥରେ ଜ୍ଞାନ ନୁହେଁ, ତାହା ଅଜ୍ଞାନତା ବା ଅବିଦ୍ୟା । ଏହି ଅବିଦ୍ୟାକୁ ମୂଳକରି ତୁମକୁ ଅନ୍ତର୍ଜଗତ ବା ଅନ୍ତଃସ୍ଥଳରୁ (ତୁମ ନିଜ ଭିତରୁ) ତୁମକୁ ଜ୍ଞାନ ବା ବିଦ୍ୟା ଆହରଣ କରିବା ଅଭ୍ୟାସ କରବାକୁ ପଡ଼ିବ । ଏହାହିଁ ବାସ୍ତବ ଜ୍ଞାନଯୋଗ । ଏହିଜ୍ଞାନ ଯୋଗ ସହିତ ସମନ୍ୱୟ ରକ୍ଷାକରି ଭକ୍ତି ଯୋଗ ସାଧନକରିବା ଏକାନ୍ତ ବାଞ୍ଛନୀୟ । ତୁମେ ଯାହାକିଛି ଜାଣିବାକୁ ପାଉଛ, ସେସବୁକୁ ମାନିବାକୁ ପଡ଼ିବ । ମାନିବା ହିଁ ଭକ୍ତି, ଶ୍ରଦ୍ଧା ଓ ପ୍ରେମ । ମାନିବାର ଅନ୍ୟ ସମାର୍ଥକ ଶବ୍ଦ ହେଉଛି ପାଳନ କରିବା । ଯେପରି ନିୟମ ମାନିବା ବୋଇଲେ ନିୟମ ପାଳନ କରିବା ଅର୍ଥ ହିଁ ପ୍ରକାଶପାଏ । ଏଇଠି ହିଁ କର୍ମଯୋଗର ସମ୍ମିଶ୍ରଣ ଘଟେ ଜ୍ଞାନଯୋଗ ଓ ଭକ୍ତିଯୋଗ ସହିତ । ଯାହା ଜାଣିଲ, ତାହା ମାନିଲେ ହିଁ ତା'କୁ କାର୍ଯ୍ୟରେ ବାସ୍ତବରୂପ ଦେବାକୁ ହେବ । ଏଥିପାଇଁ କର୍ମର ସହଯୋଗିତା ଲୋଡ଼ା । ବର୍ତ୍ତମାନ କର୍ମ ଉପରେ ଗୁରୁତ୍ୱ ଦେଇ ଆଗେଇ ଚାଲ । ଦେଖ, ତୁମ ଅନ୍ତଃକରଣରେ ଅଧିଷ୍ଠିତ ପରାତ୍ପର ପରମାତ୍ମା ଚରମ ପୁରୁଷ (ଠାକୁରେ) ତୁମକୁ ବିଶ୍ୱକଲ୍ୟାଣକର ଜ୍ଞାନରେ ଜ୍ଞାନୀ କରି ଦେଇଛନ୍ତି, ସେହି ଜ୍ଞାନକୁ ଭକ୍ତି ଓ ଶ୍ରଦ୍ଧାର ସହିତ ତୁମେ ବିଶ୍ୱକଲ୍ୟାଣରେ କାର୍ଯ୍ୟରେ ପରିଣତ କରି ଚାଲିଛ । ଏହିପରି ଭାବରେ ଜ୍ଞାନଯୋଗ, ଭକ୍ତିଯୋଗ ଓ କର୍ମଯୋଗକୁ ହୃଦୟବତ୍ତା, ଧୀଶକ୍ତି ଓ ହସ୍ତ ସହିତ ସୁସମନ୍ୱିତ କରି ତୁମେ ଜଗତକଲ୍ୟାଣସାଧନ କରିପାରିବ । ଜଗତକଲ୍ୟାଣ ସାଧନ ସହିତ ସ୍ୱତଃ ସମତାଳରେ ତୁମ ନିଜର ମଧ୍ୟ କଲ୍ୟାଣ ସାଧିତ ହେବ; କାରଣ ତୁମେ ନିଜେ ମଧ୍ୟ ଏହି ଜଗତର ଅନ୍ତର୍ଗତ । ଜଗତବାହାରେ ତୁମର ସ୍ଥିତି ନୁହେଁ । ଏବେ ଆମେ ବିଶ୍ୱାସ କରୁଛୁଁ, ତୁମେ ତୁମ ପ୍ରଶ୍ନ ସକଳର ଯଥାର୍ଥ ଉତ୍ତର ଅବଶ୍ୟ ପ୍ରାପ୍ତ ହୋଇଛ । ସଂକ୍ଷେପରେ ଆମର ଧର୍ମାଚରଣ ସମାଜର ଏହି କାର୍ଯ୍ୟରେ ନିୟୋଜିତ । ଆମର ଧର୍ମସାଧନ ସମାଜର ଏହି ଉପକାର ସାଧନ କରୁଅଛି । ଏହା ଏତେ ସୂକ୍ଷ୍ମ ଯେ ତାହା ସାଧାରଣ ଲୋକେ ସ୍ଥୂଳତଃ ଅନୁଭବରେ ଆଣିପାରନ୍ତି ନାହିଁ, ଆଣି ପାରୁନାହାନ୍ତି । ତୁମେ ମଧ୍ୟ ଆଣିପାରୁ ନାହଁ । ମାତ୍ର ଏହା ସୂକ୍ଷ୍ମହେତୁ ଶକ୍ତିଶାଳୀ । ଏତେ ଅଧିକ ଶକ୍ତିଶାଳୀ ଯେ, ଏହା ତଡ଼ିତ୍ ଗତିରେ କାର୍ଯ୍ୟକରି ଚାଲିଛି ଓ ସମଗ୍ର ବିଶ୍ୱମାନବର କଲ୍ୟାଣରେ ନିୟୋଜିତ ହେଉଛି ।

# ଜିଜ୍ଞାସା : ଜିଜ୍ଞାସୁ

*'ଜିଜ୍ଞାସା:ଜିଜ୍ଞାସୁ' ସ୍ତମ୍ଭ 'ଚରମ'ର ଏକ ଅନନ୍ୟସାଧାରଣ ଅଧ୍ୟାତ୍ମଜ୍ଞାନ ଗର୍ଭକ ଗୂଢ଼ ରହସ୍ୟପୂର୍ଣ୍ଣ ବିଦ୍ୟା । କେବଳ ପ୍ରଶ୍ନ ଓ ଉତ୍ତର ବୋଲି ଏହାକୁ ବିଚାର କରିବା ଏକ ଭ୍ରମ । ଏହି ଭ୍ରାନ୍ତି ଦୂର ନହେଲେ ବିଦ୍ୟା ପ୍ରମାଦପୂର୍ଣ୍ଣ ହୁଏ ଓ ଅଶେଷ ଦୁଃଖର କାରଣ ମଧ୍ୟ ହୁଏ । ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀମୁଖନିଃସୃତ ଉତ୍ତର ସକଳରେ ଗୁରୁବକ୍ତ୍ର ସମୁଦ୍ଭବ ବୀର୍ଯ୍ୟବତୀ ବିଦ୍ୟା ଅନୁଗତ ଶିଷ୍ୟଙ୍କର ସକଳ ସାଧନମାର୍ଗକୁ ସୁଗମ କରି ଉତ୍ତମ ଅଭୀଷ୍ଟ ଫଳପ୍ରଦାନ କରିଥାଏ । ଅନ୍ୟଥା ତାହା ନିର୍ବୀର୍ଯ୍ୟ ଓ ଫଳହୀନ ହୋଇ କେବଳ ଦୁଃଖ ହିଁ ଦୁଃଖ ଦେଇଥାଏ । ସାଷ୍ଟାଙ୍ଗ ପ୍ରଣାମ ଓ ସହଜ ଧାରା ମାଧ୍ୟମରେ ଅଷ୍ଟାଙ୍ଗଯୋଗରେ ସିଦ୍ଧିଲାଭ ପାଇଁ 'ଜିଜ୍ଞାସା:ଜିଜ୍ଞାସୁ' ନିଷ୍ଠାପର ସାଧକକୁ ସର୍ବସିଦ୍ଧି ପ୍ରଦାନ ପାଇଁ ସହାୟକ ଓ ସମର୍ଥ ॥*

ଜିଜ୍ଞାସୁ : ଅବିଦ୍ୟା ରୂପି ଅସ୍ମିତା କ'ଣ ?

ଠାକୁର : ପୂର୍ବରୁ ଆଲୋଚନା ହୋଇଛି । ଚିତ୍ତ ଓ ଚୈତନ୍ୟ ଉଭୟଙ୍କ ଭିତରେ ଯେଉଁ ଭେଦଜ୍ଞାନ ଅଛି ଓ ତାହାକୁ ଅଭେଦ ମନେକରିବା । ଏହି ପ୍ରକାର ଭ୍ରମ ଜ୍ଞାନକୁ ଯେଉଁ ତତ୍ତ୍ୱ ଅନୁଭବ କରୁଛି । ତାହାରି ନାମ ଅସ୍ମିତା ।

ଜିଜ୍ଞାସୁ : ଆଉଟିକେ ସରଳ କରନ୍ତୁ ?

ଠାକୁର : ଚିତ୍ତ ଆଉ ଚୈତନ୍ୟଙ୍କର ସଂଯୋଗରେ ଉଭୟଙ୍କର ସ୍ୱରୂପ ଲୁଚିଯାଇ ଆଉ ଗୋଟିଏ ସ୍ୱରୂପ ଉତ୍ପନ୍ନ ହୁଏ । ଯେପରି ଗୋଟିଏ ରଙ୍ଗ ସହିତ ଆଉ ଗୋଟିଏ ରଙ୍ଗ ମିଶିଗଲେ, ଯୌଗିକ କ୍ରିୟା ସମ୍ପାଦିତ ହୋଇ, ଏକ ନୂତନ ରଙ୍ଗ ସୃଷ୍ଟି ହୋଇଥାଏ । ସେହିପରି ଚିତ୍ତ ଓ ଚୈତନ୍ୟଙ୍କର ସଂଯୋଗରେ ଉଭୟ ଅଦୃଶ୍ୟ ହୋଇଯାଇ ଏକ ତୃତୀୟ ତତ୍ତ୍ୱର ସ୍ୱରୂପ ପ୍ରକାଶ ପାଇଥାଏ । ତାହାର ନାମ 'ଅସ୍ମିତା' ବା 'ଅହଂତ୍ୱ' ବୋଲି ଶାସ୍ତ୍ରମାନଙ୍କରେ କୁହାଯାଇଅଛି । ଏହି ଅସ୍ମିତାର ଚଳନ୍ତି ସ୍ୱରୂପ ଅହଂତ୍ୱର ମୂଳତତ୍ତ୍ୱ, ଚିତ୍ତ ଓ ଚୈତନ୍ୟଙ୍କୁ ପୃଥକ, ପୃଥକ ଭାବେ ଅନୁଭବ ନ କରି ଏକାତ୍ମ ବୋଧରେ ଅନୁଭବ କରିବାରୁ, ଅବିଦ୍ୟାବଶ ହୋଇ ନିଜକୁ କର୍ତ୍ତାମାନେ କରିଥାଏ । ଏହି ରୂପ ଜଡଜ୍ଞାନରୁ ଦୁଃଖ ସୁଖ ଭୋଗ କରିଥାଏ ।

ଜିଜ୍ଞାସୁ : ଅବିଦ୍ୟାଯୁକ୍ତ ଅସ୍ମିତା କ୍ଳେଶ ବଶହୋଇ ଦୁଃଖ, ସୁଖ ଭୋଗ କରିବା କ'ଣ ଏକ ସ୍ୱଭାବିକ କ୍ରିୟା ନା ଏହା ମୂଳରେ କିଛି କାରଣ ଅଛି ?

ଠାକୁର :- ଏହି କ୍ରିୟା ଏକ ସ୍ୱଭାବିକ କ୍ରିୟା ହେଲେ ମଧ୍ୟ ଏହାର ମୂଳରେ ବି ଏକ କାରଣ ଅଛି ।

ଜିଜ୍ଞାସୁ : ସେହି କାରଣଟି କ'ଣ ?

ଠାକୁର : ଅହଂତତ୍ତ୍ୱ ଅଜ୍ଞାନ ବଶରୁ ନିଜକୁ କର୍ତ୍ତା ମନେ କରିବାରୁ ସୁଖ, ଦୁଃଖ ଭୋଗକରେ ଏହାହିଁ କାରଣ । ଯଦି ଅସ୍ମିତାରେ ଜ୍ଞାନ ଉଦୟ ହୁଏ । ପୁରୁଷ ବା ଚୈତନ୍ୟ ଦ୍ରଷ୍ଟା ଅଟେ । ଚିତ୍ତ ତାହାକୁ ଦେଖାଯାଉଥିବାରୁ ଏକ କାରଣ ଅଟେ । ପୁରୁଷ ଏକକ ଅଟେ । ଚିତ୍ତ ତ୍ରିଗୁଣମୟୀ ଅଟେ । ପୁରୁଷ ଅପରିଣାମି । ପ୍ରକୃତି ବା ଚିତ୍ତ ପରିଣାମଶୀଳ ଅଟେ । ଏହି ଭାବରେ ଦୁଇତତ୍ତ୍ୱ ସଂପୂର୍ଣ୍ଣ ଭିନ୍ନ । ଏହି ଜ୍ଞାନ ଅସ୍ମିତାରେ ଉଦୟ ହେଲେ, ତାହାକୁ ବିବେକଜ୍ଞାନ କୁହାଯାଏ । ଏହି ବିବେକଜ୍ଞାନ ବଳରେ ଜୀବ ଭେଦଜ୍ଞାନକୁ

ବୁଝିପାରି ନିଜକୁ ନିରହଂକାରୀ କରିଥାଏ । ଏଣୁ ଅଜ୍ଞାନତା ଏକ ସ୍ୱଭାବିକ କ୍ରିୟା ହେଲେ ମଧ୍ୟ ବିବେକଜ୍ଞାନ ଦ୍ୱାରା ନିୟନ୍ତ୍ରଣାଧିନ ଅଟେ ।

ଜିଜ୍ଞାସୁ : ଅଜ୍ଞାନବଶ ଅସ୍ମିତା ବା ଅହଂତତ୍ତ୍ୱର ବିବେକଜ୍ଞାନ ସୃଷ୍ଟି ହେବା କ'ଣ ସ୍ୱଭାବିକ କ୍ରିୟା ନା ଏହାର ମୂଳରେ ଅନ୍ୟକିଛି କାରଣ ଅଛି ?

ଠାକୁର : ଜୀବ ଭିତରେ ବିବେକଜ୍ଞାନ ଉଦୟ ହେବା ଏକ ସ୍ୱାଭାବିକ କ୍ରିୟା ନୁହେଁ । ଜୀବ ଦେହାସ୍ଥିତ ସମସ୍ତ ବୈଭବକୁ ଧାରଣ କରି ଜନ୍ମନେବା ମାତ୍ରେ ତାହାର ଅବିଦ୍ୟାରୂପି ଅଜ୍ଞାନ ଦ୍ୱାରଟି ସ୍ୱତଃପ୍ରବୃତ୍ତଭାବେ ସୃଷ୍ଟିତତ୍ତ୍ୱର ନିୟମରେ ଆପେ ଉନ୍ମୋଚନ ହୋଇଥାଏ । ଏହାକୁ ଜୀବର ଜାଗତିକ ପଥ ବା ବିନ୍ଦ୍ରେନ୍ଦ୍ରିୟ ଦ୍ୱାର ବୋଲି କୁହାଯାଇଥାଏ । ଏହି ଦ୍ୱାରର ଉନ୍ମୋଚନରେ ଜୀବ ଯାବତୀୟ ଜାଗତିକ କାର୍ଯ୍ୟ । ଯଥା - ଆହାର, ନିଦ୍ରା, ମୈଥୁନ ବା (କର୍ମ) ମାନ ସମ୍ପାଦନ କରି ଜୀବନ ଧାରଣ କରିଥାଏ । ଏହି ଅବିଦ୍ୟା ଅନ୍ତକରଣ ପାଇଁ 'କ୍ଳେଶ' ଦାୟକ ହୋଇଥିବା ପରିପ୍ରେକ୍ଷିରେ ଦେହପକ୍ଷେ ଜୀବନଦାୟକ ଅଟେ । ଜୀବ ଅବିଦ୍ୟା ଯୁକ୍ତ ନ ହେଲେ ଦେହଧାରଣ କରିବା ଅସମ୍ଭବ ଅଟେ । ଏଣୁ ଅବିଦ୍ୟାର ଦେହାସ୍ଥିତ ଜ୍ଞାନରେ ଜୀବନ, ଆଉ ଅବିଦ୍ୟା ଜ୍ଞାନ ଅବସ୍ଥରେ ଦ୍ୱେଷାଭିମୁଖୀ ହୋଇ ଜୀବକୁ ଦୁଃଖ ଭୋଗ କରାଏ । ଏସବୁ ହେଉଛି ଅବିଦ୍ୟାର ସ୍ୱଭାବିକ କ୍ରିୟା କିନ୍ତୁ ଅବିଦ୍ୟାଯୁକ୍ତ ଜୀବ ଗୁରୁଜ୍ଞାନରେ ଅଭିଷିକ୍ତ ହେଲେ, ବିବେକଜ୍ଞାନର ଉଦୟ ହୋଇଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : ଜୀବର ଦେହଧାରଣରେ ପ୍ରଥମେ ଜଡଜ୍ଞାନ ସ୍ୱୟଂଚାଳିତ ଭାବରେ ଜାଗ୍ରତ ହୋଇ ଜାଗତିକ ଜ୍ଞାନରେ ଚେତନଶୀଳ ହୁଏ । ଯେତେବେଳେ ଜାଗତିକ ଜ୍ଞାନରେ ଆହାର, ବିହାର କରୁକରୁ ବିଷୟର ଅଭାବ ବୋଧରେ ପଡି ସାମର୍ଥ୍ୟର ପତନ ଦିଗକୁ ଅନ୍ତକରଣ ଗତିକରେ । ତନ୍ମଧ୍ୟରୁ ବିଷାଦ ସ୍ୱରୂପ ବ୍ରହ୍ମଜିଜ୍ଞାଷା ଉତ୍ପନ୍ନ ହୁଏ । ଏହି ଜିଜ୍ଞାଷାକୁଧରି ଜୀବ ଗୁରୁଜ୍ଞାନରେ ଅଭିଷିକ୍ତ ହୋଇ, ଗୁରୁଜ୍ଞାନର ଅଭ୍ୟାସ ବଳରେ ବିବେକଜ୍ଞାନ ଉଦୟ ହେଲେ ଅନ୍ତକରଣରେ ଅସ୍ମିତାର ବା ଅହଂତତ୍ତ୍ୱର ହୃଦୟ ଗ୍ରନ୍ଥିରେ ଭେଦନହୋଇ ସକଳ ସଂଶୟର ମୋଚନରେ ଅଜ୍ଞାନରୁ ନିବୃତ୍ତ ହୋଇ ଯିବାରୁ ଅଜ୍ଞାନ କର୍ମମାନ କ୍ଷୀଣ ହୋଇ ଯାଇଥାଏ ।

ଜିଜ୍ଞାସୁ : ଆଜ୍ଞା ଅସ୍ମିତା କ୍ଳେଶଗୁଡିକର ଲକ୍ଷଣ କିପରି ?

ଠାକୁର : ଏହି ଅସ୍ମିତା କ୍ଳେଶର କାରଣରୁ ବା' ଅଜ୍ଞାନତାର କାରଣରୁ ମନ, ଇନ୍ଦ୍ରିୟ ଓ ଶରୀରରେ ଆତ୍ମତ୍ୱଭାବ ସ୍ୱରୂପ-ମମତ୍ୱ, ଅହଂତ୍ୱ ଉତ୍ପନ୍ନ ହୋଇଥାଏ । ତଥା ଇନ୍ଦ୍ରିୟ ମନ ଓ ଶରୀରର ସୁଖ ପ୍ରଦାନକାରୀ ବିଷୟବସ୍ତୁମାନଙ୍କର ଭୋଗ ବା ମୋହ ଜାତ ହୋଇ ଜୀବକୁ ବନ୍ଧନ କରିଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : କୌଣସି ସୁଖକର ବିଷୟ ଭୋଗର ପଶ୍ଚାତ୍‌ରେ ସ୍ମୃତିରେ ସେହି ସୁଖର ଯେଉଁ ଭୋଗେଚ୍ଛା ରହିଯାଏ ତାହାର ନାମ ରାଗ ଅଟେ । ଅର୍ଥାତ୍ - ଶରୀର ଇନ୍ଦ୍ରିୟ ଓ ମନରେ ଚୈତନ୍ୟଙ୍କର ଚେତନାର ପ୍ରଭାବରେ ଆତ୍ମଧ୍ୟାସ ('ବା' "ଦୈହିକ -କ୍ଷୁଧା, ତୃଷା") ସୃଷ୍ଟିହେବାରୁ ଦୈହିକ ବିଷୟରେ ଭୋଗେଚ୍ଛା ପ୍ରତୀତ ହୋଇଥାଏ । ତହିଁରେ ଓ ତାହାକୁ ପ୍ରାପ୍ତି ନିମିତ୍ତ ସଂକଳ୍ପଜାତ ଇଚ୍ଛାର ତୃଷାରୁ ଲୋଭ ଜାତ ହୋଇଥାଏ ।

ଏହି ତୃଷ୍ଣାରୂପ ଇଚ୍ଛାର ଯେଉଁ ସଂସ୍କାର ଚିତ୍ତରେ ରହି ଚେତନା ଯୋଗାଇଥାଏ । ତାହାକୁ ରାଗର କ୍ଳେଶ ଚେତନା ବୋଲି ବୁଝାଯାଏ । ଏହି ରାଗ କ୍ଳେଶର ଲକ୍ଷଣ ହେଉଛି ବାର, ବାର ଭୋଗର ଇଚ୍ଛା ସୃଷ୍ଟି କରିବା । ଯାହାରକି ସମାପ୍ତି ନାହିଁ ।

ଜିଜ୍ଞାସୁ : ଭୋଗର, ଇଚ୍ଛା କ'ଣ ଅସରନ୍ତି ଭଣ୍ଡାର ?

ଠାକୁର : ଭୋଗର ଇଚ୍ଛା ଶେଷ ହୁଏ ନାହିଁ । ସେଥିରୁ ସଂଯମ ବି' ରହିତ ହେବାକୁ ହୁଏ ।

ଜିଜ୍ଞାସୁ : ଦେହର ଇନ୍ଦ୍ରିୟମାନେ ଶିଥିଳ ହୋଇଗଲେ ଭୋଗର ଇଚ୍ଛାରୁ ଆପେ ରହିତ ହୋଇଯାଇଥାଆନ୍ତି । ଏହି କ୍ଷେତ୍ରରେ ଆମେ ବୁଝିଥାଉଁ ଭୋଗ ସରିଗଲା ବୋଲି ଆପଣ କହୁଛନ୍ତି ସରେନାହିଁ କିପରି ?

ଠାକୁର : ଇନ୍ଦ୍ରିୟମାନଙ୍କର ଶିଥିଳତାରେ ଭୋଗ ଇଚ୍ଛା ଶିଥିଳହୁଏ ସତ୍ୟ, କିନ୍ତୁ ଭୋଗର ବୀଜ (ସଂସ୍କାର) ଆକାରରେ ଗଚ୍ଛିତ ଥାଏ । ମୃତ୍ୟୁପରେ ମଧ । ଭୋଗାଭୋଗର ବୀଜ ଦଗ୍ଧ ହେଲେ ସଂସ୍କାରର ବିନାଶ ନ ହୋଇ ତାହା ବାସନା ଆକାରରେ ପ୍ରକୃତିରେ ଲୀନ ହୋଇଥାଏ । ଜନ୍ମରେ ଏହି ବାସନା ରୂପି ସଂସ୍କାର ବୀଜରୂପ ଧାରଣ କରି ଭୋଗରେ ତୃଷ୍ଣାର ଆବେଗ ସୃଷ୍ଟି କରିଥାଏ । ଆଉ ଆବେଗରୁ ବା' ଏହି ରାଗରୁ ଦ୍ୱେଷ ସୃଷ୍ଟି ଜୀବକୁ 'ବିକାର' ଗ୍ରସ୍ତ କରିଥାଏ ।

ଜିଜ୍ଞାସୁ : ଦ୍ୱେଷର ସଂଜ୍ଞା ବା ଅର୍ଥବାଦ କିପରି ?

ଠାକୁର : କ୍ଷୁଧାର୍ଥ ଜୀବର ପ୍ରତ୍ୟେକ ବିଷୟ ଭୋଗରେ ଦ୍ୱିବିଧ ଗତି ଅଛି, ଯଥା - ଅନୁକୂଳ ଗତି ଓ ପ୍ରତିକୂଳ ଗତି ବିଷୟର ରାଗରେ ଅନୁରକ୍ତ ଅସ୍ମିତା । କ୍ଷୁଧା, ତୃଷ୍ଣାର ବଶବର୍ତ୍ତୀ ହୋଇ ବିଷୟ ଭୋଗ କରିବାକୁ ବାଧ ହୋଇଥାଏ । ଭୋଗ୍ୟ ବିଷୟର ଅନୁକୂଳ ଗତିରୁ ମମତ୍ୱ, ସ୍ନେହ, ଶ୍ରଦ୍ଧା ଜାତ ପରିପ୍ରେକ୍ଷୀରେ ପ୍ରତିକୂଳ ଗତିରେ ଭୋଗ ବାଧାପ୍ରାପ୍ତ ହେବାରୁ, ଘୃଣା ଓ କ୍ରୋଧ ଜାତ ହୋଇଥାଏ । ପୁଣି ଭୋଗର ଶେଷରେ 'ବା' ପଶ୍ଚ୍ୟାତରେ ଘୃଣା ଜାତ ହୋଇଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : ଅଙ୍ଗେ ଲିଭାଉଛ କିପରି କ'ଣ ? ପ୍ରତ୍ୟେକ ବିଷୟ ଭୋଗର ଶେଷରେ ଘୃଣା ନିଶ୍ଚିତ ଭାବେ ଅଛି । ଏହା ସୃଷ୍ଟିତତ୍ତ୍ୱର ନିୟମ । ରୁଚିକର ଖାଦ୍ୟ ଖାଇସାରିବା ପରେ ତୁମେ ମୁହଁ ହାତ ଧୋଇଥାଅ, କାହିଁକି ?

ଜିଜ୍ଞାସା : ଘୃଣା ଲାଗେ ବୋଲି । ଆମେ ହାତ ଧୋଇ ଥାଉ ।

ଠାକୁର : ଏଥିରୁ ଜାଣ ଯେ ପ୍ରତ୍ୟେକ ବିଷୟ ଓ ଭୋଗର ଶେଷରେ ଘୃଣା ଓ ବିଷୟ ଭୋଗର ବାଧାରେ କ୍ରୋଧଜାତ ହୋଇଥାଏ । ଏହି ତତ୍ତ୍ୱକୁ ଦ୍ୱେଷ ବୋଲି ବୁଝାଯାଏ । ଏହି ରାଗ ଓ ଦ୍ୱେଷ କାରଣରୁ ଜୀବ ବିଷୟ ଭୋଗରେ ଅତୃପ୍ତ ରହିବାରୁ ଅଭିନିବେଶ ପଥରେ ଅଗ୍ରସର ହୋଇ ବାର, ବାର ଜନ୍ମ ମୃତ୍ୟୁ ଚକ୍ରରେ ପଡିଥାଏ ।

ଜିଜ୍ଞାସୁ : ଅଭିନିବେଶ ପଥ କ'ଣ ?

ଠାକୁର : ଜୀବ ସକଳ ବିଷୟ ଭୋଗକୁ କର୍ମଯୋଗର ସାଧନ ଦ୍ୱାରା, ଯେଉଁ ଦୁଃଖ ସମୂହ ପ୍ରତୀତ ହୋଇଥାଏ । ତନ୍ମଧ୍ୟରୁ ଘୃଣା ଓ କ୍ରୋଧ ଜାତ ହୁଏ । ଘୃଣା ଓ କ୍ରୋଧର ଯେଉଁ ସଂସ୍କାର ଚିତ୍ତରେ ପଡିଥାଏ । ତାହା

ସୃଜନ ହୃଦୟ ଗଛି ତିଆରିକରି ଦେହକୁ ଆଚ୍ଛାଦନ ପୂର୍ବକ ଅଷ୍ଟାଙ୍ଗକୁ କେନ୍ଦ୍ର କରିଥାଏ । ଏହା ଦ୍ୱେଷ କ୍ଲେଶର କାରଣ । ଏହି ଦ୍ୱେଷ କ୍ଲେଶରୁ ଶରୀରର ଇନ୍ଦ୍ରିୟାଦିମାନଙ୍କୁ ରକ୍ଷାକରିବା ବି' ଦୁଃଖରୁ ବଞ୍ଚିତ କରିବା ପାଇଁ, ଯେଉଁ ସଂସ୍କାର ଦ୍ୱେଷ କ୍ଲେଶରୁ ଜନ୍ମନିଏ ତାହାକୁ ଅଭିନିବେଶର ସଂସ୍କାର ବୋଲି କୁହାଯାଉଛି ।

ଜିଜ୍ଞାସୁ : ଏହାର ଧର୍ମ କ'ଣ ?

ଠାକୁର : ଏହାର ଧର୍ମ ହେଉଛି, କ୍ଲେଶରୁ ଜାତ ଦୁଃଖ କଷ୍ଟରୁ ବଞ୍ଚିତ ବି' ରକ୍ଷା କରିବା ପାଇଁ ପଥ ଦେଖାଇବା ପୁଣି ଦୁଃଖର ପ୍ରତିକାର କରି, ସୁଖ ପ୍ରାପ୍ତିର ଉଦେଶ୍ୟରେ ମମତ୍ୱ ସୃଷ୍ଟି କରିବ । ଏହି ମମତ୍ୱ ବନ୍ଧନର କାରଣ ।

ଜିଜ୍ଞାସୁ : କିପରି ?

ଠାକୁର : ଜଣେ ଅତୀବ ଦୁଃଖି ଲୋକକୁ ମରଣାନ୍ତକ ଅବସ୍ଥାରେ ଦେଖି, ତାକୁ ତା'ର ମୃତ୍ୟୁର କଥା ଶୁଣାଇଲେ ସେ କ'ଣ ଖୁସି ହେବ ନା ଦୁଃଖ କରିବ ?

ଜିଜ୍ଞାସୁ : ନା ପ୍ରଭୁ, ସେ ଦୁଃଖ କରିବ ।

ଠାକୁର : ମରୁଥିବା ଲୋକକୁ ମୃତ୍ୟୁର କାରଣ, ଭୟ ସୃଷ୍ଟି କରେ । ଆମେ ତ ସେହି କଥା କହୁଛୁ । ଏହା ହେଉଛି ଅବିଦ୍ୟା ବି' ଜଡଜ୍ଞାନର, ଆଉ ଗୋଟିଏ କ୍ଲେଶ । ଏହି କ୍ଲେଶ ଅତୀବ ଦୁଃଖଦାୟକ ଦୁନିଆଁରେ 'ଜୀବ ମରଣଶୀଳ ଜାଣି, ମୃତ୍ୟୁପାଇଁ ଦୁଃଖ କରିବା । ଏହି ପରିପ୍ରେକ୍ଷୀରେ ଦୁଃଖରୁ ବଞ୍ଚିତ ହୋଇ ସର୍ବଦା ଜନ୍ମ ଜାତକରେ ଅମର ହୋଇ ରହିବାପାଇଁ ଯେଉଁ ବାସନା ହୃଦୟକୁ ପ୍ରେରଣା ଯୋଗାଇଥାଏ, ସେହି ପ୍ରେରଣାରୁ ଦୁଃଖର ପଶ୍ଚାତ୍‌ରେ ସୁଖକୁ ଲକ୍ଷକରିବାକୁ ହୃଦୟରୁ ଯେଉଁ ସଂକଳ୍ପ ଜାତହୁଏ, ତାହା ଏହି ଅବିନିବେଶ ରୂପି ସଂସ୍କାରର କାମ ।

ଜିଜ୍ଞାସୁ : ଆଜ୍ଞା, ମୂଳ ପ୍ରଶ୍ନଥିଲା - ଦେହାସ୍ଥିତ ଅଷ୍ଟପ୍ରକୃତିର ଦେହାସ୍ଥିତ ଅଷ୍ଟାଙ୍ଗରେ କାର୍ଯ୍ୟ କ'ଣ ? ଏହି ବିଷୟକୁ ଆଲୋଚନା କରିବାକୁ ଯାଇ - ଚିତ୍ତ, ଚୈତନ୍ୟ, ଗୁଣକ୍ରିୟା, ଏବଂ ଏମାନଙ୍କର ଐକ୍ୟତାରୁ ଅଷ୍ଟପ୍ରକୃତି ଓ ଅଷ୍ଟପ୍ରକୃତିର କ୍ଷୁଧା ଜନିତ କ୍ଲେଶ, କର୍ମାଶୟ ସଂସ୍କାର ଏହାକୁ ଅବିଦ୍ୟାରୂପି ଜଡଜ୍ଞାନରୁ ପଞ୍ଚକ୍ଲେଶର ବର୍ଣ୍ଣନାତୀତ' ଗୋଚର କରାଇଲେ ଏବଂ ଏମାନଙ୍କ ବନ୍ଧନରୁ ଜୀବ ଉଦ୍ଧାର ପାଇବାକୁ ଗୁରୁଜ୍ଞାନର ଅଭ୍ୟାସଦ୍ୱାରା ସମ୍ଭବ ବୋଲି କହିଲେ । ଗୁରୁଜ୍ଞାନର ପ୍ରଭାବରେ ବନ୍ଧନ, ମୁକ୍ତି ବିଷୟର ବିଶଦ ବ୍ୟାଖ୍ୟା କରନ୍ତୁ । ଯାହାର ଶ୍ରବଣରେ ଭ୍ରମ ନାଶହୋଇ ଜୀବ ବନ୍ଧନ ମୁକ୍ତ ହେବ ।

ଠାକୁର : ଅଷ୍ଟପ୍ରକୃତିର ଆତ୍ମଶ୍ୱାସ ବା 'ଦୈହିକକ୍ଷୁଧା''ରୁ ତୃଷ୍ଣା ଜାତ ହେବାରୁ ତାହାର ପ୍ରଭାବ ଚିତ୍ତ ଉପରେ ପଡି, ବିଷୟ ଭୋଗର ହେତୁ ଜାତହୋଇ ଅଚେତନଶୀଳ ଅଙ୍ଗମାନଙ୍କୁ କ୍ଷୁଧା ପୂରଣ ନିମନ୍ତେ ସଚେତନ କରାଇବାରୁ ଅଙ୍ଗମାନେ କ୍ରିୟାଶୀଳ ହୋଇ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି । ଏବଂ ଜୀବକୁ ଫଳଭୋଗ କରାଇଥାନ୍ତି । ଏହି ସୂତ୍ରଟି ସୃଷ୍ଟିତତ୍ତ୍ୱର ନିୟମ । ଏହି ନିୟମକୁ ଦୃଷ୍ଟିରେ ରଖି ଦ୍ରଷ୍ଟା ପୁରୁଷମାନେ ସ୍ଥୂଳରେ ଅଙ୍ଗସାଧନ ଓ ତତ୍ତ୍ୱଜ୍ଞାନର ଶ୍ରବଣରେ ବୋଧ ଜନ୍ମାଇ ବିବେକ ଜ୍ଞାନର ଉତ୍ପନ୍ନ କରାଇଥାନ୍ତି । ଜୀବ ବିବେକଜ୍ଞାନ ବଳରେ ଚିତ୍ତରେ ଥିବା କାର୍ଯ୍ୟ ନିର୍ବାହୀ ବୃତ୍ତି ସକଳକୁ ନିରୋଧ

କରିବାରେ ସକ୍ଷମ ହୋଇଥାଏ । ସାଧନ ଓ ଗୁରୁ ଜ୍ଞାନର ଶ୍ରବଣ ମନନରେ ଦକ୍ଷତା ଅର୍ଜନ କଲେ ଅଜ୍ଞାନ ରୂପ କ୍ଳେଶବୃତ୍ତିଗୁଡ଼ିକୁ ନିୟନ୍ତ୍ରଣ ବା ବିରୋଧ କରିଥାଏ । ନତୁବା ହୁଏନା ।

ଜିଜ୍ଞାସୁ : ଅଷ୍ଟାଙ୍ଗ ସାଧନର ଅଭ୍ୟାସ ଓ ଗୁରୁଜ୍ଞାନର ଶ୍ରବଣ, ମନନର ସାଧନରେ ସିଦ୍ଧି ଆସିବା ପାଇଁ କିଛି ସମୟସୀମାର ନିର୍ଦ୍ଧାରଣ ଅଛି କି ?

ଠାକୁର : ବୃତ୍ତି ଅନନ୍ତ । କେଉଁ ଅନନ୍ତ କାଳରୁ ବୃତ୍ତିଗୁଡ଼ିକର ସଂସ୍କାର ଜୀବସହ ତଲ୍ଲୀନ ହୋଇ ଜନ୍ମ ଜନ୍ମାନ୍ତର ଦେଇ ଘୁରୁଅଛି । ଆଉ ଏହି ବୃତ୍ତି ସ୍ଥୂଳ ସୂକ୍ଷ୍ମ କାରଣରେ ଅଷ୍ଟଅଙ୍ଗ ଠାରୁ ଆରମ୍ଭ କରି ଚିତ୍ତର ସୂକ୍ଷ୍ମ ଓ କାରଣ ଚିତ୍ତ ପର୍ଯ୍ୟନ୍ତ ସଂସ୍କାର ଗୁଡ଼ିକ ଗୋପନରେ ଚିତ୍ତ ଭୂମିରେ ଛାପ ସଦୃଶ ବ୍ୟାପିକରି ରହିଥାଏ । ଏଣୁ ଏହି ସାଧନା ଜନ୍ମ ଜନ୍ମାନ୍ତର ଭାବେ ଗତିକରି କୌଣସି ସମୟରେ ସିଦ୍ଧିପ୍ରାପ୍ତ ହୋଇଥାଏ । ଏଣୁ ସାଧନାର ସମୟସୀମା ଅନନ୍ତ ଅଟେ । ନିରନ୍ତର ସାଧନ କରୁ କରୁ ସାଧନର ସଂବେଗରୁ ବିବେକ ଜ୍ଞାନରେ ତୀବ୍ର ସଂବେଗ ଉତ୍ପନ୍ନ ହେଲେ ଚିତ୍ତ ବିବେକଜ୍ଞାନର ପ୍ରଭାବରେ ବୋଧ ନେଇ ନିଜସ୍ୱ ସଂସ୍କାରକୁ ନିଜସ୍ୱ କାରଣରେ ଲୀନ କରିଥାଏ । ତୀବ୍ର ସଂବେଗରୁ ଚିତ୍ତ ଯେତେବେଳେ ପ୍ରକୃତି ସହ ନିଜସ୍ୱ କାରଣରେ ଲୀନ ହେବାକୁ ଲାଗେ, ସେତେବେଳେ ଚିତ୍ତ ସହିତ କ୍ଳେଶ ଦାୟକ ସଂସ୍କାର ଗୁଡ଼ିକ ମଧ୍ୟ ନିଜସ୍ୱ କାରଣରେ ଲୀନ ହୋଇଯାଇଥାନ୍ତି । ଏହାକୁ ତୃଷ୍ଣା ରହିତ ମୃତ୍ୟୁ ବୋଲି ବୁଝାଯାଏ । ଏହାର ଅନ୍ୟ ଏକ ତତ୍ତ୍ୱ ହେଉଛି ଜୀବର ମହାଚେତନାର ଜାଗତିକ ଅବସ୍ଥା । ଏଣୁ ଜୀବ ସାଧନ ମାର୍ଗରେ ଯାଇ ମହାଚେତନାରେ ପହଞ୍ଚିବାର କିଛି ନିର୍ଦ୍ଦିଷ୍ଟ ସମୟସୀମା ନ ଥାଏ ।

ଜିଜ୍ଞାସୁ : ପ୍ରତ୍ୟେକ କାର୍ଯ୍ୟର ଆଦ୍ୟ ଓ ପ୍ରାନ୍ତର ସମୟସୀମା ଅଛି । ଯେପରି ଫୁଲଟିଏ ଫୁଟେ, ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଆଉ କିଛି ସମୟ ବା କାଳ ଅତିବାହିତ ହେଲାପରେ ଫୁଲଟି ଏକ ନିର୍ଦ୍ଦିଷ୍ଟ ସମୟରେ ଝଡ଼ିଯାଏ'। ସେହିଭଳି ଆମ କହିବା କଥା ସାଧନ ଗୋଟିଏ ସମୟରୁ ଆରମ୍ଭ କରାଯାଇ ନିର୍ଦ୍ଦିଷ୍ଟ ଗୋଟିଏ ସମୟରେ 'ସିଦ୍ଧ' ହେବାର ସମୟସୀମା ନାହିଁ କାହିଁକି ?

ଠାକୁର : ସାଧନ ସୂତ୍ରର ଆଦ୍ୟ ଓ ପ୍ରାନ୍ତର ସମୟସୀମା ଅଛି । କିନ୍ତୁ ବ୍ୟକ୍ତି ସାଧିବାର କିଛି ସମୟସୀମା ନାହିଁ ।

ଜିଜ୍ଞାସୁ : କାହିଁକି ନାହିଁ ?

ଠାକୁର : ଜୀବଗଣ, ଜନ୍ମ ମୃତ୍ୟୁ ଚକ୍ରରେ ପଡ଼ି ନିଜର କକ୍ଷପଥରେ ଘୁରୁଅଛନ୍ତି । ନିଜର କକ୍ଷପଥରେ ପଡ଼ି ପାପ କର୍ମ କରି ପାପି ହୋଇଥାଏ ତ କେତେବେଳେ ପୂର୍ଣ୍ଣକର୍ମ କରି ବିଭବଶାଳୀ ହୋଇଥାଏ । ଏହି ଉଭୟ ଚକ୍ର ଦୁଃଖ, ସୁଖ ପ୍ରଦାନ କରି ଜୀବର ଜନ୍ମ ଜାତକକୁ କାଳିମା ପ୍ରାପ୍ତ କରାଇଥାଏ । ଏହି କାଳିମାର ଗାଢ଼ତ୍ୱ ଯା ଭିତରେ ଯେତେ ବେଶି ତାକୁ ସାଧନ କରିବାକୁ ସେତିକି ଅଧିକ ସମୟ ଲାଗିଥାଏ । ଆଉ କାଳିମାର ଗାଢ଼ତ୍ୱ ଯା ଭିତରେ ଯେତେ କମ୍, ତା'ର ସେତେ ଶୀଘ୍ର ଗୁରୁଜ୍ଞାନରେ ସିଦ୍ଧି ହୋଇଥାଏ ।

ଜିଜ୍ଞାସୁ : ସଂବେଗ କ'ଣ ?

ଠାକୁର : ଈଶ୍ୱର ପ୍ରାପ୍ତି ବା ଆତ୍ମଜ୍ଞାନ ପ୍ରାପ୍ତିର ଐକାନ୍ତିକ ଲକ୍ଷ୍ୟକୁ ସଂବେଗ ବୋଲି ବୁଝାଯାଏ ।

ଜିଜ୍ଞାସୁ : ଟିକେ ସରଳ ଭାବରେ ବୁଝାଇଦିଅନ୍ତୁ ?

ଠାକୁର : ଅବିଦ୍ୟାଯୁକ୍ତ ଜୀବ, ଜଡଜ୍ଞାନର ଅଧିକାରୀ ହୋଇ ଦୁଃଖ ସୁଖର ଜନ୍ମ ମୃତ୍ୟୁ ଚକ୍ରରେ ଘୂରୁଘୂରୁ ଦୈବାତ୍‌ଯୋଗରେ ହେଉ 'କିମ୍ବା' ବିବର୍ତ୍ତନ ବାଦର ନିୟମ ଚକ୍ରରୁ ହେଉ, ଯଦି ବୈରାଗ୍ୟ ମାର୍ଗର ଦର୍ଶନ ତତ୍ତ୍ୱର ଭିତରକୁ ଭିତରକୁ ପଶିଯାଏ । ତା'ହେଲେ ତା' ଭିତରେ, ଈଶ୍ୱର ପ୍ରାପ୍ତିର ଐକାନ୍ତିକ ଲକ୍ଷର ଉଦ୍ରେକ ହୋଇ ଚିତ୍ତରେ ତା'ର ଛାପ ସ୍ୱରୂପ ଏକ ସୃଜନ ସଂସ୍କାର ରୂପେ ହୃଦୟଗ୍ରନ୍ଥୀ ନିର୍ମାଣ କରିଥାଏ । ଏହି ସୃଜନ ହୃଦୟଗ୍ରନ୍ଥୀ ଐଶ୍ୱରିକ ତତ୍ତ୍ୱଜ୍ଞାନର, ଆଦ୍ୟ ପ୍ରାନ୍ତକୁ ଖୋଜିବାରେ ପ୍ରେରଣା ଯୋଗାଇଥାଏ । ଏହି ପ୍ରେରଣାକୁ ସଂବେଗ ବୋଲି ବୁଝାଯାଏ ।

ଜିଜ୍ଞାସୁ : ଆଉ "ତୀବ୍ର ସଂବେଗ" କ'ଣ ?


ଠାକୁର : ଈଶ୍ୱରତତ୍ତ୍ୱକୁ ଖୋଜିବାର ଐକାନ୍ତିକ ଲକ୍ଷ୍ୟର ପ୍ରେରଣାରେ ବାର ବାର, ତଥା ତଦ୍ ବିଷୟକ ଭାବରେ ଚିତ୍ତ ତଲ୍ଲୀନ ହେଲେ ତୀବ୍ର ସଂବେଗ ଚିତ୍ତରେ ଜନ୍ମେ । ଅର୍ଥାତ୍ ଐକାନ୍ତିକ ଲକ୍ଷରେ ଗୋଟିଏ ବିଷୟକୁ ବାର ବାର ଖୋଜିବାରୁ ସଂବେଗ ତୀବ୍ରରୁ ତୀବ୍ରତର ହେବାକୁ ଲାଗେ । ତୀବ୍ର ସଂବେଗରୁ, ଚିତ୍ତର ଅନ୍ୟାନ୍ୟ ବୃତ୍ତି ସକଳ ଧିରେ ଧିରେ ନିରୋଧ ହୋଇ ଧୃତି ଜାତ ହୋଇଥାଏ । ଏହି ଧୃତି ହେଉଛି ଜୀବର ସ୍ଥିତାବସ୍ଥା । ଯେଉଁ ଅବସ୍ଥାରେ ପହଞ୍ଚିଲେ, ଜୀବ କୌଣସି ପ୍ରକାରର କାରଣରେ ବିଚଳିତ ନହୋଇ ଖମ୍ବପରି ସ୍ଥିର ଓ ସରଳ ଭାବରେ ରହିଥାଏ ।

ଜିଜ୍ଞାସୁ : ଏପରି ହେଲେ କ'ଣ ହେବ ? ଏହାର ପରବର୍ତ୍ତୀ ଅବସ୍ଥା କ'ଣ ?

ଠାକୁର : ଏହି ରୂପ ଅବସ୍ଥାରେ ଜୀବ ପହଞ୍ଚିଲେ "ଚିତ୍ତ" ଚୈତନ୍ୟଶୀଳ ହୋଇ ପ୍ରତ୍ୟେକ ବିଷୟର ମୂଳ କାରଣକୁ ଜାଣିପାରିଥାଏ । ଯେପରି ଦର୍ପଣରେ ପ୍ରତିବିମ୍ବିତ ସୂର୍ଯ୍ୟ ଦର୍ପଣର ଘୂର୍ଣ୍ଣନରେ ଘୂରିଥାଏ ଓ ଦର୍ପଣସ୍ଥିତ ସୂର୍ଯ୍ୟଙ୍କର ପ୍ରତିବିମ୍ବ ସ୍ଥିର ଭାବେ ଦୃଷ୍ଟିଗୋଚର ହୁଏ ନାହିଁ । ସେହିପରି ଦୋଦୁଲ୍ୟମାନ ଚିତ୍ତରେ ଚୈତନ୍ୟଙ୍କର ପ୍ରତିବିମ୍ବ ଜାତହୋଇଥିଲେ ମଧ୍ୟ ସ୍ଥିର ଚେତନା ପ୍ରକାଶିତ ହୁଏନାହିଁ । ତୀବ୍ର ସଂବେଗରୁ ଚିତ୍ତ ବିବେକ ଜ୍ଞାନ ପ୍ରାପ୍ତ ହୋଇ ସ୍ଥିର ହୋଇଯିବାରୁ ଚୈତନ୍ୟଙ୍କର ପୂର୍ଣ୍ଣଚେତନା ପାଇବାକୁ ସକ୍ଷମ ହୋଇଥାଏ । ଏଣୁ ଚୈତନ୍ୟଶୀଳ ଚିତ୍ତ ନିଜକୁ ଜାଣିପାରି, ନିଜସ୍ୱ କାରଣରେ ନିଜେ ଲୀନ ହେବାରୁ ନିର୍ଗୁଣ ହୋଇଯାଇଥାଏ ।

ବେଳ ବୁଡ଼ିଲାଣି ଭାଙ୍ଗି ନିଜ ନିଦ
କର୍ମଧାରା କରୁ ନିତି
କପଟ ଛଳନା ଛାଡ଼ି ନାହୁଁ ଧନ
କା'ଠାରେ ରଖିଛୁ ପ୍ରୀତି ।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



ଇଚ୍ଛାମୟ ଠାକୁରଙ୍କର ଲୀଳା ନିରବଚ୍ଛିନ୍ନ ଭାବରେ ସଂଘଟିତ ହୋଇ ଚାଲିଛି । କାରଣ ଜଗତରୁ ଆରମ୍ଭ ହୋଇ ସୂକ୍ଷ୍ମଜଗତ ମଧ୍ୟ ଦେଇ ସ୍ଥୁଳ ଜଗତରେ ତାହା ବ୍ୟକ୍ତ ହେଉଛି । ସେହି ଅନନ୍ତ ଅପାର ଲୀଳାର ଆମୂଳବର୍ଣ୍ଣନା ସୀମିତ ଓ ଖଣ୍ଡିତ ଜ୍ଞାନର କ୍ଷୁଦ୍ର ପରିସୀମାବଦ୍ଧ ମଣିଷ ପକ୍ଷରେ ସର୍ବତୋଭାବରେ ଏକ ଅସମ୍ଭବ ବ୍ୟାପାର । କରୁଣାସାଗର ଠାକୁରଙ୍କର କରୁଣାରୁ ବହୁ ଅଜ୍ଞାତ ତତ୍ତ୍ୱ ଓ ତଥ୍ୟ ଏହି ସ୍ତମ୍ଭର କ୍ଷୁଦ୍ର ପରିସର ମଧ୍ୟରେ ତାଙ୍କରି ଅମୀୟ ଆଶିଷ ଲାଭ କରି 'ଚରମ' ପୃଷ୍ଠା ବହନ କରିପାରୁଛି । 'ଚରମ'ର ଆଗ୍ରହୀ ପାଠକମାନଙ୍କୁ ତାହା ପ୍ରଭୁଙ୍କର ପ୍ରସାଦ ଜ୍ଞାନ କରି ବାଣ୍ଟିଦେବା ହିଁ ଆମର ଆଭିମୁଖ୍ୟ...... ।

## ଜନନୀ, ଜଠର, ଜରାୟୁ

ଲୀଳାମୟଙ୍କର ଅପାର
ଲୀଳା ସୁଧା ପସରା ।
ଧରାରେ ଖେଳନ୍ତି ସୋହାଗେ
ଲୀଳାଧାର ଅସରା ॥
ଅନାଦି ଅନନ୍ତ ଅବ୍ୟକ୍ତ
ଲୀଳା ସ୍ଥୂଳରେ ବ୍ୟକ୍ତ ।
ଆଦି ନାହିଁ ଅନ୍ତ ନାହିଁ ତା'
ବୁଝି ଅବୁଝା ଭକ୍ତ ॥
ଭକ୍ତମନ ଉପବନର
କଳ୍ପତରୁ ଅନନ୍ୟ ।
ଅବତରି ଧରାଧାମରେ
କରି ଅଛନ୍ତି ଧନ୍ୟ ॥
ଧନ୍ୟ ଭକ୍ତଜନ ସକଳ
ବିଶ୍ୱ ମାନବ ଧନ୍ୟ ।
ଶରଣାଗତିବିନୁ ନାହିଁ
ସରଳପଥ ଅନ୍ୟ ॥
ଚରଣ କମଳେ ସମର୍ପି
ଦେବାର ସୁଖ ପାଇଁ
ପାଦପଦ୍ମ ପୀଠେ ଆସହେ
ସର୍ବେ ଆନନ୍ଦେ ଧାଇଁ ॥

# ଅଂଶୁ ଦ୍ୱୈତ୍ୟକ୍ଷା କୁଣ୍ଡଳ

ଯେଉଁ ସମୟରେ ଜନନୀ ଗୈରିକ ବର୍ଣ୍ଣ ଧାରଣ କରେ, ସେହି ସମୟରେ ତାର ପିଣ୍ଡରୁ ଲଲାଟ ପର୍ଯ୍ୟନ୍ତ ସୁପ୍ତ, ଗୁପ୍ତ ଥିବା ଚୈତନ୍ୟ ଅବସ୍ଥା ଧିରେ ଧିରେ ବଳୟଆକାର ଚକ୍ର ସଦୃଶ ମେରୁ ବିହୁର ଚତୁଃ ପାର୍ଶ୍ୱରେ ମନ୍ଦ ମଧୁର ଶବ୍ଦ ସୃଷ୍ଟିକରି ଘୂର୍ଣ୍ଣନ ହୁଏ । ଏହି ଘୂର୍ଣ୍ଣନ କ୍ରିୟା ସମୟରେ ବ୍ରହ୍ମାଣ୍ଡ ରୁ ଲାଲ ବର୍ଣ୍ଣର ଏକ ରଶ୍ମି କୁଞ୍ଚୁ କୁଞ୍ଚୁ ହୋଇ ନିଜସ୍ୱ ଇଚ୍ଛାରେ ମାଆର ଗର୍ଭରେ ଥିବା ସନ୍ତାନର ଆୟୁ ତିଆରି କରେ । ଏହି ଆୟୁ ସୃଷ୍ଟି ହେବାପରେ ଏହା ମାତୃଗର୍ଭସ୍ଥ ସନ୍ତାନର ପ୍ରାଣଶକ୍ତିକୁ ହରିଦ୍ରା ଆକୃତି ପରି ତିଆରି କରି ସାରିବା ପରେ । ପୁନଶ୍ଚ ନିଜ ରଂଗର ରେଖାମାନ ଘୁରିବୁଲେ । ଏହି ଘୂର୍ଣ୍ଣନ ଅବସ୍ଥାରେ ଶୂନ୍ୟ ଚକ୍ରର ଦ୍ୱାରଦେଶରେ ଆଠଗୋଟି ବର୍ଣ୍ଣରେ ବର୍ଣ୍ଣିତ ହୋଇ ମେଘ ବିଦୁରିତ କଳା, ଆକାଶରେ ବିଜୁଳି ଯେଉଁଳି ସ୍ୱଚ୍ଛ କ୍ଷଣ ପାଇଁ ଚକ୍, ଚକ୍ କରି ଉଭେଇ ଯାଏ । ଠିକ୍ ସେହିପରି ମାତୃଗର୍ଭରେ ନଭଃ ଚପଳା ସଦୃଶ ଲୁପ୍ତ ହୋଇଯାଇଥାଏ । ପୁନଶ୍ଚ ଏହା ମା'ର ଗର୍ଭ ଦେଶର ଚାରିଆଡ଼େ ବୁଲିବାକୁ ଆରମ୍ଭ କରେ । ଏହି ବୁଲିବାର ସମୟ ହେଉଛି । ରାତ୍ର ଘ୧,୨୫ ମିନିଟ୍‌ରୁ ଘ୨,୧୫ ମିନିଟ୍ ସମୟ ପର୍ଯ୍ୟନ୍ତ । ଏହା ମାତୃ ଗର୍ଭରେ ନଦୀରେ ନୌକା ସଦୃଶ ଭାସମାନ ଅବସ୍ଥାରେ ତରଙ୍ଗାୟିତ ହୋଇଥାଏ । ଠିକ୍ ଏହି ଅବସ୍ଥା ଉପସ୍ଥିତ ହେଲେ ମା'ର ପିଣ୍ଡରେ କ୍ରିୟା ଚାଳିତହୁଏ । କିନ୍ତୁ ଏହି ଅବସ୍ଥାରେ ଜନନୀ ରେଣୁ ମାତ୍ର ଅନୁଭବ ନିଜସ୍ୱ ଶରୀରରେ ଅନୁଭବିତ କରି ପାରେନାହିଁ । କିମ୍ବା ଜନନୀର ପଦ ଅଙ୍ଗୁଳି ଠାରୁ ମସ୍ତକର ଶୀର୍ଷ ଦେଶ ପର୍ଯ୍ୟନ୍ତ କୌଣସି କ୍ରିୟା ପ୍ରତିକ୍ରିୟା ସୃଷ୍ଟି ହୁଏ ନାହିଁ ।

ଠିକ୍ ଏହି ସମୟରେ ଶିଶୁର ନାଭି ଚାଳନାରୁ ଜଠର (ଶୂନ୍ୟ) ପର୍ଯ୍ୟନ୍ତ ବାୟୁର ଶ୍ରୁତି ରେଖା ଅଂକନ ହୋଇଥାଏ ।''ଶ୍ରୁତିକା ଶୂନ୍ୟ ଦ୍ୱାର ଠାରୁ ଇଚ୍ଛାମତେ କର୍ମମାନ ସୂକ୍ଷ୍ମ ସୋରିଷ ଆକୃତିର ସ୍ୱଚ୍ଛ ଆଲୋକ ଗୁଚ୍ଛ ସ୍ଥିର ହୋଇ ରହିଥାଏ । ସେହି (ଶୂନ୍ୟ) ଜରାୟୁର ଶବ୍ଦ ଭେଦ ଗୁଡ଼ିକ ଟିକି, ଟିକି ଗୁଚ୍ଛ ତିଆରି କରିଥାଏ । ସେହି କ୍ଷୁଦ୍ର ଗୁଚ୍ଛ ଗୁଡ଼ିକ ମାତୃଗର୍ଭରେ ଖୋଲିଯାଇ ବିଚ୍ଛିନ୍ନହୋଇ ଯାଇଥାଏ । ଯାହାକି ଜନନୀର ଅଜ୍ଞାତ ସାରରେ ଘଟେ । ମା' ଏହା ଲେସ ପ୍ରାୟ ଅବସ୍ଥା ଅନୁଭବରେ ଆଣି ପାରେନାହିଁ । ଶୂନ୍ୟ ମହାମାୟା ଜଗତରେ ତିନିଗୋଟି ରେଖା ନେଇ ନୀଳ ରଙ୍ଗରେ ରଂଗିତ ହୋଇ ବିବିଧ ପ୍ରକାରର ସ୍ୱରମାନ ସୃଷ୍ଟିକରେ । ଏହି ସ୍ୱର ମାତୃଗର୍ଭରେ ବିଚ୍ଛୁରିତ ହେବାକୁ ଲାଗେ । ଏହି ଅବସ୍ଥାରେ ଶୂନ୍ୟ ଚକ୍ରରେ ରହିଥିବା ବ୍ରହ୍ମରୀ ସ୍ନାୟୁ ସୂକ୍ଷ୍ମ ସ୍ଥିର ଆଲୋକରାଶି ସହିତ ମିଶ୍ରିତ ବା ଯୋଗ ହୋଇଯାଇଥାଏ । ଏହା ପଞ୍ଚମ ଦ୍ୱାରରେ ଧବଳବର୍ଣ୍ଣ ଧାରଣ ପୂର୍ବକ ରହିଥାଏ । ବିଚ୍ଛୁରିତ ସ୍ୱର ଗୁଡ଼ିକ ଗୈରିକ ବର୍ଣ୍ଣରେ ପରିଣତ ହୋଇଥାଏ । ସେହି ସମୟରେ ପିଣ୍ଡରେ ଲୁକାୟିତ ତ୍ରିବେଣୀଧାର ବର୍ଣ୍ଣ ସ୍ୱରୂପ ଧାରଣ ପୂର୍ବକ ମହାଶୂନ୍ୟକୁ ସୂକ୍ଷ୍ମ ଆକାର ଧାରଣ କରି ଇକାର (ˆ) ହୋଇ ତ୍ରାଟକ ମଧ ଦେଇ ଜ୍ୟୋତି ଭେଦକରି ପିଣ୍ଡକୁ ଆସେ । ଏହି ସମୟରେ ମା' ସୁପ୍ତ ଥିଲେ ତାର ବାମହାତ ମସ୍ତକରେ ଲାଗି ରହିଥାଏ ଓ ନିଦ୍ରା ଅବସ୍ଥାରେ ତାର ମଧ୍ୟମା ଆଙ୍ଗୁଳି ମସ୍ତକ ସ୍ପର୍ଶ କରିଥାଏ ।

- କ୍ରମଶଃ



# କଲ୍ୟାଣ ଦେଲି ତୋତେ

ଅନନ୍ତ, ଅସୀମ, ଅବ୍ୟକ୍ତ ପୁରୁଷ କାହିଁକି ଏ ସୃଷ୍ଟି ରଚନା କରିଛନ୍ତି ? ପୁନଶ୍ଚ ସୃଷ୍ଟି ଅନ୍ତର୍ଗତ ପ୍ରତ୍ୟେକ ଅଣୁକୁ ସ୍ୱମାୟାରେ କାହିଁକି ବନ୍ଧନ କରିଛନ୍ତି ? ଯଦି ଯାହା ଘଟିଯାଇଛି, ଘଟିଯାଉଛି ଏବଂ ଯିବ - ସମସ୍ତ ତାଙ୍କର ଇଚ୍ଛାରୁହିଁ ସଂଘଠିତ ହୋଇଛି,ହେଉଛି ଓ ହେବ, ତେବେ ଜୀବ ଦୁଃଖ,ଯନ୍ତ୍ରଣା ଭୋଗ କରୁଛି ବୋଲି କରି କ୍ରନ୍ଦନ କରୁଛି, ଆର୍ତ୍ତ ଚିତ୍କାର କରୁଛି, ମୁକ୍ତି ଖୋଜୁଛି କାହିଁକି ? ଏ ସମସ୍ତ ସମ୍ବେଦନଶୀଳ ଜିଜ୍ଞାସାର ସମାଧାନ କରିବା ପାଇଁ ସେ ନିଜେ ଆଜି ଉପସ୍ଥିତ । ମାନସ ସନ୍ତାନ 'ଚରମ' ମାଧ୍ୟମରେ ପିଣ୍ଡ, ବ୍ରହ୍ମାଣ୍ଡ ପ୍ରତ୍ୟେକ କ୍ରିୟା, କର୍ମ ଓ କର୍ମଫଳର ନିର୍ଯ୍ୟାସ ସଂପର୍କିତ ଜ୍ଞାନଗଂଗାକୁ ଅକାତର ଚିତ୍ତରେ ପ୍ରବାହିତ କରି ଚାଲିଛନ୍ତି । ସେହି ଅବୋଧ ତତ୍ତ୍ୱଜ୍ଞାନ ଗ୍ରହଣ କରିବାର ସାମର୍ଥ୍ୟ ପ୍ରଦାନକରିବାର ଲକ୍ଷ୍ୟରେ କ୍ରମାଗତ ଭାବରେ ସେ ଅଚେତନ ଜୀବସତ୍ତାକୁ କଲ୍ୟାଣ ଦେଇ ଆସୁଛନ୍ତି 'ଚରମ' ର ଏହି ଅବର୍ଣ୍ଣନୀୟ, ଦୁର୍ଲଭ ସ୍ତମ୍ଭ 'କଲ୍ୟାଣଦେଲି ତୋତେ' ମାଧ୍ୟମରେ ।

ତାଙ୍କର ମଙ୍ଗଳଇଚ୍ଛା ପୂର୍ଣ୍ଣହେଉ । ଦିବ୍ୟାଲୋକ ପ୍ରାପ୍ତିରେ କଳିହତ ମାନବର ଅଜ୍ଞାନରୂପକ ତମସା ଦୂର ହୋଇଯାଉ । ଏତିକିଥିଲି ।

ହେ ଆନନ୍ଦମୟ ପ୍ରେମସୁଧାମୟ
ଅବୋଧ ହେଉଛୁ କାହିଁ ?
ତୁମ କୃପାବିନା ଚିହ୍ନିବେ ତୁମକୁ
କେବେ କିଏ ଅଛି ପାଇ ?

ଯାହାଙ୍କ ଚରଣ ଅମୃତ ବିନ୍ଦୁଏ
ପାଇଁ ପାଗଳ ଶଙ୍କର ।
ବ୍ରହ୍ମା ଧ୍ୟାନରତ ଯୋଗୀ ମଦମତ୍ତ,
ଆର୍ତ୍ତ କରୁଛି ଚିତ୍କାର ॥

କେଉଁ ଭାବେ ଦୁଃଖ ଜଣାଇବି ମୁହିଁ
ଅଛିକି ଅଜଣାବୁହ ।
ଜାଣି ନ ଜାଣିଲା ଭାବକୁ ଦେଖାଇ
ମଉନ କିମ୍ପାଇଁ ବୁହ ॥

# କଲ୍ୟାଣ ଦେଲି ତୋତେ

'ଚରମ'ରେ ଧନମୋର ଗଗନର ତାରା ;
ମାୟାଘେରା ସଂସାରରେ ଜ୍ଞାନର ପସରା ।୧।
ତୁହି ସିନା ଅବିଶ୍ୱାସେ ଖୋଜୁନାହୁଁ ମୋତେ ;
ଚାତକ ପରାୟେ ମୁହିଁ ଚାହିଁ ଅଛି ତୋତେ ।୨।
ଯେଉଁଠାରେ ଯେଉଁଭାବେ ରହିଥାରେ ଧନ ;
ଶ୍ରଦ୍ଧା ଅବା ଦ୍ୱିଧା ହେଉ ତୋର ଇଚ୍ଛାଧୀନ ।୩।
ଗୁରୁବୀଜ କରୁଥିବୁ ସର୍ବଦା ମନନ ;
ନୋହିଲେ ବାନ୍ଧିବ ନିଶ୍ଚେ କାଳର ସମନ ।୪।
ମୁହିଁ ସିନା ପୁତ୍ର ବୋଲି ଦୋଷ ନ ଧରିବି ;
କାଳଚକ୍ର ଗତି କେତେ ଦିନ ବା ରୋକିବି ? ।୫।
ପଞ୍ଚଭୂତେ 'ବାୟୁ'ଗୁଣ ତୁଇ ଅଂଶ କ୍ରିୟା ;
କହିଅଛି ସଂକ୍ଷେପରେ ମୁକ୍ତକରି ମାୟା ।୬।
ତୃତୀୟ ଅଂଶଟି ପିଣ୍ଡେ 'ସଙ୍କୋଚନ' ନାମ ;
ଜୀବକୋଷ, ସ୍ନାୟୁକୋଷ, ନାଡ଼ିରେ ତା'କାମ ।୭।
ଜଠରୁ ଆସିବା ବେଳେ ସଙ୍କୁଚିତ ହୋଇ ;
ଅଙ୍ଗ, ଅବୟବ ଆଦି କ୍ଷୁଦ୍ର ହୋଇଥାଇ ।୮।
ଶୂନ୍ୟରୁ ଶବଦ ଆଣି ପ୍ରଶ୍ୱାସରେ ଦିଏ ;
ବ୍ରହ୍ମାଣ୍ଡ ପାଳନ ପରେ ନିଶ୍ୱାସରେ ଯାଏ ।୯।
ଷଡ଼ଚକ୍ର ସଂକୋଚନେ ମୁଦ୍ରିତ କରାଏ ;
ସ୍ନାୟୁ, କୋଷ, ଭୂତ ଆଦି ବର୍ଦ୍ଧିତ ନହୁଏ ।୧୦।
ଗଳ ସଂକୋଚିତ ହେଲେ ଜୀବ ସ୍ୱରକମି ଯାଏ ;
ଅଥବା ବିକୃତ ହୋଇ ଶ୍ରୁତି କଟୁ ହୁଏ ।୧୧।

ସଂକୋଚନ ଗୁଣଯୋଗୁଁ ମଳ, ମୂତ୍ର ଗ୍ରନ୍ଥି,
ପରିପୁଷ୍ଟ ହୁଏ ନାହିଁ ରୋଗ ଦିଏ ମନ୍ଥି ।୧୨।
ବେଗ ହ୍ରାସ ହେଲେ ଅଗ୍ନିମାନ୍ଦ୍ୟ ରୋଗ ହୁଏ,
ଅତିସାର ଅବା କୋଷ୍ଠକାଠିନ୍ୟ ସେ ପାଏ ।୧୩।
ପୁରୁଷତ୍ୱ ହାନୀ ହୋଇ ହୁଅଇ ବିକାର,
ହତାଶେ ଜୀବନକୁ ସେ ମଣଇ ଅସାର ।୧୪।
ନିଷ୍ଠାପର ସାଧକର ସାଧନ ପଥରେ,
ସଂକୋଚନ ଗୁଣ ଦିବ୍ୟ କଲ୍ୟାଣ ସଂଚରେ ।୧୫।
ପ୍ରାଣାୟାମ ଯୋଗାଧୀନ 'କୁମ୍ଭକ' ସମୟେ,
ସଂକୋଚନେ ସର୍ବ ଦ୍ୱାର ରୁଦ୍ଧ କରିଦିଏ ।୧୬।
ଜାତଘର ରୁଦ୍ଧହେଲେ ଯେସନ ହୁଅଇ,
ସେହି ଘର ମଧ୍ୟେ ତାହା ସଦା ଘୁରୁଥାଇ ।୧୭।
ସେହି ପରି ପିଣ୍ଡ ଦ୍ୱାର ମୁଦ୍ରିତ ହୋଇଲେ,
ସାଧକର ଇଚ୍ଛାମତେ ପଦ୍ମଚକ୍ର ଖୋଲେ ।୧୮।
ଅଭ୍ୟାସର କ୍ରିୟା ଯେତେ ଦୃଢ଼ତର ହୁଏ,
ସଙ୍କୁଚିତ ବାୟୁ ସେତେ ବେଗଶକ୍ତି ପାଏ ।୧୯।
ପିଣ୍ଡଗୃହ ତେଜି ବାହାରକୁ ଆସେ ନାହିଁ,
ଊର୍ଦ୍ଧ୍ୱଗତି ହୋଇ ତ୍ରିକୂଟକୁ ଯାଏ ବହି ।୨୦।
ସେତେବେଳେ ସେ ସାଧକ ସମାଧିସ୍ଥ ହୁଏ,
କୁମ୍ଭକ ସ୍ଥିତିରେ ଭଳି ପିଣ୍ଡ ଭୁଲିଯାଏ ।୨୧।
ତ୍ରିକୂଟ ଆଜ୍ଞାଚକ୍ରରେ ଇଷ୍ଟଙ୍କ ଦର୍ଶନ,
ପାଇ ସେହୁ ଧନ୍ୟକରେ ତା ଜନ୍ମ ଜୀବନ ।୨୨।

ତୋର ମଂଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

୧. 'ମାଂସ'ବୋଇଲେ ମା'ର ଅଂଶ । ଅର୍ଥାତ୍ ପ୍ରକୃତିର ଅଂଶ । ସେହିପରି 'ମାଛ' ବୋଇଲେ ମା'ର ଛ ବା ଷଡ଼ରିପୁ । ପ୍ରକୃତିର ଅଂଶ ସ୍ୱରୂପ ଷଡ଼ରିପୁ ରୂପ, ରସ,ଗନ୍ଧ, ସ୍ପର୍ଶ ଓ ଶବ୍ଦକୁ ପଞ୍ଚଇନ୍ଦ୍ରିୟ ଦ୍ୱାରା ଆହାର କରନ୍ତି । ଏହାକୁ ଆମିଷ ଆହାର କୁହାଯାଏ । ଜୀବ ପ୍ରକୃତି ବଶତଃ ଏହି ଆହାର ପ୍ରତି ମୁହୂର୍ତ୍ତରେ ଭୁଞ୍ଜୁଥିବାରୁ ଜୀବ ଶରୀରକୁ ଆମିଷଶରୀର ବୋଲି କୁହାଯାଏ ।।

୨. ଜଣେ ଯୋଗୀ କର୍ମଯୋଗ କରି ଯେଉଁ ଜ୍ୟୋତି ଉପଲବ୍ଧ କରୁଛି, ଜଣେ ସାଧାରଣ ଗୃହୀ ସଂସାର ପଥରେ ଯାଇଁ ଯାଇଁ ମଧ୍ୟ ସେହି ଜ୍ୟୋତିକୁ ଉପଲବ୍ଧ କରି ପାରୁଛି ।

୩. ସାଧୁମାନେ ଚେତନଶୀଳ । ସାତ୍ତ୍ୱିକ ଭାବଥିବା ବ୍ୟକ୍ତି ହିଁ ଚେତନା ପାଇପାରେ ।।

୪. ମନ, ବିଷ୍ଣୁ, ଭଗବାନ - ଏହିଭଳି ଅନେକ ଅବୋଧ ଶବ୍ଦ ଧର୍ମ ଏବଂ ଆଧ୍ୟାତ୍ମିକ ସାହିତ୍ୟରେ ରହିଛି । ଏସବୁ ଶବ୍ଦର ସଂଜ୍ଞା ବା ବାସ୍ତବ ଅର୍ଥ ପ୍ରକାଶ କରାଯାଇ ପାରେ ନାହିଁ; ଉପଲବ୍ଧ କରାଯାଏ ।।

୫. ଦସ୍ୟୁ ରତ୍ନାକରଙ୍କ 'ମ' ଓ ହନୁମାନଙ୍କର 'ହୁଁ' ବୀଜମନ୍ତ୍ର ଥିଲା । ଏହି ମନ୍ତ୍ର ମନନ ଦ୍ୱାରା ସେମାନଙ୍କର କୁଳକୁଣ୍ଡଳିନୀ ଚକ୍ରଭେଦ କରିଥିଲା । ସେହିପରି ପ୍ରତି ଯୁଗରେ ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ବୀଜମନ୍ତ୍ର ନିର୍ଦ୍ଧାରିତ ହୋଇ ରହିଛି । ବ୍ୟକ୍ତି ସେହି ବୀଜମନ୍ତ୍ର ମନନ କଲେ ଶୀଘ୍ର ଫଳପ୍ରାପ୍ତି ଅନୁଭବ କରିପାରେ ।।

୬. ଈଶ୍ୱରଙ୍କ ଦରବାରରେ ଯେପରି ପାପ ଓ ପୁଣ୍ୟ ରହିଛି, ସେହିପରି ସୁଗନ୍ଧ, ଦୁର୍ଗନ୍ଧ; ଆଲୋକ ଅନ୍ଧାର, ଭଲ ମନ୍ଦ, ସୁଗୁଣ ଦୁର୍ଗୁଣ ଇତ୍ୟାଦି ମଧ୍ୟ ରହିଛି । ସବୁକିଛି ହିଁ ତାଙ୍କର ସୃଷ୍ଟି । ତହିଁରେ ହସ୍ତକ୍ଷେପ ନ କରି ବା ସେସବୁକୁ ଘୃଣା ନକରି ତାଙ୍କରି ସୃଷ୍ଟିକୁ ପ୍ରାଣ ଦେଇ ଭଲ ପାଇ ଶିଖ । ଭଗବତ୍ ପ୍ରେମର ମହିମା ଉପଲବ୍ଧ କରି ପାରିବ ।।

୭. ମଣିଷ ମାତ୍ରେ ହିଁ ଗ୍ଲାନି ରହିଛି, ରହିବ । ପ୍ରତ୍ୟେକଙ୍କର କିଛି ନା କିଛି ଅଳ୍ପେ ବହୁତେ ଗ୍ଲାନି ରହିଥାଏ । ଏ ଦୁନିଆରେ ସମସ୍ତଙ୍କର ଗ୍ଲାନି ରହେ, ରହିଛି, ରହିବ ମଧ୍ୟ । ଏହା ସ୍ୱାଭାବିକ ପ୍ରକ୍ରିୟା ।।

୮. ତୁମେମାନେ ନିଜ ନିଜର ଭୁଲ ତ୍ରୁଟି ସଂଶୋଧନ କରି ପରିମାର୍ଜିତ ହେବା ପାଇଁ ଧର୍ମ ଦରବାରକୁ/ ଗୁରୁଦ୍ୱାରକୁ ଆସୁଛ ସତ, କିନ୍ତୁ ମନେରଖ, ଭୁଲ ତ୍ରୁଟି ଗୁଡ଼ିକୁ ନିଜ ଭିତରେ ଜମାଟ ରଖିଲେ, ଅନ୍ତରରେ ଭାବର ଉଦ୍ରେକ ହେବନାହିଁ । ପରନ୍ତୁ ତାହା କମ୍ପୋଷ୍ଟ ପରି ପଚିସଡି ତୁମ ଅନ୍ତରକୁ ଯୁଗଯୁଗ ପାଇଁ କଳୁଷିତ ସଂସ୍କାରରେ ପରିପୂର୍ଣ୍ଣ କରିଦେବ । ଫଳରେ ଏ ଜନ୍ମ ଓ ପରଜନ୍ମ ନଷ୍ଟ ହୋଇଯିବ ।।

୯. ଧର୍ମରାଜ୍ୟରେ ଶ୍ରୁତିଟା ଏଭଳି ହୋଇଛି - ଶହେ ଜଣକୁ ଡାକି ସେ କଥା କୁହାଯାଏ ନାହିଁ କି କୁହାଯାଇ ପାରିବ ନାହିଁ । କାହାକୁ ଜଣକୁ କୁହାଯାଏ । ତେଣୁ ସେହି ଜଣକ ଦ୍ୱାରା ବାହାରୁଥିବା ବାଣୀକୁ ବିଶ୍ୱାସର ସହିତ ଗ୍ରହଣକରି ଚଳିବା ଉଚିତ । ନଚେତ୍ ଠକି ଯିବ ।।

୧୦. ଧର୍ମ ଦରବାରରେ ସମ୍ମାନ (prestige) ଖୋଜି ବସିଲେ ଚଳିବନି । ଧର୍ମ ରାଜ୍ୟରେ ସମ୍ମାନ ରହିବ କେଉଁଠୁ ? ଯାହା ବାହାରୁଛି ତାହା ତ ଗଚ୍ଛିଧନ କରି ଛପାଇ (ଗୁପ୍ତ) ରଖୁନାହୁଁ । ତାହା ତୁମ ମାନଙ୍କ ପାଇଁ ବାହାରିଛି, ତୁମେ ତାହା ମାନିନେଇ ଗ୍ରହଣ କରିବା ଉଚିତ୍ । ତଦ୍ଦ୍ୱାରା ତୁମର ହିଁ ଲାଭ ହେବ ॥

୧୧. କାଳ କବଳ ଜିନିଷ ରହିଛି । ମହାପୁରୁଷଙ୍କ ଭବିଷ୍ୟତବାଣୀ ରହିଥିବାରୁ ଯାହାକିଛି ହେଉଛି ବା ଯାଉଛି । ସେ କିଏ ବା ଆମେ କିଏ ??

୧୨. ଆଜ୍ଞାଚକ୍ରର ଚାରୋଟି ପାହାଚ ରହିଛି ॥

୧୩. ମୋକ୍ଷ ପ୍ରାପ୍ତିର ଉପାୟ ଜାଣିବାର ପ୍ରୟୋଜନ କିଛି ନାହିଁ । ଉପାୟ ଜାଣିଗଲେ ଯଦି ମୋକ୍ଷ ମିଳୁଥା'ନ୍ତା;ତେବେ ସଂସାରରେ ଲୋକେ ବିଷୟା ଜଞ୍ଜାଳରେ ଘାଣ୍ଟିହେଉଥାନ୍ତେ କାହିଁକି ? ସେମାନେ ମୁକ୍ତି/ ମୋକ୍ଷ/ନିର୍ବାଣ/ଚରମ ପ୍ରାପ୍ତିର ଉପାୟ ବେଶ୍ ଭଲଭାବରେ ଜାଣିଛନ୍ତି; ତଥାପି ସେମାନଙ୍କର ମୁକ୍ତି ନାହିଁ ??

୧୪. ସର୍ବଦା ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ବେଦ ବେଦାନ୍ତ ତତ୍ତ୍ୱଜ୍ଞାନ ଶ୍ରବଣ କରି ତତ୍ତ୍ୱଜ୍ଞାନ ଅବଗତ ହୁଅ । ସେହି ଆତ୍ମତତ୍ତ୍ୱ ସଂପର୍କରେ ଯୁକ୍ତି ଦ୍ୱାରା ଗୋଟିଏ ନିଶ୍ଚିନ୍ତ ସ୍ତରରେ ପହଞ୍ଚି ତାହାରି ଉପରେ ଚିତ୍ତର ସ୍ଥିରତା ଆଣିବାକୁ ଚେଷ୍ଟାକର ॥

୧୫. ଚିତ୍ତ ସ୍ଥିରକରି ମନକୁ ବିଷୟ ବାସନାରୁ ଫେରାଇଆଣି ଈଶ୍ୱରଙ୍କ ପଦ୍ମପାଦରେ ସଂଯୁକ୍ତକରି ଲୟସ୍ଥିର କଲେ, ଏବଂ ତାହା ସ୍ଥାୟୀ ଭାବରେ ବଳବତ୍ତର ରହିଲେ, ଅନାୟାସରେ ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତିର ପଥ ତୁମକୁ ସ୍ପଷ୍ଟ ଦିଶିବ । ସେହି ପଥ ର ପରିଚୟ ପାଇ ସେ ପଥରେ କ୍ରମଶଃ ସାବଧାନତାର ସହିତ ଧିରେଧିରେ ଆଗେଇ ଚାଲିଲେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ । ତାହାହିଁ ଚରମ ଲକ୍ଷ୍ୟ, ତାହାହିଁ ଚରମ ପ୍ରାପ୍ତି ॥

୧୬. ମନ ଗୋଟିଏ । ତାହା ପାଞ୍ଚଗୋଟି ସ୍ତର - ମନ, ଅମନ, ବିମନ, ସୁମନ, କୁମନ । ପୁଣି ତା'ର ଦୁଇଟି ଅବସ୍ଥା - ଶୁଦ୍ଧମନ, ଅଶୁଦ୍ଧମନ । ମନକୁ ବିଷୟରୁ ଫେରାଇବା (ପ୍ରତ୍ୟାହାର) ହିଁ ହେଉଛି ସାଧନା । ପଞ୍ଚ ଇନ୍ଦ୍ରିୟ ପାଇଁ ପଞ୍ଚ ବିଷୟ ରହିଛି - ଶବ୍ଦ (ଶୁଣିବା), ସ୍ପର୍ଶ (ଛୁଇଁବା), ରୂପ (ଦେଖିବା), ରସ (ଚାଖିବା) ଏବଂ ଗନ୍ଧ (ଶୁଙ୍ଘିବା) । ଏହି ପାଞ୍ଚଟି ବିଷୟ ଉପଭୋଗପାଇଁ ଇନ୍ଦ୍ରିୟଙ୍କର କ୍ଷୁଧାସହିତ ମାନସିକ ସ୍ତରର ସ୍ପୃହା ବା ଲାଳସା ମିଳିତ ହେଲେ କାମନା ଜାତ ହୁଏ । ଏ ପ୍ରକାର କାମନାରହିତ ମନ ହିଁ ଶୁଦ୍ଧ ମନ । କାମନାର ପଛେପଛେ ଧାଇଁବା ମନଟି ହିଁ ଅଶୁଦ୍ଧ ମନ । ମନକୁ ନିର୍ବିଷୟ ଓ ନିର୍ବାସନ କଲେ, ମୁକ୍ତିର ପଥ ସରଳ, ସୁଗମ ଓ ସହଜ ହୁଏ ॥




# କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ

**ସା୧୪୧୭ଲ, କୁମ୍ଭ ଦି୧୭ନ, ସୋମବାର, ଫାଲ୍‌ଗୁନ ଦି୧୦ନଠାରୁ କୁମ୍ଭ ଦି୨୦ନ, ଗୁରୁବାର, ଫାଲ୍‌ଗୁନ ଦି୧୩ନ ପର୍ଯ୍ୟନ୍ତ, ଇଂରାଜୀ ମତେ ମାର୍ଚ୍ଚ ତା୧ରିଖ ଠାରୁ ତା୪ରିଖ, ୨୦୧୦ ମସିହା ପର୍ଯ୍ୟନ୍ତ ॥**

ସ୍ଥାନ : କ୍ଷିତିଜ୍ୟୋତିଃ ଆଶ୍ରମ ଶାଖା, ଚକେଇସିଆଣି, ଶ୍ରୀରାମ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା ।

ଚୈତ୍ର କୃଷ୍ଣପକ୍ଷ ପ୍ରତିପଦା ଠାରୁ ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ/ପଞ୍ଚମୀ ପର୍ଯ୍ୟନ୍ତ ॥

ଓଁ ମଙ୍ଗଳଂ ପ୍ରଭୁପାଦାୟ ମଙ୍ଗଳଂ ଶୁଭଦାୟିନେ ।
ମଙ୍ଗଳଂ ତତ୍ତ୍ୱମୂର୍ତ୍ତୟେ ମଙ୍ଗଳଂ ପରମାତ୍ମନେ ॥
ଓଁ ଶୂନ୍ୟପ୍ରକାଶାୟ ନମଃ ! ଓଁ ବିଶ୍ୱପ୍ରକାଶାୟ ନମଃ !!
ଓଁ ମହାପ୍ରକାଶାୟ ନମଃ ! ଓଁ ଆତ୍ମପ୍ରକାଶାୟ ନମଃ !!
ଓଁ ଜ୍ୟୋତିଃପ୍ରକାଶାୟ ନମଃ ! ଓଁ ଚରମପ୍ରକାଶାୟ ନମଃ !!
ଓଁ ନମୋ ସ୍ୱୟଂ ପ୍ରକାଶାୟ ନମଃ !!!

ଓଁ ଯ ବ୍ରାହ୍ମ ବରଶକ୍ତି ସୌରଭଧର
ଯ ଶାଶ୍ୱତ ବରଦ
ଯ ଶକ୍ତି ତ୍ରୟ ଦେବଦେବ ବିନତ
ସଂସ୍କାର ସିଦ୍ଧି ପ୍ରଦ ।
ବ୍ରହ୍ମାନନ୍ଦ ବିଳାସ ସାଧନକର
ଜ୍ଞାନପ୍ରଦ ସର୍ବଦା
ସ ଦେବ ଭକ୍ତିଦାୟୀ ସୁମଙ୍ଗଳକର
ସତ୍ୟାର୍ଥ ଶୁଦ୍ଧପାଦ ॥

ଓଁ ଶ୍ରୀକେଶବାଚ୍ୟୁତ ଗୋବିନ୍ଦ ଚରମପାଶେ
ମୁକୁନ୍ଦ ମାଧବ ଜନାର୍ଦ୍ଦନ ତତ୍ତ୍ୱମୂର୍ତ୍ତେ ।
ନାରାୟଣାମରପତେ ତ୍ରିଜଗନ୍ନିବାସ
ଶ୍ରୀଲକ୍ଷ୍ମୀପତେ କୃପୟା ପାତୁ ନ ପତନାତ୍ ॥

ବିଶ୍ୱ ଆଧ୍ୟାତ୍ମିକ ଇତିହାସରେ ଆଜି ଗୋଟିଏ ନୂତନ ପୃଷ୍ଠା ଯୋଡ଼ି ହୋଇଯିବାର ଶୁଭଲଗ୍ନ ଉପନୀତ. । ଆଜି ଫାଲ୍‌ଗୁନ ଦି୧୦ନ, ସୋମବାର, କୁମ୍ଭ ଦି୧୭ନ, ଚୈତ୍ରମାସ, କୃଷ୍ଣପକ୍ଷ, ପ୍ରତିପଦା ତିଥି, ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର, ସିଂହ ରାଶିରେ ଚନ୍ଦ୍ର, କୁମ୍ଭ ରାଶିରେ ସୂର୍ଯ୍ୟ । ଗଜପତି ଦିବ୍ୟସିଂହ ଦେବଙ୍କର ଊନପଞ୍ଚାଶ ଅଙ୍କରେ ଉତ୍କଳୀୟ ୧୪୧୭ ସାଲର ରତିକାମଦେବ ମହୋତ୍ସବ, ହୋଲିପର୍ବ ଆଜି । ଇଂରାଜୀ ମତାନୁସାରେ ୨୦୧୦ ମସିହା, ମାର୍ଚ୍ଚ ମାସ ଏକ (୧) ତାରିଖ । ବହୁପ୍ରତୀକ୍ଷିତ ପାବନ ଦିବସ । ପବିତ୍ର ଦିବସର ଶୁଭଲଗ୍ନରେ ଆଜିଠାରୁ ଆରମ୍ଭ କରି ଚାରିଦିନ ପର୍ଯ୍ୟନ୍ତ ଅବିଭକ୍ତ ପୁରୀ ଜିଲ୍ଲା (ଏବେକାର ଖୋର୍ଦ୍ଧା ଜିଲ୍ଲା)ର ଚକେଇ ସିଆଣି ଗ୍ରାମର କ୍ଷିତିଜ୍ୟୋତି ଆଶ୍ରମ ପରିସରରେ କଟକ ଜିଲ୍ଲାର ମାହାଙ୍ଗାସ୍ଥ କ୍ଷିତିଜ୍ୟୋତି ଆଶ୍ରମ, ଅଚ୍ୟୁତଗୁପ୍ତବ୍ରହ୍ମସଂଘ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ ଆନୁକୂଲ୍ୟରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ସହିତ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହେଉଛି । କିନ୍ତୁ, କାହିଁକି ? ଏହି କାହିଁକିର ଉତ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ଉନ୍ମୋଚିତ ଅବଶ୍ୟ ହେବ । କିନ୍ତୁ ତା'ପୂର୍ବରୁ ଏହି ଗ୍ରାମ ଏବଂ ଏହି ଅଞ୍ଚଳର ସମ୍ୟକ୍ ଐତିହାସିକ ତଥ୍ୟ ପ୍ରଦାନକୁ ଅଗ୍ରାଧିକାର ଦେବା ଉଚିତ କର୍ତ୍ତବ୍ୟହେବ ଏବଂ ତାହା ଅପ୍ରାସଙ୍ଗିକ ହେବନାହିଁ ।

ଚକେଇସିଆଣି ବା ଚକେଇସିହାଣୀର ପ୍ରକୃତ ଓ ପ୍ରାଚୀନ ନାମ ଗଡ଼ ସାହି । ଚକେଇସିହାଣୀ ଓ ସମେଇଗଡ଼ିଆ ଦୁଇଗୋଟି ଗାଁ । ମାତ୍ର ଦୁଇ ଗୋଟି ଗାଁର ପରିଚୟ ଗୋଟିଏ, ଏକ ଏବଂ ଅଭିନ୍ନ । ସମେଇଗଡ଼ିଆ ଗାଁ ବ୍ରାହ୍ମଣ ଶାସନ ଓ ଶବର ସାହି । ଅତୀତରେ ପ୍ରାଚୀନ କାଳରେ ଏହି ଗାଁଟି ଏହି ଅଞ୍ଚଳରେ ଗୋଟିଏ ଗଡ଼ ଭାବରେ ଥିଲା । ଏହା ମଧ୍ୟକୁ ସହଜରେ କେହି ପ୍ରବେଶ କରିପାରୁନଥିଲେ । ଏଠାରେ ସାଆନ୍ତ ମାନଙ୍କର ଯଥେଷ୍ଟ ପ୍ରଭାବ ଓ ପ୍ରାଦୁର୍ଭାବ ଥିଲା । ତେଣୁ ଏହାର ପ୍ରକୃତ ଓ ପ୍ରାଚୀନ ନାମ ଥିଲା ଗଡ଼ ସାହି । ପୁରାତନ କାଳରେ ଏ ଅଞ୍ଚଳ ଘନ ଅରଣ୍ୟରେ ପରିପୂର୍ଣ୍ଣ ଥିଲା । ଅନେକ ରାଜା ନିଜ ନିଜର ମନସ୍କାମନା ପରିପୂରଣ ପାଇଁ ଏହି ଘଞ୍ଚ ଜଙ୍ଗଲରେ ସାହସର ସହିତ ପ୍ରବେଶ କରି ଦେବୀଶକ୍ତିଙ୍କର ପୂଜା, ଅର୍ଚ୍ଚନା, ଉପାସନା, ଧ୍ୟାନ, ତପସ୍ୟା ଆଦି ଅତି କଠୋର ଭାବରେ ଓ ନିଷ୍ଠା ସହକାରେ କରୁଥିଲେ । ମାତୃସ୍ୱରୂପିଣୀ ମାତୃଶକ୍ତିଙ୍କର କୃପା ଲାଭ କରି ସେମାନଙ୍କ ମଧ୍ୟରୁ ଅନେକେ ସିଦ୍ଧିଲାଭ କରିପାରିଥିଲେ ଓ ନିଜନିଜର ଶକ୍ତିସାମର୍ଥ୍ୟ ବଢ଼ାଇ ପାରିଥିଲେ ମଧ୍ୟ ଅନେକେ ଭ୍ରଷ୍ଟ ହୋଇ ପିଶାଚ ରୂପେ ବଣଜଙ୍ଗଲରେ ଉନ୍ମାଦ ରୋଗଗ୍ରସ୍ତ ହୋଇ ଭ୍ରମଣ କରୁକରୁ ହିଂସ୍ରଜନ୍ତୁଙ୍କର ଶୀକାର ହୋଇ ମୃତ୍ୟୁବରଣ କରିଥିଲେ ।

ଏହି ଅଞ୍ଚଳର ସର୍ବ ପୁରାତନ ଠାକୁର ହେଉଛନ୍ତି ମହାଦେବ ମଞ୍ଚନାଥ ଦେବ । ଏହି ଶିବ ଲିଙ୍ଗ ପାତାଳଫୁଟ । ଅନେକ ବୀର ଶୈବ ଭୈରବ ସାଧକ ମଞ୍ଚନାଥ ଦେବଙ୍କ ଲିଙ୍ଗର ମୂଳପର୍ଯ୍ୟନ୍ତ ଅନୁସନ୍ଧାନ ପାଇଁ ଛାତି ଦେଇଥିଲେ ମଧ୍ୟ ତାହାର ସନ୍ଧାନ ପାଇ ନ ପାରି ଲିଙ୍ଗ ପାତାଳଫୁଟ ବୋଲି ମୁକ୍ତକଣ୍ଠରେ ଘୋଷଣା କରି ଯାଇଥିଲେ । ତାହା ଏବେ ମଧ୍ୟ ଲୋକମୁଖରେ ପ୍ରଚାରିତ ଏବଂ ଏହା ଏକ ସତ୍ୟସିଦ୍ଧ ସିଦ୍ଧାନ୍ତ । ଅନେକ ଭୈରବ ସାଧକ ଶୈବ ଏହି ଅଭିଯାନରେ ମୃତ୍ୟୁମୁଖରେ ପଡ଼ିଥିଲେ ବୋଲି ସ୍ଥାନୀୟ ଅତି ବୃଦ୍ଧବ୍ୟକ୍ତିଙ୍କ ମୁହଁରେ କିମ୍ବଦନ୍ତୀ ହୋଇ ପୁରୁଷାନୁକ୍ରମେ ଆଜି ପର୍ଯ୍ୟନ୍ତ ଉଦ୍‌ଘୋଷିତ । ପ୍ରତ୍ୟକ୍ଷଦେବତା ମହାଦେବ ମଞ୍ଚନାଥଦେବଙ୍କୁ କେନ୍ଦ୍ରକରି କାଳକ୍ରମେ ଏ ଅଞ୍ଚଳରେ ମଞ୍ଚେଶ୍ୱର ଗାଁ ଗଢ଼ି ଉଠିଥିଲା । ମଞ୍ଚେଶ୍ୱର ଗାଁ ନିକଟରେ ମଞ୍ଚେଶ୍ୱର ରେଳଷ୍ଟେସନ ଏବଂ ପରବର୍ତ୍ତୀ ସମୟ ପର୍ଯ୍ୟାୟରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ମଧ୍ୟ ପ୍ରତିଷ୍ଠିତ ହୋଇଅଛି । ଆଜିର ବସ୍ତୁବାଦୀ ଜଗତରେ ଭୌତିକ ଓ ଅନିତ୍ୟ ସୁଖ ସନ୍ଧାନୀ ମଣିଷ ଏ ଅଞ୍ଚଳର ପ୍ରାଚୀନ କୀର୍ତ୍ତି, ଐତିହ୍ୟ, ପୌରାଣିକତାର ଅନୁସନ୍ଧାନ ପାଇଁ ବିମୁଖ ହୋଇଥିବାରୁ ଏ ସବୁ ତଥ୍ୟ ଓ ତତ୍ତ୍ୱ ଜିଜ୍ଞାସୁ ହୋଇପାରୁନାହିଁ ବା ହୋଇପାରିନାହିଁ ।

ଚକେଇ ସିହାଣୀ, ସମେଇ ଗଡ଼ିଆ ବା ଗଡ଼ ସାହିର ଉତ୍ତର ଦିଗରେ ପବିତ୍ର କୁଆଖାଇ ନଦୀ ପ୍ରବାହିତ ହେଉଛି । ଗାଁର ଦକ୍ଷିଣ ଦିଗରେ ମା' ପାଟଦେବୀ ମା' ହାଡ଼ବାଇ ଠାକୁରାଣୀ ବିଜେ ହୋଇଛନ୍ତି । ପୂର୍ବ ଦିଗରେ ମା'ସପ୍ତସତୀଙ୍କ ପୀଠ ଅବସ୍ଥିତ । ଗ୍ରାମର ଗ୍ରାମଦେବତୀ ରୂପେ ମା' ଓଗାଳମଣୀ ଏବଂ ମା' ହାଡ଼ବାଇ ପୂଜାପାଇ ଆସୁଛନ୍ତି ।

ଓଡ଼ିଶାର ପ୍ରାଚୀନ ତାଳପତ୍ର ପୋଥିରେ ଏ ଅଞ୍ଚଳର ବର୍ଣ୍ଣନା ପ୍ରସଙ୍ଗରୁ ଏଠାରେ ସୀମିତ ପରିସର ମଧ୍ୟରେ ମାତ୍ର କେତୋଟି ପଦ ଉଦ୍ଧାର କରାଯାଉଛି -

'ପୂରୁବ ଦିଶାରେ ମାତା ସପ୍ତସତୀ ପୀଠ
ଦକ୍ଷିଣରେ ବିଜେ ଥିବେ ଦେବୀ ମାତା ପାଟ
ଉତ୍ତରରେ ବହୁଥିବ ନଈ କୁଆଖାଇ
ଦେବ ମଣ୍ଟନାଥ ମହାଦେବ ପୀଠ ଏହି
ପାତାଳୁ ଫୁଟିଛି ଏହି ଶିବଲିଙ୍ଗ ଶରୀ
ପୂଜନ ଦର୍ଶନ କଲେ ଜୀବ ଯିବ ତରି ।'

ପୁଣି ପୁରାତନ ଯୁଗରେ ଗଡ଼ସାହିର ନିଘଞ୍ଚ ଅରଣ୍ୟର ଐତିହ୍ୟ ସଂପର୍କରେ ମଧ୍ୟ ପ୍ରାଚୀନ ଉଦ୍ଧାରୁ ସମ୍ୟକ୍ ସୂଚନା ମିଳିଥାଏ । ଯଥା :

'ଗଡ଼ ଥିଲା ଏଇ ଗାଁ,
ଖଣ୍ଡମଣ୍ଡଳରେ ଡାକ ତା' ନାଁ
ମିତଣୀଲୋ,
ସାଧନପୀଠ ସେ ଛାଁ ।
କେତେ ମାନସିକ ଧରି,
କେତେକେତେ ରଜା ପୂଜନ କରି
ମିତଣୀଲୋ,
ଦେବୀଶକତି ଥିଲେ ଆବୋରି ।' ଇତ୍ୟାଦି....

ସେ ଯାହା ହେଉ, ଏ ଅଞ୍ଚଳର ପ୍ରାଚୀନତା ଓ ପ୍ରାଚୀନ ମହାନତା ସଂପର୍କରେ ବହୁ ପ୍ରାଚୀନ ସାଧକ କବିଙ୍କର ରଚିତ ତାଳପତ୍ର ଖେଦାରେ କିଛି କିଛି ତଥ୍ୟ ଲିପିବଦ୍ଧ ହୋଇ ରହିଛି । ହୁଏତ, ଆହୁରି ବହୁତ କିଛି ତାଳପତ୍ର ପୋଥି ସମୟ ଚକ ତଳେ ନିଷ୍ପେଷିତ ହୋଇ କାଳକ୍ରମେ ଯେ ନଷ୍ଟ ହୋଇ ଯାଇ ନଥିବ କିମ୍ବା ଲୋକଲୋଚନ ଗୋଚରକୁ ଆସିନଥିବ, ଏ କଥା କିଏ ଅବା କହିପାରିବ ? ତାହା କେବଳ ପ୍ରଭୁ ଅନ୍ତର୍ଯ୍ୟାମୀ ଚରମ ପୁରୁଷ ହିଁ ଜାଣନ୍ତି । ତାଙ୍କର କରୁଣା ଓ କଲ୍ୟାଣ ନ ପାଇଲେ, ସେସବୁ ସାଧାରଣ ମନୁଷ୍ୟମାନଙ୍କ ମାନସପଟରେ ପ୍ରତିଭାତ ହେବା ଆଦୌ ସମ୍ଭବ ନୁହେଁ, ସମ୍ଭବପର ହୋଇ ନ ପାରେ ମଧ୍ୟ ।

ତେବେ ମୂଳରୁ ଆମର ପ୍ରଶ୍ନ ଥିଲା କାହିଁକି ଆଜିର ଏହି ମହାପୁଣ୍ୟ ଲଗ୍ନରେ ଏହି ପ୍ରାଚୀନ ତଥ୍ୟପୂର୍ଣ୍ଣ ପୁଣ୍ୟଭୂମିରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଅନୁଷ୍ଠାନ ଅନୁଷ୍ଠିତ ହେଉଅଛି ? କାହିଁକି ? ଏହି କାହିଁକିର ଉତ୍ତରରେ ଏଠାରେ ସଂକ୍ଷେପରେ କିଛି ଆଲୋଚନା କରାଯିବାର ଆବଶ୍ୟକତା ଅବଶ୍ୟ ରହିଛି । ବହୁ ପ୍ରାଚୀନ କାଳରେ ଜଣେ ବୀର ରାଜା ଉଭୟ ଶିବ ଓ ଶକ୍ତିଙ୍କର ଉପାସନା ପାଇଁ ଓ ତପସ୍ୟା କରିବା ପାଇଁ ଏ ଅଞ୍ଚଳର ନିବିଡ଼

ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ସେ ସମୟର ଏକାଧିକ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କର ପରାମର୍ଶରେ ତପଶ୍ଚରଣ ପାଇଁ ଏହି ନିବିଡ଼ ଅରଣ୍ୟ ପ୍ରକୃଷ୍ଟ ସ୍ଥାନବୋଲି ଜାଣିବାକୁ ପାଇଲେ । ତେଣୁ ପାତ୍ର, ମନ୍ତ୍ରୀ, ରାଜ ପାରିଷଦ ଇତ୍ୟାଦିଙ୍କର ବାରଣ ସତ୍ତ୍ୱେ ହିଂସ୍ରଜନ୍ତୁ ସଙ୍କୁଳ ଘଞ୍ଚ ଜଙ୍ଗଲ ମଧ୍ୟକୁ ନିଶାର୍ଦ୍ଧରେ ଏକାକୀ କୌପିନୀ ଧାରଣ କରି ପ୍ରବେଶ କଲେ । ଲତାକୁଂଜ ସଙ୍କୁଳ ଘଞ୍ଚ ଅରଣ୍ୟର ମଧ୍ୟ ଭାଗରେ ସେ ବ୍ରାହ୍ମ ମୁହୂର୍ତ୍ତରେ ଗୋଟିଏ ବିଶାଳ ବଟବୃକ୍ଷମୂଳରେ ମନ୍ଦିର ତୁଲ୍ୟ ଏକ ଉଇହୁଙ୍କା ଦେଖିବାକୁ ପାଇଲେ । ସେହି ଉଇହୁଙ୍କା ମଧ୍ୟରୁ ମଧ୍ୟେ ମଧ୍ୟେ ସ୍ୱର୍ଣ୍ଣାଭନୀଳରଶ୍ମୀ ନିର୍ଗତ ହେବା ସହିତ ଓଁକାର ଉଚ୍ଚାରଣ ଶବ୍ଦ ସେ ଦେଖିବାକୁ ଓ ଶୁଣିବାକୁ ପାଇଲେ । ରାଜା ସ୍ତମ୍ଭୀତହୋଇ ସେଠାରେ କିଛି ସମୟ ଖମ୍ବଟିଏ ପରି ନିଶ୍ଚଳ ହୋଇ ଛିଡ଼ା ହୋଇ ରହିଲେ । କିଛି ସମୟ ପରେ ଉଇହୁଙ୍କା ମଧ୍ୟରୁ ତ୍ରିଶୂଳଧାରୀ ଜଟାମୁକୁଟ ମଣ୍ଡିତ ସର୍ପବିଭୂଷିତ ଜଣେ ଯୋଗୀଙ୍କର ଆବିର୍ଭାବ ହେବାର ସେ ସ୍ପଷ୍ଟ ଦେଖିବାକୁ ପାଇଲେ । ତା'ର କିଛି ସମୟ ଉତ୍ତାରୁ ତାଙ୍କ ପାଖରେ ଜଣ ଜଣ ହୋଇ ନଅ ଜଣ ଦେବୀ ପ୍ରତିମା ଆସି ଉଭା ହେଲେ । ସେମାନେ ସମସ୍ତେ ସେହି ପରମଯୋଗୀଙ୍କୁ ଭୂମିଷ୍ଠ ପ୍ରଣାମ କଲାପରେ ଯୋଗୀ ଅଭୟ ମୁଦ୍ରାରେ ଆଶୀର୍ବାଦ ଦେଇ ସ୍ମିତ ହସି ହସି ଆଖି ନଚାଇ କହିଲେ : ଦେବୀ ! ଦେଖ । ଆମ ସନ୍ନିଧିରେ ଆମର ପରମଭକ୍ତ ଏହି ବ୍ରାହ୍ମ ମୁହୂର୍ତ୍ତର ଶୁଭକ୍ଷଣରେ ଉପସ୍ଥିତ । ତୁମେମାନେ ତାଙ୍କର ସହାୟ ହୁଅ ଓ ନିର୍ବିଘ୍ନରେ ତାଙ୍କୁ ତପଶ୍ଚରଣ କରିବାର ସକଳ ସୁବିଧା ଯୋଗାଇ ଦିଅ । ଏବେ ମୋ'ର ସମୟ ଉପନୀତ । ମୁଁ ଏକାମ୍ରବନକୁ ଗମନ କରିବି ଓ ଯଥା ସମୟରେ ଏଠାରେ ଆସି ପୁଣି ଉପନୀତ ହେବି । ଏହାକହି ଯୋଗୀ ଅନ୍ତର୍ଦ୍ଧାନ ହୋଇଗଲେ ଓ ଦେବୀ ମାନଙ୍କ କଲ୍ୟାଣରୁ ସେହି ବଟବୃକ୍ଷ ମୂଳରେ ଆପଣାଛାଏଁ ଗୋଟିଏ ପଥରଚଟାଣ ଓ ଚଟାଣ ଉପରେ ବ୍ୟାଘ୍ରଚର୍ମ, କମଣ୍ଡଳୁ ଓ ଆଶାବାଡ଼ି ଦୃଶ୍ୟମାନ ହେଲା । ସାହସୀ ବୀର ରାଜାଙ୍କ ତନୁମନପ୍ରାଣ ଆନନ୍ଦରେ ପୁଲକିତ ହେଲା ।

ରାଜା ନିକଟରେ ପ୍ରବାହିତ କଳକଳ ନାଦିନୀ ଗିରି ନିର୍ଝରିଣୀରେ ପ୍ରାତକୃତ୍ୟ ଓ ସ୍ନାନାଦି ଶୌଚକର୍ମ ସମାପନାନ୍ତେ ପଥର ଚଟାଣକୁ ଉଠି ବାଘଛାଲରେ ବସି କମଣ୍ଡଳୁଜଳରେ ଆଚମନ କରି ଆଶାବାଡ଼ି ଅବଲମ୍ବନ କରି ତପସ୍ୟା ରତ ହେଲେ । 'ଓଁ ନମଃ ଶିବାୟ !' ଉଚ୍ଚାରଣ ସହିତ ନିମୀଳିତ ଚକ୍ଷୁରେ ସେ ତପଶ୍ଚରଣ କରୁକରୁ ସମାଧିସ୍ଥ ହୋଇଗଲେ । ଦିନ ପରେ ଦିନ, ମାସ ପରେ ମାସ, ବର୍ଷପରେ ବର୍ଷ ବିତିଗଲା । କାଳ ଚକ୍ରର ଆବର୍ତ୍ତନରେ ଯଥାକାଳ ଉପନୀତ ହେଲା । ସେ ଦିନ ଥିଲା ଫାଲଗୁନ ପୂର୍ଣ୍ଣିମା ରଜନୀ । ନିତ୍ୟ ବୃନ୍ଦାବନରେ ନିତ୍ୟ ରାସମୟୀ ରାଧା ଓ ନିତ୍ୟକୃଷ୍ଣଙ୍କର ବସନ୍ତ ରାସର ଶେଷ ରଜନୀ । ରାତି ପ୍ରଭାତ ହେବାକୁ ଅଳ୍ପ ସମୟ ବାକି ଥାଏ । ବ୍ରାହ୍ମ ମୁହୂର୍ତ୍ତ । ଦେବଦେବ ମହାଦେବ ମଞ୍ଚା ଉପରେ ଆବିର୍ଭୂତ ହେଲେ । ରାଜାଙ୍କର ତପସ୍ୟା ଭଗ୍ନ ହେଲା । ଚକ୍ଷୁଉନ୍ମୀଳିତ ହେଲା । ସେ ମଞ୍ଚାସୀନ ଶିବ ମହାପ୍ରଭୁଙ୍କୁ ଦର୍ଶନ କରିବା ମାତ୍ରେ ନତଜାନୁହୋଇ ଭୂମିଷ୍ଠ ପ୍ରଣାମ କଲେ । ତାଙ୍କ କଣ୍ଠରୁ ସ୍ୱତଃ ନିଃସୃତ ହେଲା : ହେ ମଞ୍ଚେଶ୍ୱର ଦେବ ! ଆପଣ ଏ ଅଧମ ସେବକକୁ କଲ୍ୟାଣ କରି ଧନ୍ୟ କରନ୍ତୁ । ଶିବ ମହାଦେବ କହିଲେ : ବତ୍ସ! ତୋର ତପଶ୍ଚର୍ଯ୍ୟାରେ ମୁଁ ଅତୀବ ସନ୍ତୁଷ୍ଟ । ତୋ'ର ଅଭୀଷ୍ଟ ବର ପ୍ରାର୍ଥନା କର । ଅବଶ୍ୟ ଲାଭ କରିବୁ । ରାଜା କହିଲେ : ହେ ଦେବ ମଞ୍ଚେଶ୍ୱର ! ଆପଣ ଏହି ଅଞ୍ଚଳରେ ସବୁଦିନ ପାଇଁ ଅବସ୍ଥାନ କରନ୍ତୁ । ଶିବ କହିଲେ ତଥାସ୍ତୁ । ରାଜା କହିଲେ : ହେ ମଞ୍ଚେଶ୍ୱର ଦେବ ! ପୂର୍ଣ୍ଣିମାରାତ୍ରିର ଅବସାନ ଘଟିଛି । ଆଜି ଚୈତ୍ର ମାସ, କୃଷ୍ଣପକ୍ଷର ପ୍ରତିପଦା ତିଥି । ଆପଣ ଏ ଅଧମ ପୁତ୍ରକୁ ଏତିକି କରୁଣା କରନ୍ତୁ ଯେପରି ଏହି ଅଞ୍ଚଳ ଶୈବ, ଶାକ୍ତ ଓ ବୈଷ୍ଣବ - ଏହି ତିନି ମତରେ ପ୍ରସିଦ୍ଧ ହେବ ଏବଂ ସ୍ୱୟଂ ପୁରୁଷୋତ୍ତମ ଏଠାକୁ ଶୁଭାଗମନ କରି ଏଠାରେ ପ୍ରତିପଦାଠାରୁ ଚତୁର୍ଥୀ ପର୍ଯ୍ୟନ୍ତ ଚାରିଦିନ ପାଇଁ ଯଜ୍ଞାନୁଷ୍ଠାନ କରି ମୋ' କ୍ଷିତି (ଶରୀର ବା ପିଣ୍ଡ) ର ଜ୍ୟୋତିଃ (ଆତ୍ମା)ର ଶାନ୍ତି ବିଧାନ ପାଇଁ ଯଜ୍ଞ ଓ ସତସଙ୍ଗ ଅନୁଷ୍ଠାନ କରି ମୋ'ର ଆତ୍ମାର ଉଦ୍ଧରଣରେ ସହାୟକ ହେବେ । ଶିବ ସ୍ମିତ ହସି ଲଳିତ କୋମଳ କଣ୍ଠରେ

କହିଲେ : ବତ୍ସ ! ତା' ଅବଶ୍ୟହେବ । ସେତେଦିନ ପର୍ଯ୍ୟନ୍ତ ତୁମର ଆତ୍ମା ଏହି ଅଞ୍ଚଳରେ ଅବଶ୍ୟ ଅବସ୍ଥାନ କରୁଥିବ । ଯଥାକାଳରେ ତୁମର ଇଚ୍ଛା ଭଗବାନ କେଶବ ନିଶ୍ଚୟ ପୂର୍ଣ୍ଣ କରିବେ । ସେ ଦାୟିତ୍ୱ ମୋ'ର ଏବଂ ନବ ଦେବୀଙ୍କର । ଶିବ ମଞ୍ଚାସୀନ ଥିଲେ ଏବଂ ମଞ୍ଚାର ନିମ୍ନରେ ନଅଜଣ ଦେବୀ ଆବିର୍ଭୂତ ହେଲେ । ସେମାନଙ୍କ ମଧ୍ୟରୁ ସାତଜଣ ସପ୍ତସତୀ, ଜଣେ ମା' ପାଟଦେବୀ ହାଡ଼ବାଇ ଓ ଅନ୍ୟ ଜଣେ ଗ୍ରାମଦେବତୀ ମା' ଓଗାଳମଣୀ ନାମରେ ଏ ଯାବତ୍ ଏ ଅଞ୍ଚଳରେ ଯଥାବିଧି ପୂଜାର୍ଚ୍ଚନା ପାଇ ଆସୁଛନ୍ତି ।

ଆଜି ସେହି ଶୁଭଦିନ ଉପନୀତ । ତେଣୁ ଏହି ଶୁଭଦିନର ଶୁଭଲଗ୍ନରେ ଚରମପୁରୁଷ ଶ୍ରୀକେଶବଚନ୍ଦ୍ରଙ୍କ ସଦିଚ୍ଛା ଓ ଆଶୀର୍ବାଦରୁ ଏହି ପୁଣ୍ୟଭୂମିରେ କ୍ଷିତିଜ୍ୟୋତିଃ (ଆତ୍ମା) ଶାନ୍ତିଯଜ୍ଞ ସହିତ ସତସଙ୍ଗ ମହୋତ୍ସବ ଯଥାବିଧି ବୈଦିକ ବିଧିବିଧାନ ଅନୁସାରେ ଚାରିଦିନ ପାଇଁ ଅନୁଷ୍ଠିତ ହେଉଅଛି । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚିତ ମାଳିକା, ଗୀତା, ସଂହିତା ଆଦିର ଅପ୍ରକାଶିତ ଅଂଶରୁ କତିପୟ ପଦ୍ଧକ୍ତିଉଦ୍ଧାର ଓ ପୁନରୁଦ୍ଧାର କରି ଏଠାରେ ଏହି କାଳର ସମୁଚିତ ସୂଚନା ଦେବାର ଆବଶ୍ୟକତା ଅଛି -

'ଭୁବନଶତ ସପ୍ତଦଶ ସାଲଯେ ହୋଇବ ପ୍ରବେଶ ।
ବେଦଗ୍ରହରେ ଅଙ୍କ ହେବ ସେ ଅଙ୍କେ ହୋଳିକା ପରବ ।
ମଧୁମାସର କୃଷ୍ଣ ପକ୍ଷ ପ୍ରତିପଦାର ସୂକ୍ଷ୍ମ ଲକ୍ଷ୍ୟ ।
ଚନ୍ଦ୍ରବାସରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞରେ ଆତ୍ମାଶାନ୍ତି ।
କରିବ ଚରମ ପୁରୁଷ ଶୁଣହୋ ଶିଷ୍ୟ ରାମ ଦାସ ।'

ଅଚ୍ୟୁତାନନ୍ଦ ନିଜ ଶିଷ୍ୟ ପ୍ରବର ରାମଦାସଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ, ଭୁବନ (ଚଉଦ)ଶତ (ଶହ), ସପ୍ତଦଶ (ସତର) ସାଲ ପ୍ରବେଶ ହେବ । ଅର୍ଥାତ୍ ୧୪୧୭ ସାଲ ପ୍ରବେଶ ହେବ । ବେଦ (ଚାରି) ଗ୍ରହ (ନଅ) ଅର୍ଥାତ୍ ୪୯ ଅଙ୍କ ହେବ । ଅର୍ଥାତ୍ ଗଜପତି ଦିବ୍ୟସିଂହଦେବଙ୍କର ୪୯ଅଙ୍କ ହେବ । ସେହି ଅଙ୍କ ଓ ସେହି ସାଲର ହୋଲିପର୍ବ ଅର୍ଥାତ୍ ମଧୁମାସ (ଚୈତ୍ରମାସ) କୃଷ୍ଣପକ୍ଷ ପ୍ରତିପଦା ତିଥିରେ, ଚନ୍ଦ୍ରବାସ ଅର୍ଥାତ୍ ସୋମବାରରେ ଚରମପୁରୁଷଠାକୁର ଶ୍ରୀକେଶବଚନ୍ଦ୍ର କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଅନୁଷ୍ଠାନ କରି ରାଜାଙ୍କର ଆତ୍ମାର ଶାନ୍ତିବିଧାନ କରିବେ ।

ପୁଣି ଅନ୍ୟତ୍ର -

'ଏକାଦଶମାସ ଥିବ ଦିନ ଦଶସାତ
ଶିବ ପୂଜନ ବାରରେ ନଥିବ ଆଘାତ ।
ସିଂହରେ ଖେଳିବ ଚନ୍ଦ୍ର ସଉର କୁମ୍ଭରେ
ପ୍ରତିପଦା ପୂର୍ବଫାଲଗୁନୀ ନକ୍ଷତ୍ରରେ ।
ଗଡ଼ସାହି ଠାବରେ ଯେ ଯଜ୍ଞ ଆରମ୍ଭିଣ
ମଞ୍ଚନାଥ ଦେବ ଏଥି ସର୍ବ ପୁରାତନ ।
ଫିଟିବ ଗୁପତଗାଥା ଥୟ ହେବ ପ୍ରାଣ,
ଶାନ୍ତିଯଜ୍ଞ ଆରମ୍ଭିବ ଦେବ ଆର୍ତ୍ତତ୍ରାଣ ।'

ଅର୍ଥାତ୍ : ବର୍ଷର ଏକାଦଶ ମାସ-ବୈଶାଖରୁ ଗଣି ଆସିଲେ ଫାଲ୍‌ଗୁନ ମାସ, ଦଶସାତ (୧୦+୭=୧୭) ଅର୍ଥାତ୍ ସତର ଦିନରେ (ସୂର୍ଯ୍ୟାୟଣମତରେ କୁମ୍ଭ ଦି୧୭ନରେ), ଶିବ ପୂଜନ ବାର ଅର୍ଥାତ୍ ସୋମବାରରେ,

ଚନ୍ଦ୍ର ସିଂହ ରାଶିରେ ଥିବା ସମୟରେ, କୁମ୍ଭରାଶିରେ ସୂର୍ଯ୍ୟ ଥିବା କାଳରେ, ପୂର୍ବ ଫାଲ୍‌ଗୁନୀ ନକ୍ଷତ୍ରରେ, ପ୍ରତିପଦା ତିଥିରେ ଗଡ଼ସାହି (ବର୍ତ୍ତମାନର ନାମ ଚକେଇସିଆଣି) ଗ୍ରାମରେ ମଣ୍ଡନାଥ ଦେବ ନାମକ ସର୍ବପୁରାତନ ଶୈବପୀଠ ଅଞ୍ଚଳରେ ଆର୍ତ୍ତତ୍ରାଣ ଶ୍ରୀବିଷ୍ଣୁ କେଶବ ଶାନ୍ତିଯଜ୍ଞ ଆରମ୍ଭ କରିବେ ଏବଂ ଏ କ୍ଷେତ୍ରର ଗୁପ୍ତଗାଥାର ଗଣ୍ଠି ଫିଟିଯିବ ଓ ତାହା ସର୍ବସାଧାରଣ ଆବାଳବୃଦ୍ଧବନୀତା ଜାଣିଲେ ତାଙ୍କ ପ୍ରାଣ ଅଥୟ ନ ହୋଇ ଥୟ ହେବ । ତେଣୁ, ଏହି ଦିନକୁ ଲକ୍ଷ୍ୟ କରି ଅତି ପୁରାତନ କାଳରେ ଦେବଦେବ ମହାଦେବ ମଣ୍ଡନାଥ ଦେବ ତପଃଚାରୀ ରାଜାଙ୍କୁ ଯଥାକାଳ ବୋଲି ସୂଚନା ଦେଇଥିଲେ ବୋଲି ଆମର ଦୃଢ଼ ମତ ଅଟେ ।

କେବଳ ଏତିକି ନୁହେଁ । ମହାପୁରୁଷ ଅଚ୍ୟୁତଙ୍କର ଚାତୁର୍ଯ୍ୟପୂର୍ଣ୍ଣଠାଉକୁ ତାଙ୍କ ରଚନାରୁ ଠାବ କରି ଏଠାରେ ସଂଯୁକ୍ତ କରାଯାଉଛି -

'ବିଂଶ ବିଂଶ ଅଧ ମସିହା ହେବ, ତିନି ମାସ ବ୍ରହ୍ମତାରିଖ ଥିବ ।
ବେଦ ସଂଖ୍ୟା ଦିନ ଧରି ଚାଲିବ, କେତେ ଗୋପନ କଥାକୁ ଖୋଲିବ ।'

ବିଂଶ (୨୦) ବିଂଶ ଅଧା (୧୦) ମସିହା ଅର୍ଥାତ୍ ୨୦୧୦ ମସିହା ହେବ । ତିନିମାସ କହିଲେ ମାର୍ଚ୍ଚମାସ, ବ୍ରହ୍ମ (ଏକ) ତାରିଖ ଥିବ । ଅର୍ଥାତ୍ ୨୦୧୦ ମସିହା ମାର୍ଚ୍ଚ ମାସର ଏକ ତାରିଖରେ ଯଜ୍ଞ ବେଦସଂଖ୍ୟା (୪) ଦିନ ଧରି ଚାଲିବ, ଅର୍ଥାତ୍ ଏକ ତାରିଖରୁ ଚାରି ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଏହି ଅନୁଷ୍ଠାନ ଚାଲିବ ଓ ତଦ୍ୱାରା ଅନେକ ଗୋପନକଥା ଶ୍ରୁତିଗୋଚର ହେବ । ଆଜି ଅଚ୍ୟୁତଙ୍କ ରଚନାର ସତ୍ୟତା ପ୍ରତିପାଦିତ ହେଉଅଛି ।

ସୁଧୀଜନ! ଏବେ ଗୋଟିଏ ପ୍ରସଙ୍ଗରେ ସାମାନ୍ୟ ସୂଚନା ଦେଇ ଏହା ସମାପ୍ତ କରାଯାଉଛି । ଏ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଓ ସତସଙ୍ଗ ମହୋତ୍ସବ ଅନୁଷ୍ଠାନରେ ସ୍ୱୟଂ ଠାକୁର ଶ୍ରୀକେଶବଚନ୍ଦ୍ର ଉପସ୍ଥିତ ରହି ସମବେତ ଜନତାକୁ କରୁଣା ଓ କଲ୍ୟାଣ କରିବେ । ସେଥି ନିମନ୍ତେ ସେ ସପ୍ତଫଣୀ ନାଗ ଆସନରେ ଉପବେଶନ କରିବେ । ଏହାର ତାତ୍ପର୍ଯ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୀଠରେ ପଦ୍ମପୁଷ୍ପ ଆକୃତିର ଆସନ ଉପରେ କୁଣ୍ଡଳାକାରରେ ରହି ସାତଗୋଟି ଫଣାଯୁକ୍ତ ନାଗ ଫଣାଟେକି ରହିଥିବ । ପ୍ରଭୁପାଦ ଠାକୁର ଶ୍ରୀକେଶବଚନ୍ଦ୍ର ତହିଁରେ ବିଜେ ହୋଇ ଉପବେଶନ କରିବେ । ଏହା ଏକ ସାଙ୍କେତିକ ଆସନ । ଏହା ଏହି ସଙ୍କେତ ଦିଏ ଯେ, ନାଗ ସର୍ପ ଅର୍ଥାତ୍ କାଳ । ସପ୍ତଫଣାର ଅର୍ଥ ସପ୍ତ କାଳ । ସପ୍ତକାଳ ଉପରେ ବସି ମହାକାଳ ଜଗତକୁ କାଳର କରାଳ ସପ୍ତକବଳରୁ ରକ୍ଷା କରିବାର ଗୁରୁଦାୟିତ୍ୱ ବହନ କରିବେ ଓ ସମଗ୍ର ବିଶ୍ୱର ଅଶେଷ କଲ୍ୟାଣ ସାଧନ କରିବେ । ଯେଉଁମାନେ ଜାତିଧର୍ମ ବର୍ଣ୍ଣ ଆଦିର ବୈଷମ୍ୟ ମୁକ୍ତ ହୋଇ ନିରହଂକାର ଓ ନିଷ୍କପଟ ମନପ୍ରାଣହୃଦୟରେ ଶରଣାଗତ ହୋଇ ଚରଣାଶ୍ରିତ ହେବେ ସେମାନେ କାଳର କରାଳ ଦାଉରୁ ସୁରକ୍ଷିତ ହୋଇ ରହିବେ ହିଁ ରହିବେ - ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ ! ଓଷଧୟଃ ଶାନ୍ତିଃ !
ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ ! ବ୍ରହ୍ମ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ !
ସା ମା ଶାନ୍ତିରେଧି !!
ଓଁ ଶାନ୍ତିଃ ! ଓଁ ଶାନ୍ତିଃ ! ଓଁ ଶାନ୍ତିଃ !!
ଶ୍ରୀକେଶବାର୍ପଣମସ୍ତୁ !!!

କ୍ଷିତିଜ୍ୟୋତିଃ ଆଶ୍ରମ,
ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ,
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି : କଟକ ।।

ତା ୧।୩।୨୦୧୦ରିଖ
ସୋମବାର

# ଆଶ୍ରମ ସନ୍ଦେଶ

ତା ୦୬.୧୦.୨୦୦୯ : ଅନ୍ତେଇ ନିରଞ୍ଜନ ପଣ୍ଡାଙ୍କ ପାରିବାରିକ ସତ୍‌ସଙ୍ଗ ପାଳନ ହୋଇଯାଇଅଛି ।

ତା ୨୮.୧୦.୨୦୦୯ : ପାତ୍ର ଭାଗ (ଢେଙ୍କାନାଳ) ଗ୍ରାମରେ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୩୦.୧୦.୨୦୦୯ : ଚକେଇସିଆଣିଠାରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା

ତା ୦୪.୧୧.୨୦୦୯ : ପୋଡ଼ାଙ୍ଗ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରଯାଇଥିଲା ।

ତା ୦୮.୧୧.୨୦୦୯ : ଗୋପାଳପୁରଠାରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୬.୧୧.୨୦୦୯ ଠାରୁ
ତା ୧୭.୧୧.୨୦୦୯ ପର୍ଯ୍ୟନ୍ତ : ବାରଗାଡ଼ିଆ ଠାରେ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୮.୧୧.୨୦୦୯ : ବାଲିଆପଦାଠାରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୨.୧୨.୨୦୦୯ : ସିପୁରା କାଶିନାଥ ଭାଇଙ୍କ ତିଳତର୍ପଣ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୨.୧୨.୨୦୦୯ : ବେଲରପା ନିରଞ୍ଜନ ମହାରଣାଙ୍କ ତିଳତର୍ପଣ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୩.୧୨.୨୦୦୯ : ବଡ଼ଘାଗରା (ଇନ୍ଦୁପୁର) ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୬.୧୨.୨୦୦୯ : ଗରିଳଙ୍ଗ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୬.୧୨.୨୦୦୯ : ବମକେଇ (ଗଞ୍ଜାମ)ଠାରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୧.୦୧.୨୦୧୦ : ଝାଡ଼େଶ୍ୱରପୁରରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୩.୦୧.୨୦୧୦ : ସତ୍ୟବିହାର (ଭୁବନେଶ୍ୱର)ଠାରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୦.୦୧.୨୦୧୦ : ବଟିରାଠାରେ କେତନ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୨.୦୧.୨୦୧୦ : ପାଣ୍ଡବ ନଗର (ଭୁବନେଶ୍ୱର)ରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୬.୦୧.୨୦୧୦ : ଖଇରାଠାରେ ବାର୍ଷିକ କେତନ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୮.୦୧.୨୦୧୦ : ସ୍ୱ ଉପେନ୍ଦ୍ର ଭାଇଙ୍କ ତିଳତର୍ପଣ ମହୋତ୍ସବ ସ୍ୱର୍ଣ୍ଣକ୍ଷେତ୍ରରେ ପାଳନ କରାଯାଇଥିଲା ।

ତା ୩୦.୦୧.୨୦୧୦ : ବାଲିଚନ୍ଦ୍ରପୁର ଶାଖାରେ କେତନ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୩୧.୦୧.୨୦୧୦ : ବାଙ୍କେଶ୍ୱର ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୨.୦୨.୨୦୧୦ : ବାଖରାବାଦ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୩.୦୨.୨୦୧୦ : ଦୁମୁକାହାଟ (ଡେରାବିଶ) ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୫.୦୨.୨୦୧୦ : ସି.ଡି.ଏ ପ୍ରଫୁଲ୍ଲ ମହାନ୍ତିଙ୍କ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୭.୦୨.୨୦୧୦ : କୁଳସାହି (ଇନ୍ଦୁପୁର) ଶାଖାରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୬.୦୨.୨୦୧୦ : ପଲ୍ଲେଇ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୧.୦୨.୨୦୧୦ : ବାଲିସମଳା ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୨.୦୨.୨୦୧୦ : ପଞ୍ଚାମୁଣ୍ଡାଇ ଠାରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୬.୦୨.୨୦୧୦ : ରାଣିପଡା (ଗୋବିନ୍ଦପୁର) ଗ୍ରାମରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୭.୦୨.୨୦୧୦ : ଦକ୍ଷିଣ ଉକ୍ଷୁମା ଗ୍ରାମରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୧.୦୩.୨୦୧୦ : ପଙ୍କପାଳ (ଜଗତସିଂହପୁର) ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୧.୦୩.୨୦୧୦ ଠାରୁ
ତା ୦୪.୦୩.୨୦୧୦ ପର୍ଯ୍ୟନ୍ତ : ଚକେଇସିଆଣି (ଶ୍ରୀରାମନଗର) ଶାଖା ପରିସରରେ ଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୫.୦୩.୨୦୧୦ : ଯଦୁପୁର ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୭.୦୩.୨୦୧୦ : ନାନପୁର ମଠ ପରିସରରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୩.୦୩.୨୦୧୦ : ମାର୍ସାଘାଇ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୬.୦୩.୨୦୧୦ : ବେତାଳି ଗାଁ (ଭଦ୍ରକ) ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୮.୦୩.୨୦୧୦ : କୋଷିଦାମାହାଙ୍ଗା ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୦.୦୩.୨୦୧୦ : ଢିଅବଳରାମପୁର ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୨୧.୦୩.୨୦୧୦ : ବଜ୍ରାରଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୦୬.୦୪.୨୦୧୦ : ହାତୀଆମାଣିତ୍ରୀ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୧.୦୪.୨୦୧୦ : ରାଇବୋଲ (ଜମପଡା) ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

ତା ୧୪.୦୪.୨୦୧୦ : ମହାବିଷୁବ ସଂକ୍ରାନ୍ତି, ଠାକୁ'ମା ସୁକାନ୍ତି ଦେବୀଙ୍କ ଜନ୍ମ ଜୟନ୍ତୀ ପାଳନ ଉପଲକ୍ଷେ ସତ୍‌ସଂଗ ମହୋତ୍ସବ ''ମାତୃ ବନ୍ଦନା ସଂଗଠନ'' ଆନୁକୂଲ୍ୟରେ ସ୍ୱର୍ଣ୍ଣକ୍ଷେତ୍ରରେ ପାଳନ କରାଯାଇଥିଲା । ସାହାଯ୍ୟ ସହଯୋଗର ସହ ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

ତା ୧୬.୦୪.୨୦୧୦ : ଚକେଇସିଆଣୀ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା ।

| | |
|---|---|
| ତା ୧୮.୦୪.୨୦୧୦ : | ପଦ୍ମପୁର (ବଟିରା) ଠାରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୦.୦୪.୨୦୧୦ : | ବାଇଲମା (ସୁନ୍ଦରଗଡ) ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୫.୦୪.୨୦୧୦ : | ବଲ୍ଲାରପୁର (ପଟ୍ଟାମୁଣ୍ଡାଇ) ଗ୍ରାମରେ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୭.୦୪.୨୦୧୦ : | ବଡ଼ଗରିଜଙ୍ଗ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୦୩.୦୫.୨୦୧୦ : | ହଳଦିଆ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୧୫.୦୫.୨୦୧୦ : | ବେରୁହାଁ ଗ୍ରାମରେ ଆଞ୍ଚଳିକ ବାର୍ଷିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୧୬.୦୫.୨୦୧୦ : | ଅକ୍ଷୟ ତୃତୀୟା : ପରିଷଦ ତଥା ସଂଘର ପ୍ରତିଷ୍ଠା ଦିବସ ପାଳନ, ସନାତନ କେତନର ଜନ୍ମଜୟନ୍ତୀ ଉତ୍ସବ ଓ ଚନ୍ଦନ ଯାତ୍ରା ପାଳନ କରାଯାଇଥିଲ । |
| ତା ୧୮.୦୫.୨୦୧୦ : | ବଡପାଳଦା ଶାଖାର ବାର୍ଷିକ କେତନ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୧୯.୦୫.୨୦୧୦ : | ନିଶ୍ଚିନ୍ତକୋଇଲି ବାର୍ଷିକ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୨.୦୫.୨୦୧୦ : | ଗହରନଗର ଗ୍ରାମରେ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୫.୦୫.୨୦୧୦ : | ଶାଧୁସାହି (କୁଜିଆ କେନ୍ଦ୍ର) କେତନ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୬.୦୫.୨୦୧୦ : | ବାଲିଭର୍ତ୍ତିରି ଗ୍ରାମରେ ବାର୍ଷିକ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୩୧.୦୫.୨୦୧୦ : | ଉଦୟପୁର (କେନ୍ଦୁଝର) ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୧୦.୦୬.୨୦୧୦ ଠାରୁ ତା ୧୫.୦୬.୨୦୧୦ ପର୍ଯ୍ୟନ୍ତ : | ଦେଓଗାଁ (ରାଉରକେଲା) ଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସତସଂଗ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୧୨.୦୬.୨୦୧୦ : | ସାବିତ୍ରୀ ଅମାବାସ୍ୟା - ସ୍ୱର୍ଣ୍ଣକ୍ଷେତ୍ର ଆଶ୍ରମ ପରିସରରେ ଭଉଣୀମାନଙ୍କ ସାବିତ୍ରୀ ବ୍ରତ ଉପାସନା ପାଳନ କରାଯାଇଥିଲା । |
| ତା ୧୭.୦୬.୨୦୧୦ : | ବସୁମତୀ ସ୍ନାନ - ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା । |
| ତା ୨୬.୦୬.୨୦୧୦ : | ଯୋବ୍ରା ପ୍ରଫୁଲ୍ଲ ଭାଇଙ୍କ ବାର୍ଷିକ ଗୀତାଯଜ୍ଞ । |
| ତା ୨୬.୦୬.୨୦୧୦ ଠାରୁ ତା ୨୭.୦୬.୨୦୧୦ ପର୍ଯ୍ୟନ୍ତ : | ଟାଙ୍ଗରାଣୀ (ଝୁମ୍ପୁରା) ଠାରେ କେନ୍ଦୁଝର ସତ୍‌ସଙ୍ଗ ମହୋତ୍ସବ ଓ ନୂତନ ଶାଖା ଗୃହ ପ୍ରତିଷ୍ଠା ପାଳନ କରାଯାଇଥିଲା । |
| ତା ୧୩.୦୭.୨୦୧୦ : | ଆଷାଢ଼ ଦ୍ୱିତୀୟା - ଶ୍ରୀଗୁଣ୍ଡିଚା - ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ପାଳନ କରାଯାଇଥିଲା । |

| | |
|---|---|
| ତା ୧୪.୦୭.୨୦୧୦ : | ଶମିଗଡିଆ (ଚକେଇସିଆଣୀ) ଗ୍ରାମରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ପାଳନ କରାଯାଇଥିଲା । |
| ତା ୧୭.୦୭.୨୦୧୦ : | କର୍କଟ ସଂକ୍ରାନ୍ତି - ଅବଧୂତ ସନ୍ନ୍ୟାସୀ କାରଣ ଯୋଗୀ ସୁଦର୍ଶନ ଦାସଙ୍କ ମହାପ୍ରୟାଣ ଦିବସ (ଶ୍ରାଦ୍ଧ ମହୋତ୍ସବ ତିଥି) ପାଳନ କରାଯାଇଥିଲା । |
| ତା ୧୮.୦୭.୨୦୧୦ : | ପର୍ଶୁରାମାଷ୍ଟମୀ-ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମାଚାର୍ଯ୍ୟ 'ଯତିଶଦା'ଙ୍କ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୮.୦୭.୨୦୧୦ : | କୃଷ୍ଣ ଦ୍ୱିତୀୟା - ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତି ଆଶ୍ରମ ଦ୍ୱାରା କାନପୁର (ସୁଙ୍କୁଡ଼ା) ଠାରେ ଯାଦବ ଭାଇଙ୍କ ବାର୍ଷିକ ତିରୋଧାନ ତିଥି ମହୋତ୍ସବ ପାଳନ କରାଯାଇଥିଲା । |
| ତା ୨୪.୦୮.୨୦୧୦ : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀପାଦୁକାସ୍ନାନ ଓ ବନ୍ଦନା ଉତ୍ସବ, ମହାମନ୍ତ୍ର ସହ ସ୍ନାନମଣ୍ଡପକୁ ଶ୍ରୀ କଳସ ଯାତ୍ରା, ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା । |
| ତା ୧୬.୦୯.୨୦୧୦ : | ତାଳନବମୀ - ପ୍ରତ୍ୟେକ ଶାଖାରେ ସାପ୍ତାହିକ ଭାଗବତ ପାଠ ପାଇଁ ଅପରାହ୍ନରେ ଶ୍ରୀକଳସ ଶୋଭାଯାତ୍ରା ଓ ଶୁଭାଧିବାସ ପୂଜାର୍ଚ୍ଚନା କରାଯାଇଥିଲା । |
| ତା ୧୭.୦୯.୨୦୧୦ : | ସାତଦିନ ବ୍ୟାପି ପ୍ରତ୍ୟେକ ଶାଖାରେ ତା ୨୩ ଗୁରୁବାର ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ପାଠ ଓ ନିତ୍ୟ ନୈମିତିକ ପୂଜାର୍ଚ୍ଚନା । ମଧ୍ୟାହ୍ନ ଖେଚୁଡ଼ି ଧୂପ କରାଯାଇଥିଲା । |
| ତା ୨୩.୦୯.୨୦୧୦ : | ଭଦ୍ରୋତ୍ସବ ପୂର୍ଣ୍ଣିମା - ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ୫୬ତମ ମର୍ତ୍ତ୍ୟାବତରଣ ତିଥି ମହୋତ୍ସବ ପାଳନ କରାଯାଇଥିଲା । ପ୍ରତ୍ୟେକ ଶାଖାରେ ସାପ୍ତାହିକ ଭାଗବତ ପାଠ ବିରତି, ଦିବସବ୍ୟାପୀ ମହାମନ୍ତ୍ର ସଂକୀର୍ତ୍ତନ । ଅପରାହ୍ନ ଭଜନ କାର୍ଯ୍ୟକ୍ରମ ଓ ସଂଧ୍ୟା ସତସଂଗ । ସ୍ୱର୍ଣ୍ଣକ୍ଷେତ୍ରରେ ଆବିର୍ଭାବ ମହୋତସବ ପାଳନ ଉପଲକ୍ଷେ ଶ୍ରୀକଳସ ଶୋଭାଯାତ୍ରା ଓ ଶୁଭାଧିବାସ ପୂଜାର୍ଚ୍ଚନା କରାଯାଇଥିଲା । କଟିକଟା ଶାଖାର ବାର୍ଷିକ କେତନ ତିଥି ମହୋତ୍ସବ ପାଳନ ।<br>୯ଦିନ ବ୍ୟାପି ଆବିର୍ଭାବ ମହୋତ୍ସବ ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଗୁରୁସ୍ୱାମୀଙ୍କର ଜନ୍ମବାସର ପୂଜା ଓ ତଦ୍ ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦିଅନାଦି ପୂଜନ ଯଥାବିଧି ପାଳନ ହୋଇଯାଇଅଛି । ଦିବସବ୍ୟାପୀ ଯଜ୍ଞାନୁଷ୍ଠାନ ଓ ସନ୍ଧ୍ୟାରେ ସାଂସ୍କୃତିକ ମହୋତ୍ସବ ପାଳନ କରାଯାଇଥିଲା । |
| ତା ୦୧.୧୦.୨୦୧୦ : | ଆବିର୍ଭାବ ମହୋତ୍ସବ ଯଜ୍ଞର ପୂର୍ଣ୍ଣାହୁତି କରାଯାଇ ସାନ୍ଧ୍ୟ ଅବକାଶରେ ସତ୍ୟନାରାୟଣ ପୂଜା ଓ ଶିରିଣି ପଣା ବଣ୍ଟନ କରାଯାଇଥିଲା । |

ଆମର ଲକ୍ଷ୍ୟ : ଚରମପ୍ରାପ୍ତି